

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-25 ◆SUNDAY ◆19 JULY 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୨୫ ◆ରବିବାର ◆୧୯ ଜୁଲାଇ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ଆଜି 'ଫିଫା' ମହାମୁକାବିଲା

■ ନ୍ୟୁୟର୍କ, ୧୮।୭ (ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ୪୮ଟି ଦେଶକୁ ନେଇ ଗତ ୩୮ ଦିନ ହେବ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଅନ୍ତିମ ଚରଣରେ ପହଞ୍ଚିଛି। ରବିବାର ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଏହି ହାଇଭୋଲଟେଜ ମୁକାବିଲା ଅନୁଷ୍ଠିତ ହେବ। ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମରେ ରାତି ୧୨ଟା ୩୦ରେ ଆରମ୍ଭ ହେବାକୁ ଥିବା ଏହି ମହାମୁକାବିଲାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ରହିଛି। ବିଶେଷ କରି ଆର୍ଜେଣ୍ଟିନା ସୁପରଷ୍ଟାର୍ ଲିଓନେଲ ମେସିଙ୍କ ବିଦାୟୀ ବିଶ୍ୱକପ୍‌ର ଶେଷ ଝଲକ ଦେଖିବାକୁ ଫୁଟବଲ୍‌ପ୍ରେମୀ ଚାହିଁରହିଛନ୍ତି। ଆର୍ଜେଣ୍ଟିନା ଟିମ୍ ମଧ୍ୟ ନିଜ ଅଧିନାୟକ ମେସିଙ୍କୁ ବିଶ୍ୱକପ୍ ଭେଟି ଦେଇ ଏହାକୁ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛି।



ଯଦି ରବିବାର ସ୍ପେନକୁ ପରାସ୍ତ କରେ ତେବେ ଆର୍ଜେଣ୍ଟିନା ମୋଟ୍ ଉପରେ ୪ର୍ଥ ଓ କ୍ରମାଗତ ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ପରିଧାନ କରିବ। ଆର୍ଜେଣ୍ଟିନା ସର୍ବପ୍ରଥମେ ଲାଗି ୧୯୭୮ରେ ଚାମ୍ପିଅନ ହୋଇଥିଲା। ଏହାପରେ ୧୯୮୬ ଓ ଗତ ୨୦୨୨ ସଂସ୍କରଣରେ ଟାଇଟଲ୍ ହାସଲ କରିଥିଲା। ଅପରପକ୍ଷରେ ୨୦୨୪ ୟୁରୋକପ୍ ଚାମ୍ପିଅନ ସ୍ପେନ ୧୬ ବର୍ଷ ପରେ ଇତିହାସ ରଚିବା ଲକ୍ଷ୍ୟରେ ରହିଛି। ଯଦି ସ୍ପେନ ବିଜୟୀ ହୁଏ ତେବେ ଦ୍ୱିତୀୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବ। ପ୍ରଥମ ଓ ଶେଷଥର ଲାଗି ସ୍ପେନ ୨୦୧୦ରେ ଚାମ୍ପିଅନ ହୋଇଥିଲା। ଆସନ୍ତାକାଲି ଯେଉଁ ଦଳ ଚାମ୍ପିଅନ ହେବ ଟ୍ରଫି ସହ ୪୮୧ କୋଟି ଟଙ୍କା ପାଇବ। ସେହିଭଳି ଉପବିଜେତା ଦଳକୁ ୩୧୭ କୋଟି ଟଙ୍କା ମିଳିବ।

# ଜନ୍ମବେଦୀରେ ବିଶ୍ୱନିୟନ୍ତା

■ ପୁରୀ, ୧୮।୭ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଜନ୍ମବେଦୀରେ ବିରାଜମାନ କରିଛନ୍ତି। ବଡ଼ଦାଣ୍ଡରେ ଦୁଇରାତି ଓ ଦୁଇଦିନ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବା ପରେ ଶନିବାର ସନ୍ଧ୍ୟାରେ ଗୋଟିପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ବିଶ୍ୱନିୟନ୍ତା। ରବିବାରଠୁ ଜନ୍ମବେଦୀରେ ଆରମ୍ଭ ହେବ ଲୀଳାମୟଙ୍କ ଗୁଣ୍ଡିଚା ଲୀଳା। ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବ ଦର୍ଶନ ଦ୍ୱାର, ଆଉ ମିଳିବ ସବୁଠୁ ବଡ଼ ପ୍ରସାଦ ଆଡ଼ପ ଅବଢ଼ା। ଆସନ୍ତା ୨୪ ତାରିଖରେ ପୁଣି ବାହୁଡ଼ିବେ ଭକ୍ତବତ୍ସଳ। ତା' ପୂର୍ବରୁ ଜନ୍ମବେଦୀରେ ବସି ଦୁନିଆର ସବୁ ଦୁଃଖ ଶୁଣିବେ ମହାପ୍ରଭୁ।

## ଆଜିଠୁ ମିଳିବ ଆଡ଼ପ ଅବଢ଼ା

ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳାସାଆନ୍ତ। ବର୍ଷାଭିଜା ପାଗରେ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଟାଣିଥିଲେ ରଥ। ହେଲେ ଏ ବର୍ଷ ରଥ ବେଶି ବାଟ ଗଡ଼ିପାରି ନ ଥିଲେ। ବଡ଼ଦାଣ୍ଡର ମାର୍କେଟ ଛକରେ ତାଳଧ୍ୱଜ ରଥ, ମରିଚିକୋଟରେ ଦର୍ପଦଳନ ରଥ ଏବଂ ସିଂହଦ୍ୱାରରେ ହିଁ ଅଟକି ରହିଥିଲା ନନ୍ଦିଘୋଷ ରଥ। ଶୁକ୍ରବାର ସକାଳ ୯ଟା ୪୦ରେ ପୁନଶ୍ଚ ରଥ ଟଣାଯାଇଥିଲା। ଅପରାହ୍ଣ ୨ଟା ୫୦ ସୁଦ୍ଧା ତିନିରଥ ଶରଧାବାଲିରେ ପହଞ୍ଚିଥିଲେ। ଦୁଇରାତି ଓ ଦୁଇଦିନ ରଥ ଉପରେ ହିଁ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳ ସାଢ଼େ ୭ଟାରୁ ୭ଟା ୪୦ମଧ୍ୟରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ରଥ ଉପରେ ଠାକୁର ଥିବାବେଳେ ଖଇ, କୋରା, ଶଙ୍ଖକୋରା, ଫଳମୂଳ ଭୋଗ ଲାଗି କରାଯାଇଥିଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ଣ ୩ଟା ୧୫ ମଧ୍ୟରେ ଶେଷ ହୋଇଥିଲା। ଏହାପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ସକାଳେ ଅସରାଏ ବର୍ଷା ପରେ ପାଗ ବେଶ୍ ଅନୁକୂଳ ଥିଲା। ଖରା ନ ଥିଲା, ଆକାଶ ମେଘାଛନ୍ନ ରହିଥିଲା। ଏହାପରେ ଆରମ୍ଭ ହୋଇଥିଲା ପହଣ୍ଡି ପାଇଁ ପ୍ରକ୍ରିୟା। ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧାଯାଇଥିଲା। ଏହାପରେ ସନ୍ଧ୍ୟା ୭ଟା ୪୦ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳୀ। ସନ୍ଧ୍ୟା ୭ଟା ୪୫ଆରମ୍ଭ ହୋଇଥିଲା ପହଣ୍ଡି। ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ। ▶ପୃଷ୍ଠା-୭



ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି

# ଗଗନ ଛୁଇଁଲା ବିକ୍ରମ-୧

## ମହାକାଶରେ ଇତିହାସ ରଚିଲା ଭାରତ

■ ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ଭାରତ ବେସରକାରୀ ମହାକାଶ କ୍ଷେତ୍ରରେ ଆଜି ଏକ ନୂଆ ଇତିହାସ ରଚନା କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଦେଶର ପ୍ରଥମ ଘରୋଇ କକ୍ଷପଥ-ଶ୍ରେଣୀ ରକେଟ୍ 'ବିକ୍ରମ-୧'ର ସଫଳ ଉତକ୍ଷେପଣ କରାଯାଇଛି। ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ନିର୍ମିତ ଏହି ରକେଟ୍ ନିଜର ପ୍ରଥମ ପ୍ରୟାସରେ ହିଁ ଲକ୍ଷ୍ୟ ହାସଲ କରିବା ସହ ଉପଗ୍ରହଗୁଡ଼ିକୁ ସଫଳତାର ସହ ସ୍ଥାପିତ କରିଛି। 'ମିସନ ଆଗମନ' ନାମରେ ନାମିତ ଏହି ଐତିହାସିକ ଅଭିଯାନ ଭାରତକୁ ବିଶ୍ୱର ସେହି ଆଙ୍ଗୁଠି ଗଣତି ଦେଶଗୁଡ଼ିକ ମଧ୍ୟରେ ସାମିଲ କରିଛି, ଯେଉଁଠାରେ ବାଣିଜ୍ୟିକ କମ୍ପାନୀଗୁଡ଼ିକ ସ୍ୱାଧୀନ ଭାବେ ରକେଟ୍ ନିର୍ମାଣ ଓ ଉତ୍କ୍ଷେପଣ କରିବାରେ ସକ୍ଷମ ହୋଇଛନ୍ତି।

ପ୍ରାୟ ସାତ ମହଲା ବିଶିଷ୍ଟ ଏହି ବିକ୍ରମ-୧ ରକେଟ୍ ସମ୍ପୂର୍ଣ୍ଣ ରୂପେ କାର୍ବନ କମ୍ପୋଜିଟ୍ ଦ୍ୱାରା ନିର୍ମିତ ଏବଂ ଏହା ଏକ ବହୁ-ସ୍ତରୀୟ ଉତକ୍ଷେପଣ ଯାନ। ଏହା ପୃଥିବୀର ନିମ୍ନ କକ୍ଷପଥକୁ ୩୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ପଠାଇବାକୁ ସକ୍ଷମ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ରକେଟ୍‌ରେ ବ୍ୟବହୃତ ପ୍ରଣୋଦନ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଉତକ୍ଷେପଣ ସମୟରେ ଏକ ସାମାନ୍ୟ ବୈଷୟିକ ବିଳମ୍ବ ଘଟିଥିଲେ ହେଁ, ▶ପୃଷ୍ଠା-୭



## ପ୍ରଥମ ପ୍ରୟାସରେ ଘରୋଇ ରକେଟ୍‌ର ସଫଳ ଉତ୍କ୍ଷେପଣ



# ୱାଙ୍ଗ୍‌ଚୁକ୍‌ଙ୍କୁ ଉଠାଇନେଲା ପୁଲିସ

■ ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ନିଟ୍ ବିଭ୍ରାଟ ପ୍ରତିବାଦରେ ଦୀର୍ଘ ୨୦ଦିନ ଧରି ଜନ୍ତରମନ୍ତରରେ ଆମରଣ ଅନଶନରେ ବସିଥିବା ବିଶିଷ୍ଟ ସମାଜସେବୀ ସୋନମ ୱାଙ୍ଗଚୁକଙ୍କୁ ପୁଲିସ ଆଜି ସକାଳେ ଜବରଦସ୍ତ ଉଠାଇନେଇ ସଫଦରଜଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରିଛି। ଏହାକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ସେ ଯେଉଁ ଦାବିରେ ଅନଶନ ଚଳାଇଛନ୍ତି, ସେସଂପର୍କରେ ତାଙ୍କ ସହ ଆଲୋଚନା ନକରି ସରକାର ତାଙ୍କୁ ଯେପରି ଭାବରେ ବଳପ୍ରୟୋଗ କରି ମେଡିକାଲରେ ଭର୍ତ୍ତି କଲେ, ବିଭିନ୍ନ ଦଳ ଓ ସଂଗଠନ ତାହାର ନିନ୍ଦା କରିଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନର ବିରୋଧ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଅନଶନ ଜାରି ରଖିବ ▶ପୃଷ୍ଠା-୭

## ହସପିଟାଲରେ ଭର୍ତ୍ତି; ଚିକିତ୍ସା ପାଇଁ ଅମଙ୍ଗ

# 'ଲହରୀ'କୁ ଜାତୀୟ ପୁରସ୍କାର

■ ଭୁବନେଶ୍ୱର, ୧୮।୭ (ସମିସ): ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ୨୦୨୪ ମସିହା ପାଇଁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ପ୍ରମାଣିତ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ବିଚାର କରାଯାଇଥିଲା। ସାରା ଦେଶରୁ ପ୍ରବେଶ ସମୀକ୍ଷା କରିବା ପରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଜୟରାଜଙ୍କ ନେତୃତ୍ୱରେ ୧୧ଜଣିଆ ଜୁରି ସଦସ୍ୟଙ୍କ ଦ୍ୱାରା ବିଜେତାମାନଙ୍କୁ ଚୟନ କରାଯାଇଥିଲା। ଝିଲିକ୍ ମୋସନ୍ ପିକ୍‌ଚର ବ୍ୟାନର୍‌ରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଦେଇଥିବା ବେଳେ ଝିଲିକ୍ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଛନ୍ତି। ▶ପୃଷ୍ଠା-୭




## ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ମନୋନୀତ

## ଅଭିନନ୍ଦନ ଜଣାଇଲେ ନବୀନ

# ବାଣ କାରଖାନାରେ ବିସ୍ଫୋରଣ; ୯ ମୃତ, ୧୦ରୁ ଅଧିକ ଆହତ

■ ଅହମଦାବାଦ, ୧୮।୭ (ଏଜେନ୍ସି): ଗୁଜରାଟର ଅହମ୍ମଦାବାଦ ଅନ୍ତର୍ଗତ ରାମୋଲ-ଗାତ୍ରଦ ରୋଡ୍‌ରେ ଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମେହୁଲ ଦୋଦିଆ ନାମକ ଜଣେ ବ୍ୟକ୍ତି ଏହି କାରଖାନା ଚଳାଉଥିଲେ। ପୂର୍ବରୁ ଏହାର ଲାଇସେନ୍ସ ବାତିଲ କରାଯାଇଥିଲେ ମଧ୍ୟ ସେଠାରେ ବେଆଇନ ଭାବେ ବାଣ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିଲା। ତେବେ ଆଜି କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି ପୁଲିସ ଅଧିକାରୀ କହିଛନ୍ତି। ଏହି ମାମଲାରେ ପୁଲିସ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ୍ୟ ମୃତକଙ୍କ ପରିବାର ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

# ପାଖାପାଖି ହେବ ପୌର, ପଞ୍ଚାୟତ ଭୋଟ୍

## ୨୧ରେ ଜିଲ୍ଲାପାଳଙ୍କ ସହ ନିର୍ବାଚନ ଆୟୋଗଙ୍କ ବୈଠକ

■ ଭୁବନେଶ୍ୱର, ୧୮।୭ (ସମିସ): ରାଜ୍ୟ ନିର୍ବାଚନ କମିସନ ଉଭୟ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ପାଖାପାଖି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଆସନ୍ତାବର୍ଷ ଏପ୍ରିଲ କିମ୍ବା ମେ' ମାସରେ ରାଜ୍ୟରେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ହୋଇପାରେ। ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିଜର ପ୍ରସ୍ତୁତି ପୂର୍ବକ ରାଜ୍ୟର ୩୫ଟି ନବଗଠିତ ପୌରାଞ୍ଚଳ ଅଧକ୍ଷ ପଦବୀ ସଂରକ୍ଷଣ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୨୧ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ଜିଲ୍ଲାପାଳଙ୍କ ସହ ଆଗାମୀ ନିର୍ବାଚନ ଆୟୋଜନ ପ୍ରସ୍ତୁତି ନେଇ ବୈଠକରେ ବ୍ୟାପକ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ୩୫ଟି ପୌରାଞ୍ଚଳ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶ ସହ ଶନିବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି ଯେ ଆସନ୍ତା ଅକ୍ଟୋବର ମାସରୁ ଇଲେକ୍ଟୋରାଲ୍ ରୋଲ୍ ବା ଭୋଟର ତାଲିକା ପ୍ରସ୍ତୁତି କାମ ଆରମ୍ଭ ହେବ। ଆସନ୍ତାବର୍ଷ ମାର୍ଚ୍ଚ ମାସରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ଏପ୍ରିଲ କିମ୍ବା ମେ' ମାସ ଆଡ଼କୁ ରାଜ୍ୟରେ ଭୋଟ୍ ଗ୍ରହଣ କରାଯିବ। ତେବେ ରାଜ୍ୟରେ ମୋଟ ୧୪୩ଟି ଏନଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ ନିର୍ବାଚନ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି। ଏବେସୁଦ୍ଧା ୮ ହଜାର ଇଭିଏମ୍ ମେସିନ ପ୍ରସ୍ତୁତ ଥିବାବେଳେ ଆଉ ୬ ହଜାର ନୂଆ ଇଭିଏମ୍ ପାଇଁ ବରାଦ ଦିଆଯାଇଛି। ଇଭିଏମ୍ ପାଇଁ ▶ପୃଷ୍ଠା-୭

## ପୌର ନିର୍ବାଚନ ଲାଗି ରହିବ ୧୨ ହଜାର ଇଭିଏମ୍

## ଆସନ୍ତା ଅକ୍ଟୋବରରୁ ପ୍ରସ୍ତୁତ ହେବ ଭୋଟର ତାଲିକା

## ନିର୍ବାଚନକୁ ନେଇ ତେଜିଲା ରାଜନୈତିକ ବୟାନବାଜି





ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା

ଆଜି ହିଁ ସୋଲାର ପ୍ୟାନେଲ ସ୍ଥାପନ କରନ୍ତୁ

- ଗ୍ରୀଡ଼ ସଂଯୁକ୍ତ ସହଜ ସଂସ୍ଥାପନ
- ଦୀର୍ଘସ୍ଥାୟୀ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ପରିବେଶ ସୁରକ୍ଷାରେ ସହାୟକ

{ ସ୍ଥାପନା ପାଇଁ ସରକାରୀ ସବସିଡି ବ୍ୟବସ୍ଥା }

| କିଲୋୱାଟ୍ | କେନ୍ଦ୍ର ସରକାର | ରାଜ୍ୟ ସରକାର | ସମୁଦାୟ |
|---|---|---|---|
| ୧ | ୩୦,୦୦୦ ଟଙ୍କା | ୨୫,୦୦୦ ଟଙ୍କା | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | ୫୦,୦୦୦ ଟଙ୍କା | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | ୬୦,୦୦୦ ଟଙ୍କା | ୧,୩୮,୦୦୦ ଟଙ୍କା |

*ସର୍ତ୍ତାବଳୀ ଲାଗୁ

ଟିପିଏନ୍‌ଓଡିଏଲ୍ ଗ୍ରାହକ ସେବା: ୧୮୦୦-୩୪୫୬-୭୧୮/୧୯୧୨ | ଆବେଦନ କରନ୍ତୁ: www.pmsuryaghar.gov.in

# ୧୪ ହଜାର ଫୁଟ୍ ଉଚ୍ଚତାରେ ଦେଶର ପ୍ରଥମ ଭୂ-ତାପଜ କୂପ

ଲେହ, ୧୮ ।୭ (ଏଜେନ୍ସି): ଭାରତର ସ୍ୱଚ୍ଛ ଶକ୍ତି ଅଭିଯାନରେ ଏକ ବଡ଼ ସଫଳତା ମିଳିଛି । ଲଦାଖର ଶୀତଳ ମରୁଭୂମି କୁହାଯାଉଥିବା ପୁଗା ଉପତ୍ୟକାରେ ୧୪,୦୦୦ ଫୁଟ୍ ଉଚ୍ଚତାରେ ଦେଶର ପ୍ରଥମ ଭୂ-ତାପଜ (ଜିଓଥର୍ମାଲ୍) କୂପ କାର୍ଯ୍ୟକ୍ଷମ ହୋଇଛି । ପ୍ରାୟ ୧୦୦୦ ମିଟର ଗଭୀରତା ବିଶିଷ୍ଟ ଏହି ଦୁଇଟି କୂପର ସଫଳ ଖନନ ଦ୍ୱାରା ଲଦାଖରେ ୧ ମେଗାୱାଟ୍ ବିଶିଷ୍ଟ ପ୍ରଥମ ଭୂ-ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର ହୋଇଛି । ଲଦାଖର ଉପ-ରାଜ୍ୟପାଳ ଭିକେ ସାକ୍ସେନା ଏହି ଐତିହାସିକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପୂର୍ବରୁ ପ୍ରଶାସନ ଓ ଓଏନ୍‌ଜିସି ମଧ୍ୟରେ ଚୁକ୍ତିନାମାର ଅବଧି ଶେଷ ହେବା କାରଣରୁ ଏହି ପ୍ରକଳ୍ପ କିଛି ମାସ ବିଳମ୍ବ ହୋଇଥିଲା । ମାତ୍ର ଚଳିତ ବର୍ଷ ଜୁନ୍ ମାସରେ ଉପ-ରାଜ୍ୟପାଳଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ଏହି



ଚୁକ୍ତିକୁ ଆଉ ୫ ବର୍ଷ ପାଇଁ ନବୀକରଣ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଇଞ୍ଜିନିୟରମାନଙ୍କ ସୂଚନା ଅନୁଯାୟୀ, ମାତ୍ର ୪୦୦ ମିଟର ଗଭୀରତାରେ ୧୩୫ ଡିଗ୍ରୀ ସେଲସିୟସରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି, ଯାହା ଶକ୍ତି ଉତ୍ପାଦନ ପାଇଁ ଅତ୍ୟନ୍ତ ଅନୁକୂଳ । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅତି କମ୍ ସମୟ ମଧ୍ୟରେ ଦ୍ୱିତୀୟ କୂପର ଖନନ କାର୍ଯ୍ୟ ଚଳିତ ବର୍ଷ ୮ ଜୁଲାଇରେ ଶେଷ ହୋଇଥିଲା । ଏହି ପ୍ରକଳ୍ପ ଲଦାଖକୁ ଅଙ୍ଗାରକାମ୍ଳ-ମୁକ୍ତ (କାର୍ବନ-ନ୍ୟୁଟ୍ରାଲ୍) କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହାଦ୍ୱାରା ଅଞ୍ଚଳର ଶକ୍ତି ସୁରକ୍ଷା ମଜବୁତ ହେବା ସହ ପରିବେଶ ସନ୍ତୁଳନ ରହିବ ଏବଂ ସ୍ଥାନୀୟ ଅର୍ଥନୀତିର ବିକାଶ ହେବ । ଭବିଷ୍ୟତରେ ଭାରତର ଶୂନ୍ୟ-ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ ପାଇଁ ପୁଗା ଉପତ୍ୟକାର ଏହି ମଡେଲ୍ ଏକ ବ୍ଲୁପ୍ରିଣ୍ଟ୍ ଭାବେ କାର୍ଯ୍ୟ କରିବ ବୋଲି ଉପ-ରାଜ୍ୟପାଳ ପ୍ରକାଶ କରିଛନ୍ତି ।

## ଦେବେଗୌଡ଼ାଙ୍କ ପତ୍ନୀ ଚେନ୍ନାମ୍ମାଙ୍କ ପରଲୋକ

ବେଙ୍ଗାଲୁରୁ, ୧୮ ।୭ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ପତ୍ନୀ ଚେନ୍ନାମ୍ମା ଦେବେଗୌଡ଼ାଙ୍କର ଶନିବାର ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ତାଙ୍କ ବୟସ ୮୦ ବର୍ଷରୁ ଅଧିକ ଥିଲା । ଶ୍ୱାସକ୍ରିୟାଜନିତ ସମସ୍ୟାରେ ଚିକିତ୍ସାଧୀନ ଥିବାବେଳେ ଅପରାହ୍ନ ପ୍ରାୟ ୪ଟାରେ ସେ ହଠାତ୍ ହୃଦଘାତର ଶିକାର ହୋଇଥିଲେ । ହସ୍ପିଟାଲ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ, ସ୍ୱାସ୍ଥ୍ୟରେ ସୁଧାର ଆସୁଥିବା ସତ୍ତ୍ୱେ ତାଙ୍କୁ ଭୟଙ୍କର ହୃଦଘାତ ହୋଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ୧୯୫୪ ମସିହାରେ ଚେନ୍ନାମ୍ମା ଦେବେଗୌଡ଼ାଙ୍କୁ ବିବାହ କରିଥିଲେ । ତାଙ୍କର ଚାରି ପୁଅ ଓ ଦୁଇ ଝିଅ ଅଛନ୍ତି । ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଓ ବିଧାୟକ ଏଚ୍‌ଡି ରେବନ୍ନା ରହିଛନ୍ତି । ୨୦୦୧ ମସିହାରେ ପାରିବାରିକ ବିବାଦକୁ କେନ୍ଦ୍ର କରି ହୋଇଥିବା ଏକ ଏସିଡ୍ ଆକ୍ରମଣରୁ ଚେନ୍ନାମ୍ମା ବଞ୍ଚିଯାଇଥିଲେ ।

# ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା


## ଆର୍ଟିକଲ୍ ୩୭୦ ଶ୍ରେଷ୍ଠ ଚଳଚ୍ଚିତ୍ର



**ମାମୁଟ୍ଟୀ, କାର୍ତ୍ତିକ ଶ୍ରେଷ୍ଠ ଅଭିନେତା; ୟାମୀ ଗୌତମୀ ଶ୍ରେଷ୍ଠ ଅଭିନେତ୍ରୀ**

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ୨୦୨୪ ବର୍ଷ ପାଇଁ ଶନିବାର ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ଏଥିରେ ଚଳଚ୍ଚିତ୍ର 'ଆର୍ଟିକଲ୍ ୩୭୦'କୁ ବର୍ଷର ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ଚୟନ କରାଯାଇଥିବା ବେଳେ 'ଶ୍ରୀକାନ୍ତ'କୁ ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୟାମୀ ଗୌତମ (ଆର୍ଟିକଲ୍ ୩୭୦ ପାଇଁ) ଏବଂ ଯୁଗ୍ମ ଭାବେ କାର୍ତ୍ତିକ ଆର୍ଯ୍ୟନ (ଚନ୍ଦୁ ଚାମ୍ପିଅନ୍ ପାଇଁ) ଓ ମାମୁଟ୍ଟୀ (ବ୍ରହ୍ମଯୁଗମ୍ ପାଇଁ) ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଓଡ଼ିଶା ପାଇଁ ଏକ ଗୌରବର ବିଷୟ ହେଉଛି ଯେ ଚଳଚ୍ଚିତ୍ର 'ଲାହରୀ'କୁ ଶ୍ରେଷ୍ଠ ଓଡ଼ିଆ ଆଞ୍ଚଳିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଏହା ସହିତ ତାମିଲ ପାଇଁ 'ରାୟନ' ଏବଂ ତେଲୁଗୁ ପାଇଁ 'କମିଟି କୁର୍ରୋଲ୍ଲୁ' ଶ୍ରେଷ୍ଠ ଆଞ୍ଚଳିକ ଫିଲ୍ମ ପୁରସ୍କାର ପାଇଛନ୍ତି । ଅଣ-ଫିଚର୍ ଫିଲ୍ମ ବର୍ଗରେ 'ଭଙ୍ଗାର' ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚିତ ହୋଇଛି । ୧୯୫୪ରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ପ୍ରଥମେ 'ଷ୍ଟେଟ୍ ଆୱାର୍ଡ ଫର ଫିଲ୍ମସ' ନାମରେ ଜଣାଶୁଣା ଥିଲା, ଯାହାକୁ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ପ୍ରଦାନ କରିଥିଲେ । ପ୍ରଥମ ବର୍ଷ ମରାଠୀ ଚଳଚ୍ଚିତ୍ର 'ଶ୍ୟାମଚୀ ଆଇ' ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାର ଲାଭ କରିଥିଲା । ପରବର୍ତ୍ତୀ ସମୟରେ ୧୯୬୮ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ 'ଜାତୀୟ ଚଳଚ୍ଚିତ୍ର ପୁରସ୍କାର' ରଖାଯାଇଥିଲା ଏବଂ ବିଭିନ୍ନ ଆଞ୍ଚଳିକ ଭାଷାର ଉନ୍ନତି ପାଇଁ ନୂଆ ବର୍ଗ ସବୁ ଯୋଡ଼ାଯାଇଥିଲା । ଭାରତୀୟ ସିନେମା ଜଗତରେ ଏହି ପୁରସ୍କାରକୁ ସବୁଠାରୁ ସମ୍ମାନଜନକ ମାନ୍ୟତା ଦିଆଯାଉଥିବା ବେଳେ, ଚଳିତ ବର୍ଷ ବେସରକାରୀ ତଥା ଆଞ୍ଚଳିକ କ୍ଷେତ୍ରର ନୂତନ ପ୍ରତିଭା ଏବଂ ବିଭିନ୍ନ ଭାଷାର କଳାକାରମାନଙ୍କୁ ମିଳିଥିବା ଏହି ସ୍ୱୀକୃତି ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଆହୁରି ସମୃଦ୍ଧ କରିବ ।





# ଭୟଙ୍କର ରୂପ ନେଲା ଇରାନ ଯୁଦ୍ଧ

- କ୍ରମାଗତ ୭ମ ରାତିରେ ଆମେରିକାର ଆକ୍ରମଣ
- ଜବାବୀ ହମଲା କରୁଛି ଇରାନୀ ସେନା



ୱାଶିଂଟନ/ତେହେରାନ, ୧୮ ।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ମହାସମର ଏବେ ଅତି ଭୟଙ୍କର ରୂପ ଧାରଣ କରିଛି । ଗତ ଶୁକ୍ରବାର ରାତିରେ ଆମେରିକୀୟ ସେନା ପକ୍ଷରୁ କ୍ରମାଗତ ସପ୍ତମ ରାତି ପାଇଁ ଇରାନ ଉପରେ ଶକ୍ତିଶାଳୀ ଡ୍ରୋନ ଓ ମିସାଇଲ୍ ମାଧ୍ୟମରେ ଆକ୍ରମଣ କରାଯାଇଛି । ଇରାନର ସାମରିକ ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଦୁର୍ବଳ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅପରପକ୍ଷରେ, ଆମେରିକା ଯଦି ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ଆକ୍ରମଣ ବନ୍ଦ ନକରେ, ତେବେ ପୂର୍ଣ୍ଣ ଆକ୍ରମଣାତ୍ମକ ରଣନୀତି ଆପଣାଯିବ ଏବଂ କୌଣସି ରାଜନୈତିକ ସୀମା ଆଉ ସୁରକ୍ଷିତ ରହିବ ନାହିଁ ବୋଲି ଇରାନ ଚେତାବନୀ ଦେଇଛି । ଇରାନ ଅଭିଯୋଗ କରିଛି ଯେ ଆମେରିକା ସେନା ବେସାମରିକ ଅଞ୍ଚଳ ଯେପରିକି ବିମାନ ବନ୍ଦର, ରେଳ ଷ୍ଟେସନ ଏବଂ ବ୍ରିଜ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛି, ଯାହାଫଳରେ ଦେଶର ବିଦ୍ୟୁତ ଓ ଶକ୍ତି ଗ୍ରୀଡ୍ ଉପରେ ପ୍ରବଳ ଚାପ ପଡ଼ିଛି । ଏହାର ଜବାବରେ ଇରାନ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ ବ୍ୟାପକ ଆକ୍ରମଣ କରାଯାଇଛି । କୁଏତରେ ଥିବା ଆମେରିକୀୟ ସାମରିକ କେନ୍ଦ୍ର ଉପରେ ଇରାନର ଡ୍ରୋନ୍ ସେଲିଂ ଯୋଗୁଁ କେତେକ କୁଏତ ସୈନିକ ଆହତ ହୋଇଛନ୍ତି ଏବଂ ବିଦ୍ୟୁତ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଛି । କତାର ଓ ବାହାରିନରେ ଥିବା ଆମେରିକାର ସାମରିକ ବିମାନ ତଥା ରାଡାର ପ୍ରଣାଳୀକୁ ଧ୍ୱଂସ କରିବା ପାଇଁ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି । ଜୋର୍ଡାନ ସେନା ତିନୋଟି ଇରାନୀ ମିସାଇଲ୍‌କୁ ଆକାଶରେ ଖସାଇ ଦେଇଥିବା ବେଳେ ଇରାକର କୁର୍ଦ୍ଦିସ୍ତାନ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ୯ ଜଣ ସନ୍ତ୍ରାସବାଦୀ ପ୍ରାଣ ହରାଇଛନ୍ତି । ଗତ ଫେବୃଆରୀ ୨୮ ତାରିଖରୁ ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଏବଂ ଇରାନ ଦ୍ୱାରା ହର୍ମୁଜ ପ୍ରଣାଳୀ ବନ୍ଦ କରାଯିବା ପରଠାରୁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଇରାନରେ ଅତିକମରେ ୩୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ନାଗରିକ ଭିତ୍ତିଭୂମି ଉପରେ ହେଉଥିବା ଆକ୍ରମଣକୁ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ନିନ୍ଦା କରିବା ସହ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଯୁଦ୍ଧର ସ୍ଥିତି ଜଟିଳ ହେଉଥିବା ବେଳେ ଚୀନ ଏବଂ ପାକିସ୍ତାନ ମଧ୍ୟସ୍ଥତା କରି ଉଭୟ ଦେଶକୁ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି ।

## ରୁଷ୍‌ରେ ୟୁକ୍ରେନର ଡ୍ରୋନ ମାଡ଼; ୮ ମୃତ

ମସ୍କୋ, ୧୮ ।୭ (ଏଜେନ୍ସି): ୟୁକ୍ରେନ ସୀମା ପାର୍ଶ୍ୱରେ ଥିବା ରୁଷର ଭିତ୍ତିଭୂମି ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଛି । ଗତ ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ରୁଷର ପ୍ରମୁଖ ବାଣିଜ୍ୟିକ ଗୋଦାମ ଓ ତେଲ ଡିପୋଗୁଡ଼ିକୁ ଟାର୍ଗେଟ୍ କରାଯାଇଛି, ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଅନୁଯାୟୀ, ମସ୍କୋ ଏବଂ ତାମ୍ବୋଭ୍ ଅଞ୍ଚଳରେ ଥିବା ଦୁଇଟି ପ୍ରମୁଖ ପରିବହନ ଓ ଯୋଗାଣ କେନ୍ଦ୍ର ଉପରେ ଏହି ଦୂରଗାମୀ ଆକ୍ରମଣ କରାଯାଇଛି । ରୁଷର ଅନ୍‌ଲାଇନ୍ ବ୍ୟବସାୟିକ ସଂସ୍ଥା 'ୱାଇଲ୍ଡବେରିଜ୍'ର ଦୁଇଟି ବଡ଼ ଗୋଦାମ ଏବଂ ନୋଗିନ୍ସକସ୍ଥିତ ଏକ ତେଲ ଡିପୋ ଏହି ଆକ୍ରମଣରେ ସମ୍ପୂର୍ଣ୍ଣ ଜଳିଯାଇଛି । ଏହାଯୋଗୁଁ ନିକଟସ୍ଥ ଏକ ପ୍ରସୂତି ମାତୃ ସଦନ ଏବଂ ଆବାସିକ ଗୃହକୁ ଖାଲି କରିବାକୁ ପଡ଼ିଥିଲା । ରୁଷ ପ୍ରତିରକ୍ଷା ମନ୍ତ୍ରାଳୟ ଅନୁଯାୟୀ, ସେମାନଙ୍କ ବାୟୁସେନା ପ୍ରାୟ ୩୭୯ଟି ୟୁକ୍ରେନୀୟ ଡ୍ରୋନକୁ ଆକାଶରେ ଧ୍ୱଂସ କରିଦେଇଛି, ତଥାପି ଏହି ବୋମାମାଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଛି ।

## ଚୀନ୍‌ରେ ଭୂସ୍ଖଳନ; ୮ ମୃତ, ୩୪ ନିଖୋଜ

ଚଙ୍ଗକିଙ୍ଗ, ୧୮ ।୭ (ଏଜେନ୍ସି): ଚୀନ୍‌ର ଦକ୍ଷିଣ-ପଶ୍ଚିମ ସହର ଚଙ୍ଗକିଙ୍ଗର ପେଙ୍ଗସୁଇ ଜିଲ୍ଲାରେ ଶୁକ୍ରବାର ଏକ ଭୟଙ୍କର ଭୂସ୍ଖଳନ ଘଟିଛି । ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ପ୍ରାୟ ୧୮,୦୦୦ କ୍ୟୁବିକ୍ ମିଟରର ବିଶାଳ ପଥର ଓ ମାଟି ଖସି ୧୦ରୁ ଅଧିକ ଆବାସିକ ଗୃହ ଉପରେ ପଡ଼ିଯାଇଛି । ଏହି ଦୁର୍ଘଟଣାରେ ଅତିକମରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୪ ଜଣ ନିଖୋଜ ଅଛନ୍ତି । ଉଦ୍ଧାରକାରୀ ଦଳ ୧୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ୍‌ରେ ଭର୍ତ୍ତି କରିଛନ୍ତି ଏବଂ ପ୍ରଭାବିତ ଅଞ୍ଚଳରୁ ୧,୧୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଲଗାତର ବର୍ଷା ଓ ପାହାଡ଼ରୁ ବଡ଼ ବଡ଼ ପଥର ଖସୁଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ପ୍ରଶାସନ ପକ୍ଷରୁ ପଥରଗୁଡ଼ିକୁ ଭାଙ୍ଗିବା ପାଇଁ ବିସ୍ଫୋରକର ବ୍ୟବହାର କରାଯାଉଛି । କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଚୀନ୍ ସରକାର ୩୦ ମିଲିୟନ୍ ୟୁଆନ୍‌ର ସହାୟତା ରାଶି ଘୋଷଣା କରିଛନ୍ତି ।

## ଲରେନ୍ସ ଗ୍ୟାଙ୍ଗ୍ ଟାର୍ଗେଟ୍‌ରେ ଅମୀର

ମୁମ୍ବାଇ, ୧୮ ।୭ (ଏଜେନ୍ସି): ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ପରେ ଏବେ ସୁପରଷ୍ଟାର ଅମୀର ଖାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ଶନିବାର ଦିନ ବିଷ୍ଣୋଇ ଗ୍ୟାଙ୍ଗର ବୋଲି ଦାବି କରାଯାଉଥିବା ଏକ ଚିଠି ଏବଂ ଅଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏହି ଚିଠିରେ ଅମୀର ଖାନ ଗତ ୫ ଜୁଲାଇରେ ଗୌରୀ ସ୍ପ୍ରାଟ୍‌ଙ୍କ ସହ କରିଥିବା ତୃତୀୟ ବିବାହକୁ 'ଲଭ୍ ଜିହାଦ' ବୋଲି ଅଭିହିତ କରାଯାଇଛି । ଦେଶର ସଂସ୍କୃତି ବିରୋଧରେ ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ଜବାବ ଖୁବ୍‌ଶୀଘ୍ର ଦିଆଯିବ ବୋଲି ଗ୍ୟାଙ୍ଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଅନ୍ୟପଟେ 'ଲଭ୍ ଜିହାଦ'ର ଏହି ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇ ଅମୀର ଖାନ କହିଛନ୍ତି ଯେ ତାଙ୍କର ତିନୋଟିଯାକ ବିବାହ ଆଇନଗତ ନିୟମ ଅନୁଯାୟୀ କୋର୍ଟ ମ୍ୟାରେଜ୍ ହୋଇଛି ଏବଂ କୌଣସି ପତ୍ନୀ



ଧର୍ମ ପରିବର୍ତ୍ତନ କରିନାହାନ୍ତି । ତାଙ୍କର ତୃତୀୟ ପତ୍ନୀ ଗୌରୀ ଜଣେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ମହିଳା । ଏହାସହ ତାଙ୍କ ପରିବାରରେ ଝିଅ ଏବଂ ଭଉଣୀମାନେ ମଧ୍ୟ ଅନ୍ୟ ଧର୍ମରେ ବିବାହ କରିଥିବା ସେ ପ୍ରକାଶ କରିଛନ୍ତି । ଏହି ଧମକପୂର୍ଣ୍ଣ ଚିଠିକୁ ନେଇ ବର୍ତ୍ତମାନ ସୁଦ୍ଧା ମୁମ୍ବାଇ ପୋଲିସ କିମ୍ବା ଅମୀର ଖାନଙ୍କ ସଂସ୍ଥା ତରଫରୁ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ । ଅମୀର ଖାନ ଏବଂ ତାଙ୍କ ସହଯୋଗୀ ଗୌରୀ ସ୍ପ୍ରାଟ୍‌ଙ୍କ କୋର୍ଟ ମ୍ୟାରେଜ୍‌କୁ ନେଇ କିଛି ସଂଗଠନ ସାମାଜିକ ଗଣମାଧ୍ୟମରେ ବିରୋଧ କରୁଥିବା ବେଳେ, ଅପରାଧୀ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଏହି ନୂଆ ଧମକ ବଲିଉଡ୍‌ରେ ପୁଣି ଥରେ ସୁରକ୍ଷା ଚିନ୍ତା ବଢ଼ାଇ ଦେଇଛି ।

## ୧୨ ବର୍ଷର ବାଳକକୁ ଟାଣି ନେଲା କୁମ୍ଭୀର

ବହରାଇଚ୍, ୧୮ ।୭ (ଏଜେନ୍ସି): ଉତ୍ତର ପ୍ରଦେଶର ବହରାଇଚ୍ ଜିଲ୍ଲାରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ଗତ ଗୁରୁବାର ସନ୍ଧ୍ୟାରେ ଜଣେ ୧୨ ବର୍ଷର ନାବାଳକକୁ ତାର ଦାଦାଙ୍କ ସାମ୍ନାରେ ଏକ କୁମ୍ଭୀର ନଦୀ ଭିତରକୁ ଟାଣି ନେଇ ହତ୍ୟା କରିଛି । ଏହି ସମଗ୍ର ଘଟଣାର କିଛି ଅଂଶ କ୍ୟାମେରାରେ କଏଦ ହୋଇଛି, ଯାହାକୁ ପୋଲିସ ସତ୍ୟ ବୋଲି ସ୍ପଷ୍ଟ କରିଛି । ଷଷ୍ଠ ଶ୍ରେଣୀରେ ପଢୁଥିବା ସୁନୀଲ ସିଂ ନାମକ ଏହି ନାବାଳକଟି ତା'ର ଦାଦାଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲା ।

# ନୂଆ ମୋଡ଼ରେ ମହାରାଷ୍ଟ୍ର ରାଜନୀତି



**ପାୱାର ଓ ସୁନେତ୍ରା ଗୋଷ୍ଠୀ ମିଶ୍ରଣ ପାଇଁ ଚାପ ପକାଉଛି ବିଜେପି!**

ମୁମ୍ବାଇ, ୧୮ ।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳିଛି । ବିଭାଜନ ଭୟରେ ଦଳକୁ ଏକଜୁଟ କରିବା ଲାଗି ଉଦ୍ୟମ ଚଳାଇଥିବା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି-ଏସପି)ର ବରିଷ୍ଠ ନେତା ଶରଦ ପାୱାର ଏବେ ଏନଡିଏ ସହ ସଂପର୍କରେ ଅଛନ୍ତି । ସେ ତାଙ୍କ ପାର୍ଟିକୁ ଏନଡିଏରେ ସାମିଲ କରିବାକୁ ଚାହୁଁଛନ୍ତି । କିନ୍ତୁ ଶରଦ ପାୱାରଙ୍କ ଗୋଷ୍ଠୀକୁ ଏକ ସ୍ୱତନ୍ତ୍ର ଦଳ ଭାବେ ନିଜ ଏନଡିଏରେ ସାମିଲ କରିବାକୁ ଚାହୁଁନାହିଁ ବିଜେପି । ବିଜେପିର ସର୍ତ୍ତ ଅନୁଯାୟୀ, ମେଣ୍ଟରେ ସାମିଲ ହେବା ପୂର୍ବରୁ ଶରଦ ପାୱାରଙ୍କ ଦଳକୁ ସୁନେତ୍ରା ପାୱାରଙ୍କ ନେତୃତ୍ୱାଧୀନ ମୂଳ ଏନସିପି ସହ ଏକତ୍ରିତ ହେବାକୁ ପଡ଼ିବ । ଶରଦ ଗୋଷ୍ଠୀ ଏଥିରେ ରାଜି ଥିଲେ ମଧ୍ୟ ସୁନେତ୍ରା ଏଥିପାଇଁ ରାଜି ହେଉ ନଥିବା କୁହାଯାଉଛି । ସୁନେତ୍ରାଙ୍କ ଗୋଷ୍ଠୀ ଯୁକ୍ତି କରୁଛନ୍ତି ଯେ ଦୁଇ ଦଳର ମିଶ୍ରଣ ହେଲେ ଶରଦଙ୍କ ଆଧିପତ୍ୟ ପୁଣି ବଢ଼ିଯିବ । କିନ୍ତୁ ମିଶ୍ରଣ ପାଇଁ ବିଜେପି ନେତା ଚାପ ପକାଇବାରେ ଲାଗିଛନ୍ତି । ଏହି ଦୁଇ ଗୋଷ୍ଠୀ ଏକାଠି ହେଲେ ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଉଭୟପକ୍ଷରୁ ଜଣକୁ ଲେଖାଏଁ ସ୍ଥାନ ମିଳିପାରେ ବୋଲି ଆଲୋଚନା ହେଉଛି । ତେବେ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଏହି ରାଜନୈତିକ ସମୀକରଣ ପଛରେ ସଂସଦର ଗଣିତ ରହିଛି । ସୀମା ପୁନଃନିର୍ଦ୍ଧାରଣ ବିଲ୍ (ଯେଉଁଥିରେ ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି) ଉପରେ ଶରଦ ପାୱାରଙ୍କ ଦଳ ନରମ ଆଭିମୁଖ୍ୟ ଗ୍ରହଣ କରିବାର ସଙ୍କେତ ଦେଇଛି । ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବା ପାଇଁ ବିଜେପିକୁ ସଂସଦରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ଏବଂ ଏନସିପିର ସମର୍ଥନ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ଏହି ସମ୍ଭାବ୍ୟ ମେଣ୍ଟକୁ ନେଇ ଶରଦ ପାୱାର କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଦେଇନଥିବା ବେଳେ ତାଙ୍କ ସାଂସଦ ସୁପ୍ରିୟା ସୁଲେ ଏନଡିଏରେ ସାମିଲ ହେବା ଗୁଜବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । କିନ୍ତୁ ବିଲ୍ ସପକ୍ଷରେ ସେ ମତ ଦେଇଥିବାରୁ ମିଶ୍ରଣ ଚର୍ଚ୍ଚା ଜୋର ଧରିଛି ।

ଅନ୍ୟପଟେ ଚଳିତ ବର୍ଷ ଜାନୁଆରୀ ମାସରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ପରେ ସୁନେତ୍ରା ପାୱାରଙ୍କ ଗୋଷ୍ଠୀରେ ମଧ୍ୟ ଆଭ୍ୟନ୍ତରୀଣ କନ୍ଦଳ ଦେଖାଦେଇଛି । ଏହି ମିଶ୍ରଣକୁ ସୁନେତା ବିରୋଧ କରୁଥିବା ବେଳେ ପଫୁଲ୍ଲ ପାଟେଲ ଓ ଅନ୍ୟ କେତେକ ନେତା ଏହା ସପକ୍ଷରେ ଯୁକ୍ତି ରଖୁଛନ୍ତି । ଯଦିଓ କଂଗ୍ରେସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି, ତଥାପି ଶରଦ ପାୱାର ଏବଂ ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସଙ୍କ ମଧ୍ୟରେ ହୋଇଥିବା ଗୁପ୍ତ ଆଲୋଚନା ମହାରାଷ୍ଟ୍ର ରାଜନୀତିକୁ ନୂଆ ମୋଡ଼ ଆଡ଼କୁ ନେଇଯାଉଛି ।


# 'ବିକ୍ରମ-୧'ର 'ସଫଳତା ପଛରେ ଯୁବ ଇଞ୍ଜିନିୟରିଂ ଟିମ୍




ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଭାରତର ପ୍ରଥମ ବେସରକାରୀ କକ୍ଷପଥ ରକେଟ୍ 'ବିକ୍ରମ-୧'ର ପ୍ରଥମ ସଫଳ ଉତକ୍ଷେପଣ କେବଳ ଏକ ବୈଷୟିକ ସଫଳତା ନୁହେଁ, ବରଂ ଏହା ଦେଶର ମହାକାଶ କ୍ଷେତ୍ରରେ ଏକ ବଡ଼ ପିଢ଼ିଗତ ପରିବର୍ତ୍ତନର ସୂଚନା ଦେଇଛି । ଶ୍ରୀହରିକୋଟାରୁ ଆରମ୍ଭ ହୋଇଥିବା ଏହି 'ମିଶନ ଆଗମନ'ରେ ସବୁଠାରୁ ଆକର୍ଷଣୀୟ ଦିଗ ଥିଲା ଯେ, ଏହାର ନିୟନ୍ତ୍ରଣ କକ୍ଷରେ କୌଣସି ପୁରୁଖା ବିଜ୍ଞାନୀ ନୁହେଁ, ବରଂ ୨୦ରୁ ୩୦ ବର୍ଷ ବୟସ୍କ ଯୁବ ଇଞ୍ଜିନିୟରମାନେ ସମ୍ପୂର୍ଣ୍ଣ ଅଭିଯାନର ନେତୃତ୍ୱ ନେଉଥିଲେ । ଜଣେ ଯୁବ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏହି ଜଟିଳ ରକେଟ୍ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା, ଯାହା ଭାରତୀୟ ମହାକାଶ କ୍ଷେତ୍ରରେ ନୂତନ ଯୁବ ଶକ୍ତିର ପ୍ରତିଭାକୁ ପ୍ରମାଣିତ କରିଛି । ଇସ୍ରୋ ବିଜ୍ଞାନୀ ପବନ କୁମାର ଚନ୍ଦନା ଏବଂ ନାଗା ଭାରତ ଡାକାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂସ୍ଥା, ଭାରତ ସରକାରଙ୍କ ମହାକାଶ ସଂସ୍କାର ନୀତିର ଏକ ବଡ଼ ଉଦାହରଣ ସାଜିଛି । ଏହି ଅଭିଯାନରେ ଇସ୍‌ରୋର ବହୁମୂଲ୍ୟ ଭିତ୍ତିଭୂମି ଓ ଅଭିଜ୍ଞତା ବେସରକାରୀ ସଂସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ସହ ଏହି ମିଶନର ସ୍ୱତନ୍ତ୍ରତା ଥିଲା ଏହାର ଆଧୁନିକ ପ୍ରସାରଣ ଶୈଳୀ । ପାରମ୍ପରିକ ବୈଷୟିକ ଘୋଷଣା ବଦଳରେ ସିନେମାଶୈଳୀର ଦୃଶ୍ୟ, ଗ୍ରାଫିକ୍ସ ଏବଂ ମାନବୀୟ ସଂଘର୍ଷର କାହାଣୀ ମାଧ୍ୟମରେ ଏହାକୁ ସର୍ବସାଧାରଣଙ୍କ ସାମ୍ନାରେ ଉପସ୍ଥାପନ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ମହାକାଶ ବାଣିଜ୍ୟ ଶୈଳୀ ସହ ସମାନ । 'ବିକ୍ରମ-୧'ର ସଫଳତା ସ୍ପଷ୍ଟ କରିଛି ଯେ ଭାରତୀୟ ବେସରକାରୀ ଉଦ୍ୟୋଗୀ ଏବଂ ଇଞ୍ଜିନିୟରମାନେ ଏବେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବାକୁ ପ୍ରସ୍ତୁତ ।


## ପବନ ଚନ୍ଦନାଙ୍କ ପ୍ରେରଣାଦାୟକ ଯାତ୍ରା

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଗଣିତରେ ମାତ୍ର ୫୧ ନମ୍ବର ପାଇଥିବା ଜଣେ ଛାତ୍ର ଦିନେ ଭାରତର ବେସରକାରି ମହାକାଶ କ୍ଷେତ୍ରର ଇତିହାସ ରଚିବେ ବୋଲି କେହି କଳ୍ପନା କରିନଥିଲେ । କିନ୍ତୁ ସେହି ଛାତ୍ର ହେଲେ ପବନ କୁମାର ଚନ୍ଦନା । ତାଙ୍କ ସହ-ପ୍ରତିଷ୍ଠିତ ସଂସ୍ଥା ସ୍କାଇରୁଟ୍ ଏରୋସ୍ପେସ୍ ନିର୍ମିତ 'ବିକ୍ରମ-୧' ରକେଟ୍ ସଫଳତାର ସହ ମହାକାଶକୁ ପହଞ୍ଚି ଭାରତର ପ୍ରଥମ ବେସରକାରି ଉନ୍ନୀତ ଅନ୍ତରିକ୍ଷ ରକେଟ୍ ଭାବେ ନୂଆ ଇତିହାସ ସୃଷ୍ଟି କରିଛି । ଏହି ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଇରୁଟ୍‌ର ପ୍ରତିଷ୍ଠାତାମାନଙ୍କ ସହ କଥା ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, 'ଆପଣମାନେ କେବଳ ମହାକାଶରେ ନୂଆ ସଫଳତାର ବୀଜ ରୋପଣ କରିନାହାନ୍ତି, ବରଂ ଆଗାମୀ ପିଢ଼ିକୁ ପ୍ରେରଣା ଦେବା ପାଇଁ ଭୂମିରେ ମଧ୍ୟ ନୂଆ ମୂଳଦୁଆକୁ ସୁଦୃଢ଼ କରିଛନ୍ତି ।' ହାଇଦରାବାଦରେ ଜନ୍ମିତ ପବନ କୁମାର ଚନ୍ଦନା ଏକ ମଧ୍ୟବିତ୍ତ ପରିବାରରେ ବଢ଼ିଥିଲେ । ପଢ଼ାରେ ବିଶେଷକରି ଗଣିତ ତାଙ୍କ ପାଇଁ ସହଜ ନଥିଲା । ତଥାପି ଯନ୍ତ୍ରପାତି ଓ ପ୍ରଯୁକ୍ତି ପ୍ରତି ତାଙ୍କ ଅସୀମ କୌତୁହଳ ଏବଂ ପିତାଙ୍କ ନିରନ୍ତର ପ୍ରୋତ୍ସାହନ ତାଙ୍କୁ ଆଗକୁ ବଢ଼ିବାର ଶକ୍ତି ଦେଇଥିଲା । ପରବର୍ତ୍ତୀ ସମୟରେ ସେ ପ୍ରଥମ ପ୍ରୟାସରେ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସଫଳ ହୋଇ ଆଇଆଇଟି ଖଡ଼ଗପୁରରେ ଭର୍ତ୍ତି ହୋଇଥିଲେ ।




# ଜନ୍ତରମନ୍ତରରେ ହଙ୍ଗାମା

## ଅଭିଜିତଙ୍କୁ କାଳିମାଡ଼



ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତର ପ୍ରତିବାଦ ସ୍ଥଳରେ ଶନିବାର ପୁଣି ଉତ୍ତେଜନା ପ୍ରକାଶ ପାଇଛି । ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ପୋଲିସ ହସ୍ପିଟାଲ୍‌କୁ ନେଇଯିବା ପରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ସେଠାରେ ଆମରଣ ଅନଶନ ଆରମ୍ଭ କରିଛନ୍ତି । ତେବେ ସେ ମଞ୍ଚରେ ବସି ସମର୍ଥକଙ୍କୁ ସମ୍ବୋଧିତ କରୁଥିବା ସମୟରେ ଜଣେ ମହିଳା ହଠାତ୍ ତାଙ୍କ ଉପରକୁ କାଳି ମାଡ଼ କରିଛନ୍ତି । ଏହାକୁ ନେଇ ପ୍ରତିବାଦ ସ୍ଥଳରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ୱାଙ୍ଗଚୁକଙ୍କ ବ୍ୟତୀତ ଆଇସା (ଏଆଇଏସ୍‌ଏ) ସଂଗଠନର ତିନିଜଣ ଛାତ୍ର ନେହା, ଆମିନ ଏବଂ ମନୀଷ ମଧ୍ୟ ଗତ ୨୧ ଦିନ ହେବ ଜନ୍ତରମନ୍ତରରେ ଅନଶନ ଜାରି ରଖିଛନ୍ତି । ସେମାନଙ୍କ ମଧ୍ୟରୁ ନେହାଙ୍କ ରକ୍ତରେ ଶର୍କରା ସ୍ତର ମାରାତ୍ମକ ଭାବେ ହ୍ରାସ ପାଇଥିବାରୁ (ହାଇପୋଗ୍ଲାଇସେମିଆ) ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି ହେବାକୁ ପରାମର୍ଶ ଦିଆଯାଇଛି । ଏହି ସମଗ୍ର ଘଟଣାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ଏଭଳି ଏକ ଶାନ୍ତିପୂର୍ଣ୍ଣ ଓ ଅହିଂସା ଆନ୍ଦୋଳନକୁ ବଳପୂର୍ବକ ଦବାଇବା ସମ୍ପୂର୍ଣ୍ଣ ଭୁଲ୍ ଏବଂ କୌଣସି ପ୍ରକାରର ଚାପ ପ୍ରୟୋଗ କରି ଛାତ୍ର ଓ ଜନସାଧାରଣଙ୍କ ସ୍ୱରକୁ ବନ୍ଦ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି ।

## ରଥ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ମାମଲା

# ରିପୋର୍ଟ ତଲବ କଲେ ଓଏଚ୍ଆରସି

ଭୁବନେଶ୍ୱର,୧୮ ।୭(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗ (ଓଏଚ୍ଆରସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ଆଇନଜୀବି ନିଶିକାନ୍ତ ମିଶ୍ରଙ୍କ ଆବେଦନକୁ ବିଚାର କରି କମିଶନ ଗୃହ ବିଭାଗର ପ୍ରମୁଖ ସଚିବ ଏବଂ ପୁରୀ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆଗାମୀ ଅଗଷ୍ଟ ୨୮ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆହତମାନଙ୍କୁ ଠିକ୍ ଚିକିତ୍ସା ଯୋଗାଇଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବାହୁଡ଼ା ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ, ପୁରୀ ଜିଲ୍ଲାପାଳ ଏବଂ



ପୁରୀ ଏସପିଙ୍କୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ଦେଇଛନ୍ତି।

ନିଶିକାନ୍ତ ଏହି ଘଟଣାରେ କମିଶନଙ୍କ ନିକଟରେ ଅଭିଯୋଗ କରି ବିଭିନ୍ନ ଦିଗକୁ ଦର୍ଶାଇ ଏକାଧିକ ଦାବି କରିଥିଲେ। ଘଟଣାରେ ତଦନ୍ତ

### ବାହୁଡ଼ା ଯାତ୍ରାକୁ ସୁରକ୍ଷିତ କରିବାକୁ ନିର୍ଦ୍ଦେଶ

କରି ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। କମିଶନଙ୍କ ତଦନ୍ତ ଟିମ୍ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ସେହିପରି ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବାକୁ ମଧ୍ୟ ସେ ଦର୍ଶାଇଥିଲେ।

ସୂଚନାଯୋଗ୍ୟ, ଜୁଲାଇ ୧୬ ରଥଯାତ୍ରା ଦିନ ଅପରାହ୍ନ ପ୍ରାୟ ୨ଟା ବେଳେ ପହଣ୍ଡି ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। ବଡ଼ଦାଣ୍ଡ ମରିଚିକୋଟ ଛକ ନିକଟରେ ଅତ୍ୟଧିକ ଭିଡ ଯୋଗୁ ଦଳାଚକଟା ହୋଇଥିଲା। ଏଥିରେ ଅନେକ ଭକ୍ତ ତଳେ ପଡ଼ିଯାଇଥିଲେ। ଅସୁସ୍ଥ ଓ ଆହତମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ କଟକ ଜିଲ୍ଲା ସିର୍ଲୋ ଗ୍ରାମର ଅନିଲ ଦାସ ଓ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟକାନ୍ତ ରାଓ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଶତାଧିକ ଊର୍ଦ୍ଧ୍ୱ ଭକ୍ତ ଆହତ ମଧ୍ୟ ହୋଇଥିଲେ।

**ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# ଜନଜାତିଙ୍କ ବିକାଶ ତ୍ୱରାନ୍ୱିତ କରିବାକୁ ପରାମର୍ଶ



ଭୁବନେଶ୍ୱର,୧୮।୭(ସମିସ): ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡ଼ିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇ ଏହା କହିଛନ୍ତି।

ଶନିବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଏସ୍‌ଡିସିର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରି ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝିବ ସହ ସେହି ଅନୁଯାୟୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା। ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଏଗୁଡ଼ିକର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ତରରେ ରହିଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ସମାଧାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ। ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ସେ କହିଥିଲେ।

## ବିଦ୍ୟୁତ୍ ଆଘାତରେ ୨ ମୃତ

ସିମୁଳିଆ, ୧୮।୭ (ସମିସ): ଧାନବିଲରେ ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଚନ୍ଦ୍ରପଡା ଗ୍ରାମରେ ଘଟିଛି। ମୃତକ ଦ୍ୱୟ ହେଲେ ଗ୍ରାମର ମହେଶ୍ୱର ଦାସ ଏବଂ ମହିଳା ବୀରା ମୁଣ୍ଡା। ମହେଶ୍ୱର ନିଜର ଚାଷ ଜମି ଅଡା ପଞ୍ଚାୟତର ଦକ୍ଷିଣ ଅଡା ମଇଁଷା ମୁଣ୍ଡା ଅଞ୍ଚଳରେ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁଙ୍କ ଦାଉରୁ ଧାନ ତଳି ଉଦ୍ଧାର କରିବା ପାଇଁ ବିଦ୍ୟୁତ ତାର ଲଗାଇଥିଲେ। ଆଜି ସକାଳେ ସେ ବିଦ୍ୟୁତ୍ ସଂଯୋଗ ହୋଇଥିବା ମେସିନଟିକୁ ବନ୍ଦ କରିବାକୁ ଯାଇ ବିଦ୍ୟୁତ ଆଘାତରେ ଆସି ଛିଟିକି ପଡ଼ିଥିଲେ। ସେହି ସମୟରେ ମହିଳା ବୀରା ମୁଣ୍ଡା ମହେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

**ସୋଆର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ**

# ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ଏଆଇ: ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୧୮ ।୭(ସମିସ): କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବିର୍ଭାବ ଓ ବ୍ୟବହାର ବଢ଼ିଛି। ଅଦାଲତ କାର୍ଯ୍ୟ ପରିଚାଳନାରେ ଦକ୍ଷତା ବୃଦ୍ଧି କରିଛି। ମାତ୍ର ଏହା କେବେ ମଧ୍ୟ ସଚେତନ, ସମ୍ବେଦନଶୀଳ, ସ୍ୱତନ୍ତ୍ର ଓ ସ୍ୱାଧୀନ ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ କହିଛନ୍ତି। ଶନିବାର ଅନୁଷ୍ଠିତ ସୋଆ (ଶିକ୍ଷା "ଓ' ଅନୁସନ୍ଧାନ) ଡିମ୍ଡ-ଟୁ-ବି ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଟଣ୍ଡନ ଆହୁରି କହିଛନ୍ତି ଯେ, ପ୍ରଯୁକ୍ତିର ବିକାଶ ପାରମ୍ପରିକ ଅଦାଲତ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ମାତ୍ର ଏହା କେବେ ବି ମାନବୀୟ ବିଚାର ଶକ୍ତିର ସ୍ଥାନ ନେଇପାରିବ ନାହିଁ। ସେ ପ୍ରଯୁକ୍ତିବିଦ୍ୟାକୁ ବିରୋଧ କରୁନାହାନ୍ତି; ବରଂ ମାନବୀୟ ସମ୍ବେଦନଶୀଳତା ଓ ଆଇନଗତ ଯୁକ୍ତିର ସ୍ଥାନ ଏଆଇ ନେଇପାରିବ ନାହିଁ। ସେହିପରି ସମାଜର ପ୍ରକୃତ ମୂଲ୍ୟାଙ୍କନ ତାହାର ନ୍ୟାୟସଙ୍ଗତ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଆଇନର ଶାସନ କେବଳ ଏକ ଧାରଣା ନୁହେଁ, ବରଂ ଏହା ନୈତିକତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତାକୁ ନେଇ ଗଠିତ। ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ନ୍ୟାୟ ପ୍ରଦାନ କରିବା। ଦେଶର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ "ସନ୍ତୋଷ ସିଂହ ବନାମ ୟୁନିଅନ ଅଫ୍ ଇଣ୍ଡିଆ' ମାମଲାର ରାୟକୁ ଉଲ୍ଲେଖ କରି 'ଗଣତନ୍ତ୍ରର ପ୍ରକୃତ ଶକ୍ତି କେବଳ ସମ୍ବିଧାନର ବିଭିନ୍ନ ଧାରାରେ ନୁହେଁ, ବରଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାରେ




ନିହିତ' ବୋଲି ଜଷ୍ଟିସ୍ ଟଣ୍ଡନ୍ କହିଛନ୍ତି।

ଏହି ଅବସରରେ ୩୦୦ରୁ ଅଧିକ ଗବେଷକଙ୍କୁ ପିଏଚ୍‌ଡି ଉପାଧି ପ୍ରଦାନ କରାଯାଇଥିବାବେଳେ ସୋଆ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତଙ୍କୁ ସମ୍ମାନସୂଚକ ଡକ୍ଟର ଅଫ୍ ଲ' (ହନରିସ କଜା) ଉପାଧି ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର ୧୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟର ୫ ଜଣ ବିଚାରପତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନ୍ୟାୟମୂର୍ତ୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତ ସୋଆ ବିଶ୍ୱବିଦ୍ୟାଳୟ ଖୁବ୍ ଶୀଘ୍ର ପ୍ରସିଦ୍ଧ ଓ ମହାନ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସେହିପରି ଇସ୍ରାଏଲ୍‌ର ଉଦାହରଣ ଦେଇ ଗବେଷଣାକୁ ଗୁରୁତ୍ୱ ଦେଉଥିବା ଦେଶ ଅଧିକ ସମୃଦ୍ଧ ବୋଲି କହିବା ସହ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର (ଡା.) ଅମିତ ବାନାର୍ଜୀ ଉତ୍ସବରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ଆଇନ ସଂପର୍କିତ ସଚେତନତା ବିନା କୌଣସି ଗବେଷଣା ସଂପୂର୍ଣ୍ଣ ହୁଏ ନାହିଁ। ଜ୍ଞାନ ଆମକୁ କ'ଣ ସମ୍ଭବ ତାହା ଜଣାଏ, ପ୍ରଜ୍ଞା ଆମକୁ କ'ଣ ବାଞ୍ଛନୀୟ ତାହା ଶିଖାଏ ଏବଂ ଆଇନ ସଂପର୍କିତ ସଚେତନତା ଆମକୁ କ'ଣ ଅନୁମୋଦିତ, ଦାୟିତ୍ୱପୂର୍ଣ୍ଣ ଓ ନ୍ୟାୟସଙ୍ଗତ ତାହା ବୁଝାଇଥାଏ। କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରିପୋର୍ଟ ଉପସ୍ଥାପନ କରି ଉଚ୍ଚମାନର ଶିକ୍ଷା ଓ ଗବେଷଣାର ଏକ ଅଗ୍ରଣୀ କେନ୍ଦ୍ରରେ ସୋଆ ପରିଣତ ହୋଇଥିବା କହିଛନ୍ତି। ଦୁଇଟି ମେଡିକାଲ କଲେଜ ଏବଂ ବ୍ରହ୍ମପୁରରେ ଥିବା ହସ୍ପିଟାଲ ସମେତ ଦୁଇଟି ପ୍ରମୁଖ ହସ୍ପିଟାଲ ପ୍ରତିଷ୍ଠା କରି ଓଡ଼ିଶା ସମେତ ପଡୋଶୀ ରାଜ୍ୟଗୁଡ଼ିକୁ ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ତଥା ଉପକୁଳପତି ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ) ପ୍ରଫେସର ଜୟନ୍ତ କୁମାର ନାଥ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ। (ବିଶ୍ୱଜିତ)

# ଲଗାଣ ବର୍ଷାରେ ଫୁଲିଲା ରେବ-କପାଳି; ରାଜପଥ ଜଳମଗ୍ନ

କୋଠାର/ଅସୁରାଳି,୧୮।୭(ସମିସ): କିଛି ଦିନ ହେବ ସାରା ଜିଲ୍ଲାରେ ଲାଗି ରହିଥିବା ଜୀବନହନ୍ତା ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରମୁଖ ନଦୀ ରେବ ଏବଂ କପାଳିର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ନଦୀଦ୍ୱୟ ଫୁଲିବା ଫଳରେ ଆଖପାଖ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଓ ନଦୀର ବ୍ୟାକ୍-

**ଅନେକ ଗାଁ ଓ ବିଲ ଦାଣ୍ଡରେ ଆଣ୍ଠୁଏ ପାଣି**

ୱାଟର ଯୋଗୁଁ ଅଞ୍ଚଳର ବହୁ ଗାଁର ବିଲଠାରୁ ଆରମ୍ଭ କରି ଜନବସତି ଓ ଗାଁ ଦାଣ୍ଡରେ ଏବେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି, ଯାହା ସ୍ଥାନୀୟ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିପକାଇଛି।

ସୂଚନାଯୋଗ୍ୟ, ଏହି ଲଗାଣ ବର୍ଷା ଓ ନଦୀର ବନ୍ୟା ପାଣି ଯୋଗୁଁ ବିଶେଷ କରି ଚୁଡ଼ାକୁଟି ମାଙ୍କିଡ଼ିଆ ରାସ୍ତାରେ ଆଣ୍ଠୁଏ ପାଣି ଯୋଗୁଁ ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। କାକୁଡ଼ି ଗଡ଼ିଆ, ଗୋବିନ୍ଦପୁର, କଲ୍ୟାଣୀ, ଝାରଦିଆ, କଟସାହି, ଇଟା ପାଳ, କାସିମପୁର, କୋଠାର ଓ କୋରୁଆ



ଆଦି ଗ୍ରାମଗୁଡ଼ିକ ଗମ୍ଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଗାଁର ମୁଖ୍ୟ ରାସ୍ତା ଉପରେ ପାଣି ଚାଲୁଥିବାରୁ ବାହ୍ୟଜଗତ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ସଦୃଶ ହୋଇଛି। ଯାତାୟାତ ପାଇଁ ଲୋକେ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁ ଦାଣ୍ଡ ସାଙ୍ଗକୁ ଶହଶହ ହେକ୍ଟର ଚାଷ ଜମି ଏବେ ଜଳମଗ୍ନ। ସବୁଜ ଧାନ କ୍ଷେତ ଉପରେ ପାଣି ଲହଡ଼ି ମାରୁଥିବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହା ସହିତ ପାନୀୟ ଜଳର ସମସ୍ୟା ଓ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ସଂଗ୍ରହ କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଥିବାବେଳେ ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପ୍ରଶାସନ ପକ୍ଷରୁ ରିଲିଫ୍, ଶୁଖିଲା ଖାଦ୍ୟ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ଯଦି ବର୍ଷା ଏମିତି ଲାଗିରହେ, ତେବେ ପରିସ୍ଥିତି ଆହୁରି ସଙ୍ଗୀନ ହେବାର ଆଶଙ୍କା ରହିଛି। ଅନ୍ୟପଟେ, ଭଦ୍ରକ-ଆରଡ଼ି ୩୫ ନମ୍ବର ଜାତୀୟ ରାଜପଥର ଅସୁରାଳି ନିକଟରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ରାଜପଥ ମଝିରେ ପାଣିର ତୀବ୍ର ସୁଅ ଚାଲୁଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି ଏବଂ ଛୋଟ ଯାନବାହନ ଚଳାଚଳ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷ ଚିନ୍ତାର ବିଷୟ ହେଉଛି, ରାତି ପାହିଲେ ହଜାର ହଜାର କାଉଡ଼ିଆ ଭକ୍ତ ଆରଡ଼ି ପୀଠକୁ ଜଳ ଅର୍ପଣ କରିବା ପାଇଁ ଏହି ରାସ୍ତା ଦେଇ ଯାତ୍ରା କରିବେ। ରାସ୍ତା ଉପରେ ପାଣିର ତୀବ୍ର ସୁଅ ଚାଲୁଥିବାରୁ ଭକ୍ତମାନଙ୍କ ସୁରକ୍ଷା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ପ୍ରଶାସନକୁ ନିବେଦନ କରିଛନ୍ତି ଯେ, କାଉଡ଼ିଆ ଭକ୍ତମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ପୁଲିସ ମୁତୟନ, ବ୍ୟାରିକେଡ୍ ବ୍ୟବସ୍ଥା, ସତର୍କ ସୂଚନା ବୋର୍ଡ ଏବଂ ଆବଶ୍ୟକ ସ୍ଥାନରେ ଉଦ୍ଧାରକାରୀ ଦଳ ନିୟୋଜିତ କରାଯାଉ। ସେହିପରି ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ ତୁରନ୍ତ ସହାୟତା ଓ କ୍ଷତିପୂରଣ ଘୋଷଣା କରିବାକୁ ମଧ୍ୟ ଦାବି ଜୋର୍ ଧରିଛି।

# ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ଭାଙ୍ଗିଦେଲେ ଚୁଲି

ପୁରୀ,୧୮।୭(ସମିସ): ମହାପ୍ରଭୁଙ୍କ ଆଡ଼ପ ବିଜେ ପୂର୍ବରୁ ପୁଣି ଏକ ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଛି। ଗୁଣ୍ଡିଚା ମନ୍ଦିର ରୋଷଶାଳାର ୩ ଚୁଲି ଭାଙ୍ଗି ଦିଆଯାଇଛି। ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଏଭଳି ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ବେଳେ ଚୁଲି ଭଙ୍ଗା ବିବାଦ କୁମ୍ଭାରପଡ଼ା ଥାନାରେ ପହଞ୍ଚିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ନରସିଂହ ମହାପାତ୍ର ଏତଲାରେ ଉଲ୍ଲେଖ କରିଛନ୍ତି, ଶ୍ରୀମନ୍ଦିର ଭଳି ତାଙ୍କର ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ୩ଟି ଚୁଲି (୫୭, ୫୮, ୫୯) ରହିଛି। ଗତ ୧୫ ତାରିଖ ସକାଳ ୯ଟାରେ ମାଟିମଣ୍ଡପ ସାହିର ୫ ଜଣ ଗୁଣ୍ଡା ଖଣ୍ଡା ଓ ଭୁଜାଲି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ରୋଷଶାଳାରେ ପଶି ଉକ୍ତ ୩ଟି ଚୁଲିକୁ ଭଙ୍ଗାରୁଜା କରୁଥିଲେ। ଏହି ସମୟରେ ନରସିଂହ ଓ ତାଙ୍କ ସାନଭାଇ ପହଞ୍ଚି ଚୁଲି କ'ଣ ପାଇଁ ଭାଙ୍ଗୁଛ ବୋଲି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ଘଟଣାସ୍ଥଳରେ ଅନ୍ୟ ସେବାୟତ ପହଞ୍ଚି ଯାଇଥିଲେ। ଫଳରେ ଆକ୍ରମଣକାରୀମାନେ ଚମ୍ପଟ ମାରିଥିଲେ। ଗତବର୍ଷ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଚୁଲି ଭାଙ୍ଗିଥିଲେ। ଏ ନେଇ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ପୁଣି ଚଳିତ ବର୍ଷ ଚୁଲି ଭଙ୍ଗାଯାଇଛି। ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି, ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ଚୁଲି ଭଙ୍ଗାଯିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ ପରେ ତଦନ୍ତ ଚାଲିଛି। ରଥଯାତ୍ରାରେ

### ଥାନାରେ ମାମଲା, ପୁଲିସର ତଦନ୍ତ ଜାରି

ମହାପ୍ରଭୁଙ୍କ ପହଣ୍ଡି ବିଳମ୍ବ ହେବା, ମସ୍ତକରେ ଟାହିଆ ନ ରହିବା ଏବଂ ଦଳାଚକଟାରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିବାବେଳେ ଏବେ ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଶାଳାର ଚୁଲି ଭଙ୍ଗାଯିବା ବିବାଦ ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଚୁଲି ଭଙ୍ଗା ଘଟଣାରେ ପ୍ରତିକ୍ରିୟା ଦେଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ହେଲେ ପ୍ରଶାସନ ଏହାର ସମାଧାନ କରିବ।

**ଯାଞ୍ଚ ହେଲା ଶ୍ରୀମନ୍ଦିର**

# ଗର୍ଭଗୃହ କାନ୍ଥରେ ଜମିଛି କଳା ଆସ୍ତରଣ

ପୁରୀ,୧୮।୭(ସମିସ): ଗର୍ଭଗୃହରେ 'ମୟଶ୍ଚର' ହୋଇଯାଇଛି। କାନ୍ଥରେ ଫିମ୍ପି ଭଳି କଳା ଆସ୍ତରଣ ଜମିଛି। ଏହାକୁ ସଫା କରାଯାଇ ରାସାୟନିକ ପ୍ରଲେପ ଦିଆଯିବ। ଏହାବ୍ୟତୀତ କେତେକ ବାର୍ଷିକ ମରାମତି ବି ହେବ। ଶନିବାର ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ, ଜଗମୋହନ, ରୋଷଘର ଏବଂ ଭୋଗମଣ୍ଡପ ଯାଞ୍ଚ ପରେ ଏହି ନିଷ୍ପତ୍ତି ହୋଇଛି। ମହାପ୍ରଭୁ ଏବେ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଛନ୍ତି। ଏଣୁ ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହିତ ଭୋଗ ମଣ୍ଡପର ସଂରକ୍ଷଣ କାର୍ଯ୍ୟ କରାଯିବ।

ଶନିବାର ଯାଞ୍ଚ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଆଲୋଚନା ପରେ ସମସ୍ତେ ମନ୍ଦିର ଭିତରକୁ ଯାଞ୍ଚ ପାଇଁ ଯାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର୍ କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟର ମିଳିତ ଭାବେ ଏହି ଯାଞ୍ଚ କରିଛନ୍ତି। ସେମାନେ ଜଗମୋହନ, ନାଟମଣ୍ଡପ, ଗର୍ଭଗୃହ, ପ୍ରଥମ ଓ ଦ୍ୱିତୀୟ ମହଲା, ରୋଷଘର ଓ ଭୋଗ ମଣ୍ଡପ ଚଟାଣ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ବିଶେଷକରି ଗର୍ଭଗୃହ ଓ ଜଗମୋହନରେ କଳା ଆସ୍ତରଣ କେତେ ପରିମାଣର ଜମିଛି, କିଭଳି ଏହାର କେମିକାଲ ୱାସିଙ୍ଗ୍ କରାଯିବ, ବାୟୁ ଚଳାଚଳ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଗର୍ଭଗୃହ କାନ୍ଥରେ କଳା ଆସ୍ତରଣ ଜମିଥିବାବେଳେ ତେଲିଆ ବି ରହିଥିବା ଦେଖିବାକୁ ପାଇଥିଲେ। ଜଗମୋହନରେ ଲଗାଯାଇଥିବା ଷ୍ଟିଲ୍ ଫ୍ରେମ୍, ପକେଟ୍‌ଗୁଡ଼ିକର ଅନୁଧ୍ୟାନ ସହ ନାଟମଣ୍ଡପ ବିମ୍ ଫାଟ ଅନୁଧ୍ୟାନ ପାଇଁ ଲାଗି ଥିବା କ୍ରାକ୍ ମିଟରର ରିଡିଙ୍ଗ୍ ଅନୁଧ୍ୟାନ କରିଥିଲେ। ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ମାଡ୍ରାସ ଆଇଆଇଟି ପକ୍ଷରୁ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହ ଭୋଗ ମଣ୍ଡପର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସେହିପରି ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସାତ ଦିନ ମଧ୍ୟରେ ଯେଉଁସବୁ ରୁଟିନ୍ କାର୍ଯ୍ୟ କରାଯିବା କଥା ତାହା ଏଏସ୍ଆଇ ଦ୍ୱାରା ସମ୍ପନ୍ନ କରାଯିବ। ଯେଉଁ କାମ ରଥଯାତ୍ରା ପରେ ଆବଶ୍ୟକ ତାହା ଦୀର୍ଘ ମିଆଦି ସୂତ୍ରରେ ପରବର୍ତ୍ତୀ ସମୟରେ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା ତାହାର ସ୍ଥିତି କେମିତି ରହିଛି ତାହାକୁ ଅନୁଧ୍ୟାନ କରାଯାଇଛି। କେତେକ ସ୍ଥାନରେ ଆବଶ୍ୟକ ମରାମତି କରିବାକୁ ପଡ଼ିବ। ତାହା ଠାକୁରଙ୍କ ନୀଳାଦ୍ରିବିଜେ ମଧ୍ୟରେ ଶେଷ କରାଯିବ ବୋଲି ଜଣାପଡ଼ିଛି।

**ତଥ୍ୟାନୁସନ୍ଧାନୀ ଦଳର ରିପୋର୍ଟ**

# ୩ ମାସ ଭତ୍ତା ବନ୍ଦ ହିଁ ସାବିତ୍ରୀ ଦୋରାଙ୍କ ମୃତ୍ୟୁର କାରଣ

ଭୁବନେଶ୍ୱର,୧୮।୭(ସମିସ): ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ୩ ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ବନ୍ଦ ରଖିଲେ। ଏହାଦ୍ୱାରା ଅନେକ ଗରିବ ହିତାଧିକାରୀ ନାନା ସମସ୍ୟାରେ ପଡ଼ିବା ସହ ଗଞ୍ଜାମ ଜିଲ୍ଲାର ବେଗୁନିଆପଡା ବ୍ଲକର ବୃଦ୍ଧା ବିଧବା ବି. ସାବିତ୍ରୀ ଦୋରାଙ୍କ ମୃତ୍ୟୁ ହୋଇଥିଲା। ସିଏସ୍ଏନ୍ଆର୍, ସିଏସ୍ଏଫ୍ଏଚ୍ଆର୍, ରାଇଟ୍ ଟୁ ଫୁଡ୍ କ୍ୟାମ୍ପେନ୍ ଏବଂ ସିଏସ୍‌ଡି ଆଦି ସଂଗଠନର ମିଳିତ ଉଦ୍ୟମରେ ଗଠିତ ତଥ୍ୟଅନୁଧ୍ୟାନକାରୀ ଦଳ ଏହା କହିଛି। ଶନିବାର ଏହି ମିଳିତ ସଂସ୍ଥାଙ୍କ ପକ୍ଷରୁ ରେଡକ୍ରସ ଭବନରେ ସାମ୍ବାଦିକ ସମ୍ମିଳନୀରେ ତିନି ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ବନ୍ଦ ରହିବା କାରଣରୁ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ୬୭ ବର୍ଷୀୟା ବିଧବା ବୃଦ୍ଧା ବି. ସାବିତ୍ରୀ ଦୋରାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟ, ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି, ପଞ୍ଚାୟତ କର୍ମଚାରୀ, ବ୍ଲକ ପ୍ରଶାସନ, ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ପରେ ଜଣାପଡ଼ିଛି, ସାବିତ୍ରୀ ଦୋରା ଜଣେ ବୃଦ୍ଧା ତଥା ବିଧବା ଥିଲେ



ଏବଂ ତାଙ୍କର ଜୀବନଧାରଣର ମୁଖ୍ୟ ଆଧାର ଥିଲା ସରକାରଙ୍କ ପକ୍ଷରୁ ମିଳୁଥିବା ମାସିକ ୧,୦୦୦ ଟଙ୍କା ବିଧବା ଭତ୍ତା ଏବଂ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ରାସନ। କିନ୍ତୁ ୨୦୨୬ ଏପ୍ରିଲରୁ ଜୁନ

### ବିକଳ୍ପ ବ୍ୟବସ୍ଥା ନ କରିବା ସରକାରଙ୍କ ଅପାରଗତା

ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି ତାଙ୍କ ଭତ୍ତା ବନ୍ଦ ରହିଥିଲା, ଯାହା ତାଙ୍କୁ ଗୁରୁତର ଆର୍ଥିକ ଏବଂ ମାନସିକ ସଙ୍କଟ ମଧ୍ୟକୁ ଠେଲିଦେଇଥିଲା। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଏବଂ ବ୍ୟାଙ୍କକୁ ଯାଇଥିଲେ ମଧ୍ୟ ତାଙ୍କୁ କିଛି ସୁଫଳ ମିଳିପାରି ନ ଥିଲା। ପ୍ରତ୍ୟେକ ସ୍ଥାନରେ ତାଙ୍କୁ କେବଳ ଅପେକ୍ଷା କରିବାକୁ କିମ୍ବା ବୈଷୟିକ ତ୍ରୁଟିର ଦ୍ୱାହି ଦିଆଯାଇଥିଲା। ବିକଳ୍ପ ବ୍ୟବସ୍ଥା ନ କରି ସରକାର ଡିଜିଟାଲ ସେବାର ବାହାନା ଦେବା ହିଁ ସାବିତ୍ରୀଙ୍କ ଜୀବନ ନେବା ସହ ଅନେକ ଲୋକଙ୍କୁ ସମସ୍ୟାରେ ପକାଇଛି।

ଏହି ଘଟଣା ସାର୍ବଜନୀନ ହେବା ପରେ ପ୍ରାୟ ୧୭.୬ ଲକ୍ଷ ଉପଭୋକ୍ତାଙ୍କୁ ବକେୟା ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଘଟଣା ପ୍ରମାଣ କରୁଛି ଯେ ସମସ୍ୟା ଅର୍ଥର ଅଭାବ ନୁହେଁ; ବରଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଇଚ୍ଛାଶକ୍ତି, ପ୍ରଶାସନିକ ଉତ୍ତରଦାୟିତ୍ୱ ଏବଂ ମାନବିକ ଦୃଷ୍ଟିଭଙ୍ଗୀର ଅଭାବ ହିଁ ଏହି ସଙ୍କଟକୁ ଆହୁରି ଗମ୍ଭୀର କରିଥିଲା। ଯଦି ସମୟ ମଧ୍ୟରେ ବିକଳ୍ପ ବ୍ୟବସ୍ଥା କରାଯାଇଥାନ୍ତା, ତେବେ ସାବିତ୍ରୀ ଦୋରାଙ୍କ ପରି ଜଣେ ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ମିଳିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ତଥ୍ୟ ଅନୁସନ୍ଧାନ ରିପୋର୍ଟ ରେ ସରକାରଙ୍କ ନିକଟରେ ଅନେକ ସୁପାରିଶ ରଖାଯାଇଛି। ଏଥିରେ ସାବିତ୍ରୀ ଦୋରାଙ୍କ ପରିବାରକୁ ବକେୟା ଭତ୍ତା, ପ୍ରାପ୍ୟ ରାସନ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା, ତାଙ୍କ ମୃତ୍ୟୁ ଘଟଣାର ଏକ ସ୍ୱାଧୀନ ଏବଂ ନିରପେକ୍ଷ ତଦନ୍ତ କରିବା, ରାଜ୍ୟର ସମସ୍ତ ପ୍ରଭାବିତ ଭତ୍ତା ଉପଭୋକ୍ତାକାରୀଙ୍କୁ ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା, ପ୍ରତି ମାସରେ ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ପ୍ରଦାନକୁ ବାଧ୍ୟତାମୂଳକ ଓ ସୁନିଶ୍ଚିତ କରିବା, ଡିଜିଟାଲ ବ୍ୟବସ୍ଥା ସହ ନଗଦ ଓ ଘରକୁ ଯାଇ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକାରୀ କରିବା, ଆଧାର ସଂଯୋଗ କିମ୍ବା ବାୟୋମେଟ୍ରିକ ସମସ୍ୟା କାରଣରୁ ଭତ୍ତା ବନ୍ଦ ନକରିବା, ଅସୁରକ୍ଷିତ ବୃଦ୍ଧ ବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତାଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଏବଂ ପଞ୍ଚାୟତ ଓ ବ୍ଲକ ସ୍ତରରେ ଏକ ସରଳ ଏବଂ ସମୟବଦ୍ଧ ଅଭିଯୋଗ ନିରାକରଣ ବ୍ୟବସ୍ଥା ପ୍ରଚଳନ କରିବା ଭଳି ପ୍ରସ୍ତାବ ରହିଛି।

ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

# ମାଉସୀମା' ମନ୍ଦିରରେ ତିନିରଥ



ବଡ଼ଦାଣ୍ଡ ଜନସମୁଦ୍ର



**ବାରିପଦା, ୧୮ ।୭ (ସମିସ)**

ପରମ୍ପରା ଅନୁଯାୟୀ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶନିବାର ଦର୍ପଦଳନ ଓ ନନ୍ଦିଘୋଷ ରଥ ମାଉସୀମା' ମନ୍ଦିରରେ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁଣ୍ଡିଚା ଯାତ୍ରା ଶେଷ ହୋଇଛି । ନିୟମାନୁସାରେ ପ୍ରଥମ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଥିବାବେଳେ ଅଧାବାଟରେ ଅଟକିଥିବା ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଟାଣି ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚାଇଥିଲେ । ଶନିବାର ସୁଭଦ୍ରା ରଥଟଣା ସମୟରେ ଦୂରଦୂରାନ୍ତରୁ ଆସିଥିବା ମହିଳା ପ୍ରବଳ ଉତ୍ସାହରେ ରଥଟାଣି ମାଉସୀମା ମନ୍ଦିର ପହଞ୍ଚାଇଥିଲେ । ଏହାପରେ ଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଜଗନ୍ନାଥଙ୍କର । ଘଣ୍ଟା, ହୁଳହୁଳି ଓ ସଂକୀର୍ତ୍ତନ ଧ୍ୱନିରେ ଲକ୍ଷାଧିକ ଭକ୍ତ ରଥ ଦଉଡିକୁ ଆନନ୍ଦର ସହ ଟାଣି ମାଉସୀମା'ଙ୍କ ମନ୍ଦିର ନିକଟରେ ସନ୍ଧ୍ୟାରେ ପହଞ୍ଚାଇଥିଲେ ।

ପ୍ରଥମ ଦିନଠାରୁ ଆଜି ଭକ୍ତଙ୍କ ସମାଗମ ଯଥେଷ୍ଟ ଅଧିକ ରହିଥିଲା । ଅନୁକୂଳ ପାଗ ଓ ଶନିବାର ପାଇଁ ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର । ଭିଡ଼ ନିୟନ୍ତ୍ରଣ ଅଣାୟତ୍ତ ହୋଇଥିଲା । ପରମ୍ପରା ଅନୁଯାୟୀ ମାଉସୀମା' ମନ୍ଦିରରେ ରଥ ପହଞ୍ଚିବା ପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଉପରୁ ଶ୍ରଦ୍ଧା (ଗୁଡ଼) ଲଡୁ ଫିଙ୍ଗାଯିବା ସମୟରେ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା । ବିଭିନ୍ନ ସଙ୍ଗଠନ ପକ୍ଷରୁ ବଡ଼ଦାଣ୍ଡରେ ଭଜନ, କୀର୍ତ୍ତନ, ସାଙ୍ଗକୁ ପାନୀୟଜଳ ବିତରଣ କରାଯାଇଥିଲା । ପ୍ରଶାସନ ପକ୍ଷରୁ ପାଣି ଟ୍ୟାଙ୍କ, ଦମକଳ, ଆମ୍ବୁଲାନ୍ସ




ସେବା ଯୋଗାଇ ଦିଆଯାଇଥିଲା । ସଂସ୍କୃତି ବିଭାଗ, ସୂଚନା ଓ ଜନ ସମ୍ପର୍କ ବିଭାଗ ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଧାରା ବିବରଣୀ ପ୍ରଦାନରେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିବାବେଳେ ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡା ଧାରା ବିବରଣୀ ଦେଇଥିଲେ । ଜିଲ୍ଲାପାଳ ଓ ଏସପିଙ୍କ ତତ୍ତ୍ୱାବଧାନରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ । ବଡ଼ଦାଣ୍ଡରେ ସାଧା ପୋଷାକଧାରୀ ପୁଲିସ, ସିସି କେମେରା ଓ ୱାଚ ଟାୱାର ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଶାନ୍ତିଶୃଙ୍ଖଳା ସହକାରେ ଓ ଆନନ୍ଦ ଉଲ୍ଲାସରେ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା । ତିନି ଦିଅଁ ନିଜ ନିଜ ରଥରେ ପୂଜା ପାଉଥିବାବେଳେ ଭକ୍ତଙ୍କ ଗହଳି ଲାଗିଛି । ରାତିରେ ଗୋଟି ପହଣ୍ଡି କରାଯାଇ ତିନି ଠାକୁରଙ୍କୁ ମାଉସୀମା' ମନ୍ଦିରକୁ ନିଆଯିବ ।

ମାଉସୀମା' ମନ୍ଦିରକୁ ସାଙ୍ଗରେ ଆସିଛନ୍ତି ୧୨୦ ସେବାୟତ: ଜଗନ୍ନାଥ ମାଉସୀମା' ମନ୍ଦିରକୁ ବଡ଼ଭାଇ ଓ ସୁନାନାକି ଭଉଣୀଙ୍କୁ ସାଙ୍ଗରେ ଆଣିଥିବାବେଳେ ସମସ୍ତ ସରଞ୍ଜାମ ଓ ସେବାୟତଙ୍କୁ ଧରିଆସିଛନ୍ତି । ଯେପରି ରୋଷେଇ ସାମଗ୍ରୀ, ଖଟ, ମସିଣା, ବାସନକୁସନ, ଛତ୍ରଚାମର, କାହାଳୀ ଓ ରଣସିଂହ ସହିତ ରାଜକୀୟ ପରିପାଟୀରେ ନିଜର ୪ ଜଣ ପୂଜାରୀ, ୬-୬ ଜଣ ଟହଲିଆ ଓ ସୁପକାରଙ୍କ ସମେତ ଦୈନିକ ୧୨୦ ସେବା ସମ୍ପନ୍ନ କରୁଥିବା ସେବାୟତ ମଧ୍ୟ ପହଞ୍ଚିଛନ୍ତି । ସୋମବାରଠାରୁ ୫ ଦିନ ବିଭିନ୍ନ ଦିବସରେ ପ୍ରଭୁଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ ।

ଅମାନିଆଙ୍କୁ ପାଣି ମାଡ଼: ରଥଟଣା ସମୟରେ ବଡ଼ଦାଣ୍ଡରେ ଅମାନିଆ ଯୁବଗୋଷ୍ଠୀଙ୍କ ଉତ୍ପାତ ଅନ୍ୟ ବର୍ଷ ତୁଳନରେ ଅଧିକ ଦେଖିବାକୁ ମିଳିଥିଲା । ସଂକୀର୍ତ୍ତନ ମଣ୍ଡଳୀଙ୍କ ତାଳେ ତାଳେ ସଭିଏଁ ଭକ୍ତିମୟ ନୃତ୍ୟ ପରିବର୍ତ୍ତେ ସେହି ତାଳରେ ଆଧୁନିକ ନୃତ୍ୟରେ ମସଗୁଲ ରହିଥିଲେ । ପ୍ରଥମ ଦିନ ଦମକଳ ନିକଟରେ ପହଞ୍ଚି ଚିତ୍କାର କରି ପାଣି ସ୍ପ୍ରେରେ ଭିଜିଥିଲେ । କେତେକ ସାର୍ଟ ଓ ବେନିୟନ ଖୋଲି ଉଦଣ୍ଡ ନୃତ୍ୟ ସହିତ ଭୂଇଁରେ ଗଡୁଥିଲେ । ଦ୍ୱିତୀୟ ଦିନ ଅନୁରୂପ ଉତ୍ପାତ ଦେଖିବାକୁ ମିଳିଥିଲା । ଫଳରେ ଅଗ୍ନିଶମ କର୍ମଚାରୀ ପାଣି ମାଡ଼ କରି କ୍ଷାନ୍ତ ରହିବାକୁ ଚେଷ୍ଟା କରିଥିଲେ ।

ପୌରପରିଷଦ ସଫେଇ କର୍ମଚାରୀଙ୍କ ପ୍ରଶଂସନୀୟ କାର୍ଯ୍ୟ: ରଥଟଣା ସମୟରେ ପଛେ ପଛେ ବାରିପଦା ପୌରପରିଷଦ ପକ୍ଷରୁ ନିଯୁକ୍ତ ସଫେଇ କର୍ମଚାରୀଙ୍କ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ରଥ ଯିବା ପରେ ସଙ୍ଗେ ସଙ୍ଗେ ବଡଦାଣ୍ଡରୁ ଟିକିନିଖି ଅଳିଆ ସଂଗ୍ରହ ପୂର୍ବକ ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ିରେ ପକାଇ ଚାଲିଥିଲେ ।

କର୍ଡନ ପାସ୍ ବ୍ୟବସ୍ଥା ବନ୍ଦ ପାଇଁ ଶୃଙ୍ଖଳାରେ ରଥଟଣା: ପୂର୍ବ ବର୍ଷମାନଙ୍କରେ କର୍ଡନ ପାସ ନେଇ କଲର ଜେରକ୍ସ କରି ବାଣ୍ଟିବା ଫଳରେ ଆଶାଠାରୁ ଅଧିକ ପାସଧାରୀ କର୍ଡନ ଭିତରକୁ ପଶିଆସୁଥିଲେ । ଫଳରେ ରଥଟଣା କାର୍ଯ୍ୟ ବ୍ୟାଘାତ ହେଉଥିଲା । କିନ୍ତୁ ଚଳିତ ବର୍ଷଠାରୁ ସମ୍ପୂର୍ଣ୍ଣ କର୍ଡନ ପାସ ବନ୍ଦ କରାଯାଇଥିବାରୁ ଶୃଙ୍ଖଳାର ସହିତ ରଥଟଣା ହୋଇଥିବା ଜଣାପଡ଼ିଛି ।

## ପିଲାଏ ଟାଣିଲେ ସାନ ଜଗନ୍ନାଥଙ୍କ ରଥ





**ବାରିପଦା, ୧୮ ।୭ (ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି । ଏହି ସ୍ୱତନ୍ତ୍ର ପରମ୍ପରା ମଧ୍ୟରେ ବାରିପଦାର ସାନ ଜଗନ୍ନାଥ ବା ବାଣ୍ଠିଆ ଜଗନ୍ନାଥ ମନ୍ଦିର ରଥଯାତ୍ରାର ଅନନ୍ୟ ପରମ୍ପରା ରହିଛି । କୁନି କୁନି ଭକ୍ତଙ୍କ ଗହଣରେ ମହାପ୍ରଭୁ ମାଉସୀମା ମନ୍ଦିରକୁ ଯାଇଥା'ନ୍ତି । ସେହି ପରମ୍ପରାକୁ ଚଳିତ ବର୍ଷ ମଧ୍ୟ ଉଜ୍ଜୀବିତ ରଖି ପିଲାଙ୍କ ଦ୍ୱାରା ବାରିପଦା ବାଣ୍ଠିଆ ଜଗନ୍ନାଥଙ୍କ ରଥ ଟଣା ଅନୁଷ୍ଠିତ ହୋଇଛି । ଚତୁର୍ଦ୍ଧାମୂର୍ତ୍ତି ରଥରୂଢ଼ ହେବା ପରେ ନୀତିକ୍ରାନ୍ତି ସମ୍ପନ୍ନ ହୋଇଥିଲା । ଏହାପରେ ପୂର୍ବାହ୍ନରେ ସାନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଦେବତ୍ତୋର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ କୁନି କୁନି ପିଲା ସହ ଭକ୍ତ ରଥ ଟାଣି ନେଇଥିଲେ । ଅନେକ ପରମ୍ପରା ସହିତ ଜଡ଼ିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଏହା ଆଉଏକ ଅନନ୍ୟ ପରମ୍ପରା ଅଟେ । ସାନ ଜଗନ୍ନାଥ ବା ବଣ୍ଠିଆ ଜଗନ୍ନାଥଙ୍କ ରଥଟଣାରେ ପିଲିମାନଙ୍କୁ ରଥ ଟାଣିବାର ସୁଯୋଗ ଦିଆଯାଇଥିଲା । ରଥକୁ ଟାଣି ନେଇ ମାଉସୀମା ମନ୍ଦିରରେ ପହଞ୍ଚାଇବା ପରେ ଜନ୍ମ ବେଦୀକୁ ଚତୁର୍ଦ୍ଧାମୂର୍ତ୍ତି ଯାଇଥିଲେ । ପରେ ସ୍ୱତନ୍ତ୍ର ନୀତିକାନ୍ତି ସମେତ ଶ୍ରଦ୍ଧାଳୁଙ୍କୁ ଜିଲ୍ଲାର ସ୍ୱତନ୍ତ୍ର ଗୁଡ଼ ଲଡୁ ଦିଆଯାଇଥିଲା । ରଥ ଉପରୁ ଲଡୁ ଫିଙ୍ଗା ଯାଇଥିବାବେଳେ ତାହାକୁ ଧରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଏ ଅବସରରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ରଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

**ବିଶୋଇ:** ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଆଜି ବିଶୋଇଠାରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଆଜି ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତ ସମାପନ ପରେ ସମାଜସେବୀ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଛେରାପହଁରା କରିବା ପରେ ପ୍ରଥମେ ବଳଭଦ୍ର, ପରେ ମା' ସୁଭଦ୍ରା ଓ ଶେଷରେ ଜଗତର ନାଥ ଜଗନ୍ନାଥ ଓ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା । ଆଜି ଅପରାହ୍ନ ସମୟରୁ ହଜାର ହଜାର ଶ୍ରଦ୍ଧାଳୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ରଥ ଟାଣିଥିଲେ । ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ବିଶୋଇ ତହସିଲଦାର ସତ୍ୟବାନ ନାୟକଙ୍କ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି




ଯାତ୍ରାରେ ସାମିଲ ହୋଇଥିଲେ । ରଥ ଦଉଡ଼ିର ଗୋଟିଏ ପଟେ ମହିଳା ଓ ଯୁବତୀ ଏବଂ ଅପରପକ୍ଷ ଦଉଡ଼ିକୁ ପୁରୁଷମାନେ ଟାଣିଥିଲେ । ଏହି ସମୟରେ ବଡ଼ଦାଣ୍ଡ ସାଜିଥିବା ବିଶୋଇ ବଜାର ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ରଥ ବିଶୋଇ ଡାକବଙ୍ଗଳା ନିକଟରେ ପହଞ୍ଚିବା ପରେ ତିନି ଠାକୁରଙ୍କ ଧାଡ଼ି ପହଣ୍ଡି କରାଯାଇ ମାଉସୀମା ମନ୍ଦିରକୁ ବିଜେ କରାଯାଇଥିଲା । ବିଶୋଇ ଶ୍ରୀମନ୍ଦିରର ମୁଖ୍ୟ ପୂଜକ ଦୁର୍ଗାପ୍ରସାଦ ଶର୍ମା, ଶ୍ରୀପତି ପଣ୍ଡାଙ୍କ ସମେତ ସେବାୟତ ଡାକ୍ତର ମାର୍କେଣ୍ଡୟ ଆଚାର୍ଯ୍ୟ, ଶାଶ୍ୱତ ଶର୍ମା, ଅଭୟ ଶର୍ମା, ରବୀନ୍ଦ୍ର ନାଥ ବିନ୍ଧାଣି ପ୍ରମୁଖ ରଥ ଉପରେ ନିୟୋଜିତ ଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ବିଶୋଇ ଶାଖା, ଶାନ୍ତିଲତା ଆସୋସିଏଟ ପକ୍ଷରୁ ପ୍ରସାଦ ବଣ୍ଟନ, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବାବେଳେ ରଥଯାତ୍ରା କମିଟିର ସମସ୍ତ ସଦସ୍ୟଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା । ବିଶୋଇ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ବଜାୟ ସହିତ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା ।

**ମୋରଡ଼ା:** ମୋରଡା ବ୍ଲକ୍‌ର ପ୍ରସିଦ୍ଧ ଚିତ୍ରଡ଼ା ଧର୍ମକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ଆଜି ଶେଷ ହୋଇଛି । ପରମ୍ପରା ଅନୁଯାୟୀ ଶୁକ୍ରବାର ଠାକୁରମାନେ ଅଧାବାଟ ବ୍ଲକ ଛକ ସମ୍ମୁଖରେ ବିଶ୍ରାମ ନେଇ ଆଜି ସନ୍ଧ୍ୟା ୫ଟାରେ ପୁଣି ରଥଟଣା ଆରମ୍ଭ ହୋଇଥିଲା । ଶ୍ରଦ୍ଧା, ଭକ୍ତିରେ ରଥଦାଣ୍ଡ ପରିପୂର୍ଣ୍ଣ ହୋଇଥିବାବେଳେ ଘଣ୍ଟ, ଶଙ୍ଖ ଧ୍ୱନି, ହୁଳୁହୁଳି, ବାଜା, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ଚିତ୍ରଡା ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ଭକ୍ତଙ୍କ ସମାବେଶ ରଥଦାଣ୍ଡରେ ଦେଖିବାକୁ ମିଳିଥିଲା । ମାଉସୀମା ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଭକ୍ତ ରଥ ଉପରକୁ ଯାଇ ଠାକୁରଙ୍କୁ ପୂଜା କରିବା ପରେ ଉପସ୍ଥିତ ହଜାର ହଜାର ଭକ୍ତଙ୍କ ଉଦ୍ଦେଶ୍ୟରେ ଲଡୁ ଫିଙ୍ଗାଯାଇଥିଲା ।



## ରଥଯାତ୍ରାରେ ଲୋକାଲ ଟ୍ରକ୍ ମାଲିକ ସଂଘର ସେବା କାର୍ଯ୍ୟ

**ବାରିପଦା, ୧୮ ।୭ (ସମିସ):** ଲୋକାଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ଅବସରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦିତ ହୋଇଛି । ସଂଘ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଆବଶ୍ୟକୀୟ ବସ୍ତ୍ର କ୍ରୟ କରି ଜିଲ୍ଲା ଦେବତ୍ତୋର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା । ଏଥିସହିତ ଦୁଇଦିନିଆ ରଥଟଣା ସମୟରେ ବଡ଼ଦାଣ୍ଡରେ ଭକ୍ତଙ୍କୁ ପାଣି ଓ ଜଳଖିଆ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରି ସଂଘର ଏହି ସେବାମୂଳକ କାର୍ଯ୍ୟର




ପ୍ରଶଂସା କରିଥିଲେ । ସଂଘର ସଭାପତି କମଳେନ୍ଦୁ କୁମାର ଦାସ ଓ ସମ୍ପାଦକ ପ୍ରକାଶ କରମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଉପସଭାପତି ରବୀନ୍ଦ୍ର ଜେନା, କୋଷାଧକ୍ଷ ଜଗତ ଜୀବନ ରାମ, ସହକାରୀ ସମ୍ପାଦକ ଅଭିଷେକ ମହାପାତ୍ରଙ୍କ ସମେତ ମୁରାରୀ ଲାଲ ଶର୍ମା, ସନ୍ତୋଷ କୁମାର ଖଣ୍ଡେଲୱାଲ, ଅରୁଣ ଦାସ, ସତ୍ୟଜିତ କର, ଶିବ କୁମାର ସିଂହ, ଭଗବାନ ଆଚାର୍ଯ୍ୟ, ପ୍ରମୋଦ କୁମାର ଅଗ୍ରୱାଲ, ମୋହନ ଅଗ୍ରୱାଲ, ସନ୍ତୋଷ ରାଣା, ଆଶିଷ ନାୟକ, ଉଦୟ ବାରିକ, ଅଜିତ ପାଳପାବୁ, ମାନସ ଦାସ, ଦିଲ୍ଲୀପ ବେହେରା, ଜିତେନ୍ଦ୍ର ମହାନ୍ତ, ବିନିତ ଅଗ୍ରୱାଲ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଭକ୍ତଙ୍କ ସେବା ପାଇଁ ଲୋକାଲ ଟ୍ରକ ମାଲିକ ସଂଘର ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଛନ୍ତି ।

**ଖୁଣ୍ଟା:** ଖୁଣ୍ଟା ବ୍ଲକ ବାସିପିଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ରଥଯାତ୍ରାରେ ବିପୁଳ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରଥାରୂଢ଼ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁ ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଟାଣି ନେଇଥିଲେ । ପରମ୍ପରା ଅନୁସାରେ ରଥର ତିନି ଦଉଡି ମଧ୍ୟରୁ ଗୋଟିକୁ କେବଳ ମହିଳା ଟାଣିଥିଲେ । ପ୍ରାରମ୍ଭରେ ଶଙ୍ଖ ଘଣ୍ଟା ହୁଳହୁଳି ଓ ସଂକୀର୍ତ୍ତନ ମଧ୍ୟରେ ନିର୍ଦ୍ଧାରିତ ସମୟରେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପିଏନବି ବ୍ୟାଙ୍କ ନିକଟରୁ ଭକ୍ତ ରଥକୁ ଟାଣିନେଇ ଗୁଣ୍ଡିଚା ଘର ନିକଟରେ ପହଞ୍ଚିଥିଲେ । ଅନୀଲ କୁମାର ପୃଷ୍ଟି ରଥରେ ଛେରାପହଁରା କରିଥିଲେ । ଭାଗବତ ପଣ୍ଡା ରଥ ଉପରୁ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଧାରା ବିବରଣୀ ପ୍ରଦାନ କରିଥିଲେ । ପୂର୍ବତନ ସାଂସଦ ବୀରଭଦ୍ର ସିଂ ରଥଟଣା କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଓ ବହୁ ବିଶିଷ୍ଟ ବ୍ୟକ୍ତି ରଥଟଣାରେ ସାମିଲ ହୋଇଥିଲେ ।



ଖୁଣ୍ଟା ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

ସେହିପରି ଖୁଣ୍ଟାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ତିନି ଠାକୁର ହନୁମାନ ମନ୍ଦିର ପରିସର ଗୁଣ୍ଡିଚା ଘରେ ପହଞ୍ଚିଛନ୍ତି । ୧୯୫୯ରେ ବଡଖୁଣ୍ଟା ଗ୍ରାମରେ ନକୁଳ କମିଳାଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିବାବେଳେ ସେବେଠାରୁ ରଥ ଯାତ୍ରା କମିଳା ପରିବାର ପକ୍ଷରୁ ଆୟୋଜିତ ହୋଇଆସୁଛି । ତିନି ଠାକୁରଙ୍କ ରଥକୁ ଶ୍ରଦ୍ଧାଳୁ ଟାଣିନେଇ ନିର୍ଦ୍ଧରିତ ସମୟରେ ଖୁଣ୍ଟା ହନୁମାନ ମନ୍ଦିର ପ୍ରାଙ୍ଗଣ ଗୁଣ୍ଡିଚା ଘରେ ପହଞ୍ଚିଥିଲେ । ପୂର୍ବଦିନ ଠାକୁରଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ଅପରାହ୍ନରେ ରଥ ଟଣା ହୋଇ ବଙ୍ଗଳା ଛକ, କାଳୀ ମାର୍କେଟ, ବଉଳ ବଜାର, ଆନନ୍ଦ ବଜାର, ଖୁଣ୍ଟା ଥାନା ଛକ ଦେଇ ଗୁଣ୍ଡିଚା ଘରେ ପହଞ୍ଚିଥିଲା । ସ୍ଥାନୀୟ ପୁଲିସ ଆଇନଶୃଙ୍ଖଳା ରକ୍ଷା ଓ ଖୁଣ୍ଟା ବଜାରରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲା । ଅନ୍ୟପକ୍ଷରେ ଗୟଳମରା ଗ୍ରାମରେ ତିନି ରଥରେ ତିନି ଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଓ ବାହାନଡା ରଥଯାତ୍ରାରେ ଅନୁରୂପ ଭାବେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।



**ଶୁଳିଆପଦା:** ପତିତ ଜନଙ୍କୁ ଉଦ୍ଧାର ପାଇଁ ପତିତପାବନ ବାନା ଉଡ଼ାଇ ଜଗତର ନାଥ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ରଥାରୂଢ଼ ହୋଇ ବଡ଼ଦାଣ୍ଡକୁ ବାହାରିଛନ୍ତି । ଚଳିତବର୍ଷ ଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ଅନୁଷ୍ଠିତ ରଥଯାତ୍ରାରେ ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶୋଭାକର ଆଚାର୍ଯ୍ୟ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା । ପରେ ଛେରାପହଁରା କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ତଥା ସ୍ଥାନୀୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜନ୍ମେଜୟ ଦାଶଙ୍କ ନେତୃତ୍ୱରେ ମନ୍ଦିର ପୂଜକ ଟିକଲ ନନାଙ୍କ ସହିତ ରଣଜିତ ପତି, ମୋହିତ କୁମାର ପତି, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ପହଣ୍ଡି ସହିତ ରଥ ପରିଚାଳନା କରିଥିଲେ । ବିଭିନ୍ନ ଅଞ୍ଚଳରୁ ପାଖାପାଖି ୫ ହଜାର ଭକ୍ତ ରଥ ଟାଣିଥିଲେ । ହରିନାମ ସହିତ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଦୁଇଦିନିଆ ରଥଯାତ୍ରାରେ ଗତକାଲି ବ୍ଲିକ୍ ଛକ ଓ ଥାନା ଛକ ମଝିରେ ରଥ ଅଟକାଯାଇଥିଲା । ଆଜି ପୁଣି ସେଠାରୁ ରଥ ଟଣାଯାଇ ପଞ୍ଚାୟତ ଛକସ୍ଥ ମାଉସୀମା ବାଡିରେ ହଟିଆ ଠାକୁର ପହଞ୍ଚିଥିଲେ । ଆଜି ରଥଟଣା ସମୟରେ ବର୍ଷା ଓ ମଝିରେ ମଝିରେ ଘଡଘଡିକୁ ଖାତିରି ନ କରି ଭକ୍ତ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଟାଣିନେଇଥିଲେ । ଅଞ୍ଚଳର କୁନି କଳାକାର ରଥାରୂଢ଼ ଜଗନ୍ନାଥଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରି ନିଜର କଳାକୃତି ପ୍ରଦର୍ଶନ କରିଥିଲେ । କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଲୋଚନ ବେହେରାଙ୍କ ସହିତ ମିଥୁନ୍ କୁମାର ସି, ସୁମନ୍ତ କୁମାର ଗିରି, ଜଗନ୍ନାଥ ଗିରି, ଭବାନୀ ଶଙ୍କର ବାରିକ, ଜ୍ୟୋତିପ୍ରକାଶ ବାରିକ, ଛତିଶ ଚନ୍ଦ୍ର ଧଳ, ତୀର୍ଥଙ୍କର ଜେନାଙ୍କ ସହିତ କମିଟିର ଶତାଧିକ ସଦସ୍ୟଙ୍କ ସହଯୋଗ କରିଥିଲେ । ଶୁଳିଆପଦା ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ



**ବାରିପଦା, ୧୭ ।୭ (ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା ସମୟରେ ଲାୟନ୍ସ କ୍ଲବ୍ ପକ୍ଷରୁ ବଡ଼ଦାଣ୍ଡରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଅନ୍ନଭୋଗ ବଣ୍ଟନ କରାଯାଇଥିଲା । ବାରିପଦାର ପ୍ରସିଦ୍ଧ ଦଳା ଖେଚୁଡ଼ି, ରାମରୋଚକ ତରକାରୀ ଭକ୍ତଙ୍କ ଉଦ୍ଦେଶ୍ୟରେ ମାଗଣାରେ ବଣ୍ଟନ କରାଯାଇଥିଲା । ଏହି ପ୍ରସାଦ ବଣ୍ଟନ କେନ୍ଦ୍ରକୁ ପିପି ଲାୟନ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ଓ ପିପି ଲାୟନ ସୁଭାଷ ପ୍ରଧାନ ଯୋଗଦେଇ ଫିଟାକାଟି ଉଦଘାଟନ କରିଥିଲେ । ବଡ଼ଦାଣ୍ଡରେ ଭକ୍ତଙ୍କ ଭୋଜନ ସୁବିଧା ପାଇଁ ଲାୟନ୍ସ କ୍ଲବ୍ ପକ୍ଷରୁ ଖୋଲାଯାଇଥିବା ଏହି ପ୍ରସାଦସେବନ କେନ୍ଦ୍ରରେ କ୍ଲବ୍‌ର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସେବା କାର୍ଯ୍ୟ ତୁଲାଇଥିଲେ ।

## ଯୁବଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ



ହାଟଡ଼ିହୀ,୧୮।୭(ସମିସ): ପରିବେଶ ସୁରକ୍ଷା, ସବୁଜ ପରିବେଶ ଗଠନ ଏବଂ ବୃକ୍ଷରୋପଣ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଇାଞ୍ଜୋଳ ବିକାଶ ମଞ୍ଚ ଓ ନୂଆରମ୍ଭାସ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଇଞ୍ଜୋଳ- ନୂଆରମ୍ଭାସ ସଂଯୋଗୀକରଣ ରାସ୍ତାରେ ଚାରାରୋପଣ ହୋଇଯାଇଛି। କାର୍ଯ୍ୟକ୍ରମଟି ପ୍ରକୃତି ବନ୍ଧୁ ତଥା ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଚନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଶିକ୍ଷାବିତ ନୃସିଂହ ଚରଣ ପଣ୍ଡା, ବିଶ୍ୱନାଥ ଜେନା, ଧନେଶ୍ୱର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଯୁବ ଆଇନଜୀବୀ ଜ୍ୟୋତିର୍ମୟ ପଣ୍ଡାଙ୍କ ସଂଯୋଜନାରେ ଇଞ୍ଜୋଳ ବିକାଶ ମଞ୍ଚ ଓ ନୂଆରମ୍ଭାସ ଯୁବକ ସଂଘର ସଦସ୍ୟ ଯଥା ଶାନ୍ତନୁ ଖୁଣ୍ଟିଆ, ଗଣେଶ ରାଉତ, ସୁଶାନ୍ତ କୁମାର ସନ୍ଧିବିଗ୍ରହ, ଅଖିଳଜୀ ସାହୁ, ସଞ୍ଜୁଲତା ସାହୁ, କହ୍ନେଇ ଚରଣ ପରେଇ, ପ୍ରବୀର ନାୟକ, ପ୍ରିୟବ୍ରତ ଲେଙ୍କା, ଦୀପୁନ ପଣ୍ଡା, ସୁଶାନ୍ତ ଜେନା, ନାରାୟଣ ଦାସଙ୍କ ସମେତ ବହୁ ଯୁବକ, ବୁଦ୍ଧିଜୀବୀ, ସମାଜସେବୀ ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

## ରକ୍ତଦେଇ ଜନ୍ମଦିନ ପାଳିଲେ ସ୍ୱେଚ୍ଛାସେବୀ

ହାଟଡ଼ିହୀ,୧୮।୭(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବଡ଼ରମ୍ଭାସ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ମୃତ୍ୟୁଞ୍ଜୟ ବେହେରା ନିଜର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେ ଆନନ୍ଦପୁର ଉପଖଣ୍ଡ ରକ୍ତ ଭଣ୍ଡାରରେ ରକ୍ତଦାନ କରିବା ସହିତ ବଡ଼ରମ୍ଭାସ ଗ୍ରାମରେ ନିଜ ସହଯୋଗୀଙ୍କ ମିଶି ଚାରାରୋପଣ କରିଥିଲେ। ସେ ଛୋଟବେଳୁ ନିଜକୁ ସମାଜସେବାରେ ନିୟୋଜିତ କରି ଅସହାୟ ଲୋକଙ୍କୁ ଛୋଟ ଛୋଟ ସାହାଯ୍ୟ କରିଆସୁଥିବାବେଳେ ହାଟଡିହୀ ବ୍ଲକର ମହାବୀର ଯୁବକ ସଂଘର ସଦସ୍ୟ ଭାବରେ କାର୍ଯ୍ୟ କରିଆସୁଛନ୍ତି। ସେ ପୂର୍ବରୁ ମଧ୍ୟ ଅନେକ ଥର ଗରିବ ଓ ଅସହାୟ ରୋଗୀଙ୍କୁ ରକ୍ତଦାନ କରି



ଜୀବନ ବଞ୍ଚାଇବାରେ ସହାୟକ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ମୁମ୍ବାଇରେ ମୋ ପ୍ରଭୁ ଜଗନ୍ନାଥ ନୃତ୍ୟ ପରିବେଷଣ



ଆନନ୍ଦପୁର, ୧୮।୭ (ସମିସ): ଶାଳପଡ଼ାସ୍ଥିତ ବୀଣାପାଣି କଳା ନିକେତନର ନୃତ୍ୟଶିଳ୍ପୀମାନେ ନାଭିମୁମ୍ବାଇ ଖାରଘର ସେକ୍ଟର ୫ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉପଲକ୍ଷେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "ମୋ ପ୍ରଭୁ ଜଗନ୍ନାଥ, ହେ ଚକାଆଖି, ମା'ର ମମତା ନୃତ୍ୟ ଶିଳ୍ପୀ ସସ୍ମିତା ଦାଶ, ମୋନିକା ଦାଶ, ବିନୋଦ ଓଝା, ଗାୟତ୍ରୀ ସାମଲ, ଗୀତା ଦାଶ, ଦେବହୁତି ପଟ୍ଟନାୟକ, ବିନୋଦ ଓଝା, ପରିଣତି ଚକ୍ର, ଅରସ୍ମିତା ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଟି ନୃତ୍ୟାଭିନୟରେ ଓଡ଼ିଆ ପ୍ରବାସୀମାନେ ବିଭୋର ହୋଇ ହୁଳହୁଳି କରତାଳିରେ ନୃତ୍ୟ ଶିଳ୍ପୀଙ୍କୁ ଆଶୀର୍ବାଦ ଦେଇଥିଲେ। ମନ୍ଦିରର ସଭାପତି ଭଗବାନ ପଣ୍ଡା, ମନୋଜ ନାୟକ, ବିଘ୍ନେଶ୍ୱର ନାୟକ ନୃତ୍ୟ ଗୁରୁ ନୃତ୍ୟଶିଳ୍ପୀଙ୍କୁ ମନ୍ଦିର ତରଫରୁ ମାନପତ୍ର, ଉତ୍ତରୀୟ, ଜଗନ୍ନାଥଙ୍କ ଫଳକ ପ୍ରଦାନ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମୀର ରଞ୍ଜନ ଦାଶ ସଂଯୋଜନା କରିଥିଲେ। ମନ୍ଦିରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମଧ୍ୟରାତ୍ରିରେ ଭୟଙ୍କର ସଡ଼କ ଦୁର୍ଘଟଣା

# ଟ୍ରେଲର ପଛରେ ବୋଲେରୋ ପିଟିଲା

ଚମ୍ପୁଆ/ନାରଦପୁର, ୧୮।୭(ସମିସ):

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଫାଣ୍ଡି ଅଧୀନ ରଗୁଆଳସାହି ନିକଟରେ ଶୁକ୍ରବାର ମଧ୍ୟରାତ୍ରିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କେନ୍ଦୁଝରରୁ ବଡ଼ବିଲ ଅଭିମୁଖେ ଯାଉଥିବା ଏକ ବୋଲେରୋ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରେଲର ପଛପଟେ ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ପ୍ରାଣହାନି ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଝାରଗାଁର ଦେବେନ୍ଦ୍ର ପାତ୍ର। ଆହତ ଦୁଇଜଣ



ହେଲେ ବିପୁଳ ମହାନ୍ତ ଓ ମଞ୍ଜିତ ଚତମ୍ବା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୋଲେରୋ (ନଂ- ଓଡି-୦୨-ବିପି-୯୦୧୪)

### ଜଣେ ମୃତ ଦୁଇ ଗୁରୁତର

କେନ୍ଦୁଝରରୁ ବଡ଼ବିଲ ଅଭିମୁଖେ ଯାଉଥିବା ସମୟରେ ରଗୁଆଳସାହି ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରେଲର (ନଂ- ଓଡି-୧୧-ଏଡି-୧୮୮୧) ପଛରେ ପ୍ରଚଣ୍ଡ ବେଗରେ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବୋଲେରୋର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ଗାଡ଼ିରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦେବେନ୍ଦ୍ର ପାତ୍ରଙ୍କୁ ମୃତ ଘୋଷଣା କରିଥିବାବେଳେ ବିପୁଳ ମହାନ୍ତ ଓ ମଞ୍ଜିତ ଚତମ୍ବାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି। ଖବର ପାଇ ରିମୁଳି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗୋହିରାବଣିରେ ଦନ୍ତା ହାତୀ ଉପଦ୍ରବ

ଆନନ୍ଦପୁର, ୧୮।୭(ସମିସ): ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ଗୋହିରାବଣି ଗ୍ରାମରେ ଦୁଇଟି ଦନ୍ତା ହାତୀଙ୍କ ଉପଦ୍ରବ ଯୋଗୁଁ ଆଖ ପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହି ହାତୀ ପଲ ଦୁଇଟି ପରିବାର ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇବା ସହିତ ଅନେକ ଫସଲ ନଷ୍ଟ କରିଦେଇଥିବା ଜଣାଯାଇଛି। ହାତୀ ଉପଦ୍ରବରେ

- ଘର ଭାଙ୍ଗି ଖାଦ୍ୟଶସ୍ୟ ନଷ୍ଟ କଲେ
- ଅଳ୍ପକେ ବର୍ତ୍ତିଲା ନାବାଳକ



ଅତିଷ୍ଠ ହେଲେଣି ବୀରଗୋବିନ୍ଦପୁର ପଞ୍ଚାୟତ ଗୋହୀରାବଣି ଗାଁ ଲୋକେ। ଗତ ଶୁକ୍ରବାର ରାତିରେ ୨ଟି ହାତୀ ଗାଁ ଭିତରକୁ ପଶିଆସି ଗାଁର ପଦ୍ମାବତୀ ଘଡେଇ ଓ ଆରତ ନାହକଙ୍କ ଘରେ ଉପଦ୍ରବ ମଚାଇଥିଲେ। ପଦ୍ମାବତୀଙ୍କ ଘରେଥିବା ଅନେକ ଖାଦ୍ୟ ଶଶ୍ୟ ଖାଇଯିବାସହ ଅନେକ ଶସ୍ୟ ନଷ୍ଟ କରିପକାଇଛନ୍ତି। ସେହିପରି ଆରତଙ୍କ ଘରେ ଜଣେ ନାବାଳକ ଶୋଇଥିବା ସମୟରେ ହାତୀ ଘରଭିତରେ ପଶିବାକୁ ଉଦ୍ୟମ କରିଥିଲା। ହେଲେ ପରିବାର ଲୋକେ ପାଟି କରିବାରୁ ହାତୀ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଛି ନାବାଳକର ଜୀବନ। ଗତକାଲିର ଏହା କେବଳ ଗୋଟିଏ ଘଟଣା ନୁହଁ; ଦୁଇଦିନ ତଳେ ହାତୀ ଗାଁର ଲକ୍ଷ୍ମଣ ହେମ୍ବ୍ରମ ଓ ସରତ ନାୟକ ଭାଙ୍ଗିଥିଲେ। ଅନେକ ଦିନ ଧରି ହାତୀ ଆତଙ୍କର ଶିକାର ହୋଇ ଭୟଭିତ ଅବସ୍ଥାରେ କାଳ କାଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀ କେତେବେଳେ ଫସଲ ଉଜାଡୁଛି ତ ଆଉ କେତେବେଳେ ଘରଭାଙ୍ଗି ଘରେ ଥିବା ଖାଦ୍ୟ ଶସ୍ୟ ଖାଇ ଯାଉଛି। ଏଭଳି କ୍ଷୟକ୍ଷତିକୁ ବର୍ଷତମାମ ସାମ୍ନା କରୁଛନ୍ତି ଗ୍ରାମବାସୀ। ଆନନ୍ଦପୁର ବନବିଭାଗ ହାତୀକୁ ଘଉଡ଼ାଇବା ପାଇଁ କର୍ମଚାରୀଙ୍କୁ ମୁତୟନ କରିଥିବା ଜଣାପଡ଼ିଛି।

# ବିଡିଓଙ୍କ ଭେଟିଲେ ଜାମୁଦଲକ ପଞ୍ଚାୟତ ଆବାସ ହିତାଧିକାରୀ



ଚମ୍ପୁଆ, ୧୮।୭(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେବଳ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ ଏବଂ ଅଯୋଗ୍ୟଙ୍କ ନାମ ଯାଞ୍ଚ ପରେ ତାଲିକାରୁ କାଟି ଦିଆଯିବ ବୋଲି ଚମ୍ପୁଆ ବିଡିଓ ରଶ୍ମିରଞ୍ଜନ ସାହୁ ସ୍ପଷ୍ଟ କରିଛନ୍ତି। ଜାମୁଦଲକ ପଞ୍ଚାୟତର କିଛି ହିତାଧିକାରୀ ଆବାସ ଯୋଜନାରୁ ନାମ କଟିଯାଇଥିବା ଅଭିଯୋଗ ନେଇ ବିଡିଓଙ୍କୁ ଭେଟିବା ପରେ ସେ ଏହି ପ୍ରତିକ୍ରିୟା ରଖିଛନ୍ତି। ବିଡିଓ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହିତ ବିଭିନ୍ନ ଯାଞ୍ଚ ପ୍ରକ୍ରିୟା ଅନୁସରଣ କରୁଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ୧୨ଟି ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରକୃତ ହିତାଧିକାରୀମାନଙ୍କୁ ହିଁ ଆବାସ ଯୋଜନାରେ ସାମିଲ କରାଯିବ। ସେ ଆହୁରି କହିଛନ୍ତି, ଯଦି କୌଣସି ଅଯୋଗ୍ୟ ବ୍ୟକ୍ତି ଭୁଲବଶତଃ ତାଲିକାରେ ସ୍ଥାନ ପାଇଥାନ୍ତି, ତେବେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପୁନଃ ଯାଞ୍ଚ କରିବେ। ଯାଞ୍ଚରେ ସେ ସରକାରୀ ସର୍ତ୍ତାବଳୀ ପୂରଣ କରୁ ନଥିବା ପ୍ରମାଣିତ ହେଲେ ତାଙ୍କ ନାମ ଆବାସ ଯୋଜନା ତାଲିକାରୁ କାଟି ଦିଆଯିବ। ଅନ୍ୟପକ୍ଷରେ, ପ୍ରକୃତ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଥିଲେ ନିୟମାନୁସାରେ ତାଙ୍କ ଅଭିଯୋଗର ଯାଞ୍ଚ କରାଯିବ। ବିଡିଓ ସ୍ପଷ୍ଟ କରିଛନ୍ତି ଯେ ପୂର୍ବରୁ ପକ୍କା ଘର କିମ୍ବା ଅନ୍ୟ କୌଣସି ସରକାରୀ ଗୃହ ଯୋଜନାର ସୁବିଧା ପାଇଥିବା ବ୍ୟକ୍ତିମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେ କହିଛନ୍ତି ଯେ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ପ୍ରକୃତ ଗରିବ ଓ ଗୃହହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା। ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଭାବେ ଆବାସ ମିଳିବ ଏବଂ ଅଯୋଗ୍ୟଙ୍କ ନାମ ନିୟମ ଅନୁଯାୟୀ ତାଲିକାରୁ ବାଦ ପଡ଼ିବ।

## ୨୩ରେ ରାଜ୍ୟ ଜୁନିଅର ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଦଳ ଚୟନ

କେନ୍ଦୁଝର, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖ ଗୁରୁବାର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୭୨ତମ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଦଳ ଗଠନ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ଥେଟିକ ଟ୍ରାକରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ୨୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗ ଦେବାକୁ ଥିବା ଖେଳାଳିଙ୍କ ଜନ୍ମ ତାରିଖ ୨୮-୧୦-୨୦୦୬ରୁ ୨୭-୧୦-୨୦୦୮ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୮ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳିଙ୍କ ଜନ୍ମ ତାରିଖ ୨୮-୧୦-୨୦୦୮ରୁ ୨୭-୧୦-୨୦୧୦ ମଧ୍ୟରେ ହୋଇଥିବା ଆବଶ୍ୟକ। ସେହିପରି ୧୬ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳିଙ୍କ ୨୮-୧୦-୨୦୧୦ରୁ ୨୭-୧୦-୨୦୧୨ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳିଙ୍କ ଜନ୍ମ ତାରିଖ ୨୮-୧୦-୨୦୧୨ରୁ ୨୭-୧୦-୨୦୧୪ ମଧ୍ୟରେ ହୋଇଥିବା ଆବଶ୍ୟକ। ଖେଳାଳିମାନେ ସେମାନଙ୍କ ଅରିଜିନାଲ ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡ ସହ ୨୩ ତାରିଖ ସକାଳ ୭ଟା ସମୟରେ ବରିଷ୍ଠ ଦୌଡ଼କୁଦ ପ୍ରଶିକ୍ଷକ ରାଜେନ୍ଦ୍ର ସିଂ ଏବଂ ପ୍ରଦୀପ ବାରିକଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଏହି ଚୟନ ଶିବିରରୁ ବଛା ଯାଇଥିବା ଜିଲ୍ଲା ଦଳର ଖେଳାଳିମାନେ ଆସନ୍ତା ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ନବନିର୍ମିତ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସିନ୍ଥେଟିକ ଟ୍ରାକରେ ହେବାକୁ ଥିବା ୭୨ତମ ଓଡିଶା ରାଜ୍ୟ ଜୁନିଅର ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କଠାରୁ ପ୍ରକାଶ। ବିଶେଷ ବିବରଣୀ ପାଇଁ ମୋବାଇଲ ନମ୍ବର ୯୯୩୮୫୩୨୨୦୯/୮୨୬୦୫୮୧୨୬୯କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ୨ ଛେଳି ଚୋରି ଅଭିଯୁକ୍ତ ଗିରଫ

ହାଟଡ଼ିହୀ,୧୮।୭(ସମିସ): ସୋସୋ ଥାନା ଅଧୀନ ଭଅଁରପୁର ଗ୍ରାମରୁ ବିଳମ୍ବିତ ରାତିରେ ଦୁଇଜଣ ଯୁବକ ସ୍ୱର୍ଗତ ସନ୍ତୋଷ ହାଁସଦାଙ୍କ ପୁଅ କିଷାନ ହାଁସଦାଙ୍କ ଛେଳି ଗୁହାଳରେ ପଶି ଛେଳି ଚୋରି କରିନେଇଥିଲେ। ଏନେଇ କିଷାନ ଥାନାରେ ଅଭିଯୋଗ କରିବା ପରେ ସୋସୋ ପୁଲିସ ତଦନ୍ତ କରିବା ସହିତ ଦୁଇଜଣ ଚୋରଙ୍କୁ ଗିରଫ କରିବା ସହ ଗୋଟିଏ ଛେଳି ଏବଂ ଅପରାଧ ପାଇଁ ବ୍ୟବହୃତ ସ୍କୁଟି ଜବତ କରିଛି। ଅଭିଯୁକ୍ତମାନେ ଭଦ୍ରକ ଜିଲ୍ଲା ବନ୍ତ ଥାନାଅଞ୍ଚଳର



ହୋଇଥିବା ବେଳେ ଜଣେ ଗଭରପୁର ଗ୍ରାମର ପ୍ରଭାତ ବିଶ୍ୱାଳ(୨୭) ଓ ଅନ୍ୟଜଣେ ଟିଲୋ ଗ୍ରାମର ଶିବସୁନ୍ଦର ରାଉତ(୩୫) ବୋଲି ଆନନ୍ଦପୁର ଏସଡ଼ିପିଓ କମଲ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନାମରେ ମାମଲା ପଞ୍ଜିକୃତ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଅର୍ଦ୍ଧନିର୍ମିତ ରାସ୍ତା ପାଇଁ ଦହଗଞ୍ଜ ଗ୍ରାମବାସୀ





ଯୋଡ଼ା, ୧୮।୭(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତର ଝାଡ଼ଗାଁ ଗ୍ରାମକୁ ଜାତୀୟ ରାଜପଥ-୫୨୦ ସହ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଧାରେ କାମ ବନ୍ଦ ହୋଇଯିବାରୁ ଏହି ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବାବେଳେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଝାଡ଼ଗାଁ ସମେତ ଆଖପାଖ ଅଞ୍ଚଳର ଅନେକ ଗ୍ରାମବାସୀଙ୍କ ପାଇଁ ଏହି ରାସ୍ତା ହେଉଛି ପ୍ରମୁଖ ଯାତାୟାତର ମାଧ୍ୟମ। ପ୍ରତିଦିନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, କର୍ମଜୀବୀ, ଚାଷୀ, ମହିଳା ଓ ବୃଦ୍ଧମାନେ ଏହି ରାସ୍ତା ଦେଇ ଜାତୀୟ ରାଜପଥକୁ ଯାତାୟାତ କରୁଛନ୍ତି। ସେହିପରି ସରକାରୀ ପିଡିଏସ୍ ଚାଉଳ ଆଣିବା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଏହି ରାସ୍ତା ହିଁ ଏକମାତ୍ର ଭରସା।

- ଝାଡ଼ଗାଁ ପ୍ରବେଶ ପଥର ଦୁରବସ୍ଥା
- ଶୀଘ୍ର କାମ ସମ୍ପୂର୍ଣ୍ଣ ପାଇଁ ଦାବି


ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ କାମ ଆରମ୍ଭ ହେବା ପରେ ଠିକାଦାର ଅଧାରେ କାମ ଛାଡ଼ି ଚାଲିଯାଇଛନ୍ତି। ମାସ ମାସ ଧରି କାମ ବନ୍ଦ ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ଠିକାଦାରଙ୍କ ପକ୍ଷରୁ କାମ ପୁନଃ ଆରମ୍ଭ କରିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବର୍ଷା ଦିନେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଥିବାରୁ ପ୍ରତିଦିନ ଦୁର୍ଘଟଣାର ଭୟ ମଧ୍ୟରେ ଲୋକେ ଯାତାୟାତ କରୁଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ଏହି ରାସ୍ତାର ଦୁରାବସ୍ଥା ଯୋଗୁଁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହେଉଥିବା ସହ ଛାତ୍ରଛାତ୍ରୀ ଓ ରୋଗୀମାନେ ସର୍ବାଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ ନ କରାଯାଏ, ତେବେ ଯେକୌଣସି ସମୟରେ ଏକ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ସମ୍ପୃକ୍ତ ବିଭାଗ, ଠିକାଦାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ସହ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି ଜଣାଇଛନ୍ତି। ଗ୍ରାମବାସୀଙ୍କ ଏହି ଦାବି ପ୍ରତି ପ୍ରଶାସନ କେତେ ଶୀଘ୍ର ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

- ଜାତୀୟ ରାଜପଥ କର୍ତ୍ତୃପକ୍ଷ ବେଫିକର୍

# ଶାଳପଡ଼ା ଓଭରବ୍ରିଜ୍ ତଳେ କୃତ୍ରିମ ପୋଖରୀ

ଆନନ୍ଦପୁର, ୧୮।୭ (ସମିସ): କେନ୍ଦୁଝର ଜିଲ୍ଲାର ୨୦ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଗାଡ଼ ହୋଇ ବିଶେଷ କରି ସନ୍ଧ୍ୟା ପରେ ଦୁଇଚକିଆ ବାଇକ ପାଇଁ ବିପଦ ସୃଷ୍ଟି କରୁଛି। ଏବେ ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତାରେ ବର୍ଷା ଜଳ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଛି। ଓଭରବ୍ରିଜ୍ ନିର୍ମାଣ ସରିବାର ମାସକ ଭିତରେ ରାସ୍ତା ଭାଙ୍ଗିରୁଜି ଶୋଚନୀୟ ହୋଇପଡ଼ିଛି। ବର୍ଷା ଜଳ ଜମି ରହି ଥିବାରୁ ପ୍ରତିଦିନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। କର୍ତ୍ତୃପକ୍ଷ ନିୟମିତ ଟୋଲ୍ ଆଦାୟକରି ଚାଲିଥିବା ବେଳେ ରାସ୍ତା ମରାମତିକୁ ଓ ରକ୍ଷଣାବେକ୍ଷଣ ନେଇ କାହିଁକି ଉଦାସୀନ ସେନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦ ନମ୍ବର ଜାତୀୟ ରାଜପଥର

**କେବେ ସୁଧୁରିବ ?**



ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ ହୋଇପଡିଛି। ନିର୍ମାଣ କାର୍ଯ୍ୟ ଶେଷ ହେବାର ମାତ୍ର ମାସକ ଭିତରେ ରାସ୍ତା ଭାଙ୍ଗି ଖାଲଖମାରେ ପରିଣତ ହୋଇଥିବାରୁ ପ୍ରତିଦିନ ଯାତାୟାତରେ ଗୁରୁତର ସମସ୍ୟା ଦେଖାଦେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ସମେତ ଶହଶହ ଛୋଟ ବଡ଼ ଗାଡ଼ି ଚଳାଚଳ କରୁଛି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଲୋକମାନେ ଜୀବନକୁ ବାଜି ଲଗାଇ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତାରେ କୌଣସି ଅଘଟଣ ଘଟିବା ପୂର୍ବରୁ ସ୍ଥାୟୀ ମରାମତି କରାଯାଇ ସମସ୍ୟାର ସମାଧାନ କରାଯିବାକୁ ଦାବି ହୋଇଛି।



ସୃଜନିକା

ସକାଳ THE SAKALA
www.sakalaepaper.com

# ଲଗାମ୍



ପଦ୍ମାଳୟା ସାମଲ



ସେଦିନ ଥାଏ ରବିବାର । ପପୁନିର ଏକା ଜିଦ୍ ବାପାଙ୍କ ସହ ଘର ପାଖ ପଡ଼ିଆକୁ କ୍ରିକେଟ ଖେଳିବାକୁ ଯିବ ଯେମିତି ସେ ସ୍କୁଲରେ ପଢ଼ିବା ସମୟରେ ବାପାଙ୍କ ସହିତ ଖେଳିବାକୁ ଯାଉଥିଲା । ଚାକିରି ଫେରନ୍ତା ପୁଅକୁ ମନା କରିପାରୁ ନଥାନ୍ତି ରାଜୀବ ବାବୁ । ବାପ ପୁଅଙ୍କର କଥୋପକଥନ ଶୁଣି ପାଖ ଘରୁ ଚାଲିଆସିଲେ ସୌଦାମିନୀ । ରାଜୀବ ବାବୁଙ୍କୁ ଇଙ୍ଗିତ କରି କହିଲେ, "ହଇଟି! ଏତେ ଦିନେ ପୁଅ ଘରକୁ ଫେରିଛି । ମନ କରିଛି ଯଦି କ୍ରିକେଟ ଖେଳିବାକୁ, ତାକୁ ଟିକେ ନେଇ ଖେଳେଇ ଆଣିଲେ କ'ଣ ଅସୁବିଧା ହେଇଯିବ ତୁମର?" ଥତମତ ହୋଇ ରାଜୀବ ବାବୁ କହିଲେ, "ହଉ! କହୁଛ ଯଦି ଉପରବେଳା ଆମେ ସାଙ୍ଗ ହୋଇ ଯିବୁ ।" ବୟସ ହେଲାଣି । ରାଜୀବ ବାବୁଙ୍କର ଭିତରୁ ଇଚ୍ଛା ନଥିଲେ ବି ମାଆ ପୁଅଙ୍କ କଥାକୁ ଟାଳି ପାରିଲେ ନାହିଁ ।

କାଲି ଭଳି ଲାଗୁଛି ରାଜୀବଙ୍କୁ । ପୁଅ ବାବୁନି ସେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥାଏ । ଦିନେ ଆସି କାନ୍ଦି କାନ୍ଦି କହିଲା, "ବାବା! ମୋ ସାଙ୍ଗମାନେ ମତେ ତାଙ୍କ ସାଙ୍ଗରେ ଖେଳାଉ ନାହାନ୍ତି । ସେମାନେ ପରସ୍ପର ଭିତରେ ଖରାପ ଭାଷାରେ କଥା ହେଉଥିଲେ । ମୁଁ ସେମାନଙ୍କୁ ଗାଳି କରିବାରୁ ସେମାନେ ମତେ ତାଙ୍କ ସହିତ ଖେଳିବାକୁ ସଫା ସଫା ମନା କରିଦେଲେ । ମୁଁ ଏବେ କାହା ସହିତ କ୍ରିକେଟ ଖେଳିବି କୁହ ତମେ । "ତତକ୍ଷଣାତ୍ ରାଜୀବ ବାବୁ ପୁଅକୁ ବୁଝେଇ କହିଲେ, "ସେମାନେ ତତେ ସେମାନଙ୍କ ସହିତ ନ ଖେଳେଇଲେ କଣ ହେଲା, ମୁଁ ତ ଅଛି ନା! ଅଫିସ୍‌ରୁ ଫେରିଲେ ଆମେ ଦୁଇଜଣ ସାଙ୍ଗ ହୋଇ କ୍ରିକେଟ ଖେଳିବା । ତା' ପୂର୍ବରୁ ତୋର ସ୍କୁଲର ହୋମୱାର୍କ ସାରିଦେଇଥିବୁ ।" ସେଦିନ ବାବୁନି ବାପାଙ୍କର କଥା ଶୁଣି ଖୁସିରେ ନାଚି ଯାଇଥିଲା । ତା' ପରଠାରୁ ବାପ ପୁଅ ଦୁହେଁ ନିୟମିତ ଖେଳିବାକୁ ଯାଉଥିଲେ ବାବୁନି କଲେଜରେ ପଢ଼ିବା ପର୍ଯ୍ୟନ୍ତ । ସମସ୍ତଙ୍କ ଜୀବନରେ ଏମିତି କିଛି ମିଠା ସ୍ମୃତି ଥାଏ ଯେତେବେଳେ ମନେ ପଡ଼ିଲେ ବି ମନଟା ଖୁସିରେ ତଲ୍ଲୀନ ହୋଇଯାଏ ।

ବେଙ୍ଗାଲୁରୁରେ ଆଇ. ଟି. କମ୍ପାନୀରେ ଚାକିରି କରୁଥିବା ପୁଅ ଘରକୁ ଆସିଲେ କେତେ କଣ ରାନ୍ଧି ଖାଇବାକୁ ଦିଅନ୍ତି ସୌଦାମିନୀ । ଚା' ଧରି ରୁମ୍ ଭିତରକୁ ପଶିଗଲା ବେଳକୁ ବାବୁନି ଡ୍ରେସ୍ ପିନ୍ଧି ରେଡି ହୋଇ ଯାଇଥିଲା । ମାଆଙ୍କ ହାତରୁ ଚା' କପଟି ଧରି ଚୁମକ ଦେଉ ଦେଉ ସୌଦାମିନୀଙ୍କୁ କହିଲା, "ମାମା! ବାବାଙ୍କୁ କୁହ ମୁଁ କାନଭାସ୍ ପିନ୍ଧିଲା ଭିତରେ ଚା' ପିଇ ଜଲଦି ରେଡି ହୋଇଯିବେ । ବାବାଙ୍କୁ କହିବ ମୁଁ ଆଣିଥିବା ସ୍ପୋର୍ଟସ୍ ସୁ ଆଉ ଟି ସାର୍ଟ ପିନ୍ଧିବେ । ବହୁତ ଦିନ ପରେ ଆମେ ଆଜି କ୍ରିକେଟ ଖେଳିବୁ ।" ସୌଦାମିନୀ ପାଖ କୋଠରିକୁ ଯାଇ ରାଜୀବଙ୍କୁ ଜଣେଇଦେଲେ । କିଛି ସମୟ ଭିତରେ ବାପ ପୁଅ ବ୍ୟାଟ୍ ବଲ୍ ଧରି ଘରୁ ବାହାରିଗଲେ । ଝରକା ଫାଙ୍କାରୁ ଏ ଦୃଶ୍ୟ ଦେଖି ଅନ୍ତର ଭିତରୁ ଖୁସିହେଲେ ସୌଦାମିନୀ ।

ପଡ଼ିଆରେ ବାପ ପୁଅ ଦୁହେଁ କ୍ରିକେଟ ଖେଳରେ ମଜ୍ଜି ଯାଇଥାଆନ୍ତି । ପାଖାପାଖି ତିରିଶ ମିନିଟ୍ ଖେଳି ସରିବା ବେଳକୁ ହଠାତ୍ ହାତରେ ବଲ୍ ଧରି ଘାସ ଉପରେ ଚେତା ହରାଇ ଟଳିପଡ଼ିଲେ ରାଜୀବ । ବାବୁନି ଏ ଦୃଶ୍ୟ ଦେଖି ପାଖରେ ଥିବା ବାଇକ୍ ପାଖକୁ ଦୌଡ଼ି ଯାଇ ଡିକିରେ ଥିବା ପାଣି ବୋତଲ ଆଣି ବାବାଙ୍କ ମୁହଁରେ କିଛି ପାଣି ଛିଞ୍ଚି ଦେଲା । ସେତେବେଳକୁ ରାଜୀବଙ୍କର ଚେତା ନଥିଲା । ପାଣି ଛିଞ୍ଚିଲା ପରେ ବି ତାଙ୍କର ଚେତା ଫେରିଲା ନାହିଁ । ବାବୁନି ବାବାଙ୍କର ଏ ଅବସ୍ଥା ଦେଖି ବିଚଳିତ ହୋଇ ମାମାଙ୍କୁ ଫୋନ୍ କଲା । ସୌଦାମିନୀଙ୍କ କହିବା ଅନୁସାରେ ବାବୁନି ଟ୍ୟାକ୍ସି ଭଡ଼ା କରି ରାଜୀବଙ୍କୁ ନେଇ ପାଖ ଡାକ୍ତରଖାନାର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିଦେଲା । ସେତେବେଳକୁ ସେଠାରେ ସୌଦାମିନୀ ଆସି ପହଞ୍ଚି ସାରିଥାଆନ୍ତି । ରାଜୀବଙ୍କ ଅବସ୍ଥା ଦେଖି ଡାକ୍ତର ତୁରନ୍ତ ସାଲାଇନ ଚଲେଇଦେଲେ ଏବଂ ଚେତା ଫେରିବା ପର୍ଯ୍ୟନ୍ତ ମାଆ ପୁଅଙ୍କୁ ଭୟଭୀତ ନହୋଇ ଜଗି ରହିବାକୁ ପରାମର୍ଶ ଦେଲେ ।

ଘଟଣା ସମ୍ପର୍କରେ ମାମାଙ୍କୁ କହି ନିଜକୁ ଦୋଷୀ ମନେକରି ମନ କଷ୍ଟ କରୁଥାଏ ବାବୁନି । ଠିକ୍ ଏତିକିବେଳେ ରାଜୀବ ଆଖି ଖୋଲି ଚାହିଁଲେ । ଆଖିରୁ ଲୁହ ପୋଛିବାକୁ ସୌଦାମିନୀଙ୍କୁ ଠାରି କହିଲେ । ରାଜୀବଙ୍କ ପାଖକୁ ଲାଗିଯାଇ କପାଳକୁ ଖୁସିରେ ଆଉଁଷି ଦେଲା ବାବୁନି । ବାବାଙ୍କ ଚେତା ଫେରି ଆସିଥିବାରୁ ଖୁସିରେ ବାବୁନି ଆଖିରୁ ଗାଲ ଉପର ଦେଇ ଦୁଇଧାର ଲୁହ ଗାଡ଼ି ଆସିଲା । ବାବୁନିର ହାତକୁ ଗୋଟିଏ ହାତରେ ଜାବୁଡ଼ି ଧରି ରାଜୀବ କହିଲେ, "ଧନରେ! ଆଦୌ ମନ କଷ୍ଟ କରନା । ଯାହା ହେବା କଥା ହେଇଗଲାଣି । ଆମର ବଳ ବୟସ ଗଲାଣି । ଏଣିକି ଜଗି ରଖି ଚଳିବା କଥା । ମନରେ ସାହସ ଥିଲେ କ'ଣ ହେବ ଶରୀର ସାଥି ଦେଲେ ତ! ତୁ ଭାବୁଥିବା ପଚିଶ ବର୍ଷ ତଳର ବାବା ହୋଇ ଆଉ ନାହିଁ ମୁଁ । ମୋର ଗୋଟିଏ ବାକ୍ୟ ସବୁବେଳେ ମନେ ରଖିଥିବୁ - ଯୁବକ ଅବସ୍ଥାରେ ମନକୁ ଏବଂ ବାର୍ଦ୍ଧକ୍ୟ ଅବସ୍ଥାରେ ଶରୀରକୁ ଲଗାମ୍ ଦେଲେ ଜୀବନ ଆମର ହସ ଖୁସିରେ କଟିଥାଏ ।"

ଅତି ପାଖରେ ବସି ବାବାଙ୍କ କହିବା କଥାକୁ ମର୍ମେ ମର୍ମେ ଅନୁଭବ କରୁଥିଲା ଛବିଶି ବର୍ଷର ପୁଅ ବାବୁନି । ଆଉ ଲୁଗା କାନିରେ ଆଖିରୁ ଲୁହ ପୋଛି ନିରବରେ ମୁଣ୍ଡ ଟୁଙ୍ଗାରି ରାଜୀବଙ୍କ କଥାକୁ ସମର୍ଥନ ଜଣାଉଥିଲେ ସୌଦାମିନୀ । ■

ଭୁବନେଶ୍ୱର
ମୋ : ୭୦୦୮୩୪୮୧୭୨

# ଆସ

ଫନୀ ମହାନ୍ତି



ତମେ ଆସ
ଧାରା ଶ୍ରାବଣ ପରି
ହେ ମୋର ପ୍ରିୟ ମହିମମୟ
ଭଦ୍ର ଅତିଥି!

ଭ୍ରୂ- ଭଙ୍ଗୀରେ ପ୍ରଳୟର ଘନଘଟା ରଚି
ପ୍ରଖର ପଦପାତରେ ଝଡ଼ର ଝଙ୍କାର
ତୋଳି, ତାଣ୍ଡବ ନୃତ୍ୟରେ ପୃଥ୍ୱୀ
ଦୁଲୁକାଇ, ଅନ୍ଧକାରର ମୃଗମଦରେ
ବାଟହୁଡ଼ି, ପୁରୁଷକାରର
ଦୀପ୍ତିରେ, ମହିମାନ୍ୱିତ ହୋଇ ଆସ
ମୋ ସ୍ୱର୍ଦ୍ଧାର ଭବ୍ୟ ଅଙ୍ଗନକୁ

ଦୁଇ କି, ତିନି ପାଦ ଆଗକୁ ଯାଇ
ପ୍ରବାଳ ଖଚିତ ପ୍ରବେଶ
ଦ୍ୱାରର ଏରୁଣ୍ଡି ଡେଇଁ ମୁଁ
ତମକୁ ସଙ୍ଖୋଳିବି ମହାପ୍ରେମରେ
ବରଣମାଳା ଦେବି
ପ୍ରୀତିର ଅର୍ଘ୍ୟରେ ତମରି ଗଳାରେ ନିଡ଼ରରେ,

ତମେ ମୋର
ଅନିବାର୍ଯ୍ୟ ସୌଭାଗ୍ୟର ଉଜ୍ଜ୍ୱଳ ଭବିଷ୍ୟତ
ତମେ ମୋର
ଆନନ୍ଦ ଆଶୀର୍ବାଦର ଅଭୟ କବଚ
ତମେ ମୋର
ବିଷାଦ ଅପନୋଦନର ମୃଣ୍ମୟ ଆରୋଗ୍ୟମାଳା

ବ୍ୟର୍ଥତାର ଅର୍ଥଶୂନ୍ୟ
କାହାଣୀମାଳାରେ ।

ମେଘ ମଲ୍ଲାର ରାଗରେ
ବିମଣ୍ଡିତ ତୁମ ଅନାହତ ରାଗିଣୀ
ଉତୁରିଲା ଦୁଧହାଣ୍ଡି ପରି ଉଚ୍ଛୁଳୁଛି
ପ୍ରତି ଚେତନାରେ ତୁମ
ସ୍ନାୟୁର ସହରେ,

ହେ ମହାନୁଭବ ଭଦ୍ର ମହାଅତିଥି !
ଜନ୍ମଜନ୍ମାନ୍ତର ପାଇଁ
ତୁମେ ମୋର
ସୌନ୍ଦର୍ଯ୍ୟର ଲୋଭନୀୟ
ଶ୍ୟାମନୀଳ ଗୋଲ ହସ୍ତାକ୍ଷର ।। ■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର



# ଶେଷରେ ଦିନେ

ପ୍ରଦୀପ ବିଶ୍ୱାଳ



ଶେଷରେ ଦିନେ
ଆମେ ସଭିଏଁ
ପାଲଟିଯିବା ଗୋଟିଏ ଗୋଟିଏ ଗପ,
ଆସନ୍ତୁ ଭୁଲିବା ନାହିଁ
ତାହା ହେବା ଉଚିତ
ପଢ଼ିବା ପରି ଯୋଗ୍ୟ!
ରାତି ଗଭୀର ହେଉଛି ଏବେ
ଭାରୀ ହୋଇଉଠୁଛି
ମୋ ମନ ।
ହରମୁଜ୍ ଉପରେ
ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର
ପ୍ରତିକ୍ଷଣରେ ଆଘାତ କରୁଛି ମୋ ହୃଦୟକୁ
ରକ୍ତ ନିଗିଡ଼ି ପଡୁଛି
ମୋ' ଛାତିରୁ
ମୁଁ କ'ଣ
ଆଉ ଶୋଇପାରିବି ଏବେ ?
ଡୋନାଲ୍ଡ ଟ୍ରମ୍ପ୍ ବି
ଏବେ ବିତାଉଥିବେ
ଏକ ବିନିଦ୍ର ରଜନୀ
ଇରାନୀୟ ଆକାଶରେ ଉଡୁଥିବା
ଡ୍ରୋନ୍‌ଗୁଡ଼ିକକୁ ଦେଖି ଦେଖି,
ଯେଉଁ ଗପଟି ହେବ



ଆସନ୍ତାକାଲିର
ମୁଖ୍ୟ ସମ୍ବାଦ ।
ଜଣେ କବି କେବେ ବି ସ୍ଥାନ ପାଏନାହିଁ
ମୁଖ୍ୟ ସମ୍ବାଦରେ
କୌଣସି ଗଣମାଧ୍ୟମରେ କେବେ ବି,
ଏହା ସେମାନଙ୍କ ପାଇଁ ସଂରକ୍ଷିତ
ଯେଉଁମାନେ ମାନବିକତାକୁ କମ୍
ଅଥଚ ଅଧିକ ଗୁରୁତ୍ୱ ଦିଅନ୍ତି
ନିଜ ଅହଂକାରକୁ ।
ଇତିହାସ ପରିପୂର୍ଣ୍ଣ
ଯୁଦ୍ଧର କାହାଣୀରେ
ଯାହାର ପରିଣତି କେବଳ
ମଣିଷର ଜୀବନ ହାନିରେ ।
ସେଥିରେ ନଥାଏ
ଆଶ୍ୱାସନାର ବାଣୀରେ
ଆତ୍ମାକୁ ସାନ୍ତ୍ୱନା ଦେଉଥିବା
କବିତାର କାହାଣୀ ।
କାହାର ଗପ ପ୍ରକୃତରେ ପଢ଼ିବା ଯୋଗ୍ୟ? ■

ମୋ : ୯୪୩୭୦୭୧୫୮୫

# ରେବା ରାୟଙ୍କ କବିତାରେ ବିଭୁପ୍ରେମ

ରାଜୀବ କୁମାର ଷଡ଼ଙ୍ଗୀ



ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଆପଣାର ସାଧନା ବଳରେ ଓଡ଼ିଆ ସାହିତ୍ୟକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିଥିବା ଜଣେ ଅସମାନ୍ୟ ପ୍ରତିଭାମୟୀ ନାରୀ ଥିଲେ ରେବା ରାୟ । ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକା, ପ୍ରାବନ୍ଧିକା, ସଂପାଦିକା, ସମାଜସେବିକା ଓ ଆଧୁନିକ ନାରୀ ଶିକ୍ଷାର ପ୍ରବର୍ତ୍ତିକା । ୧୮୭୬ ଅଗଷ୍ଟ ୫ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ସେ କଟକରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଜଗନ୍ନାଥ ରାଓ ଓ ମାତାଙ୍କ ନାମ ରମା ବାଇ । ଜଗନ୍ନାଥ ରାଓ ଥିଲେ ଭକ୍ତକବି ମଧୁସୂଦନ ରାଓଙ୍କର ଅନୁଜ । ତେଣୁ ରେବା ଥିଲେ ଭକ୍ତକବିଙ୍କ ଝିଆରୀ । ବାଲ୍ୟକାଳରୁ ପରିବାରର ସାହିତ୍ୟିକ ପରିବେଶର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ।

ରେବାଙ୍କଠାରେ ୧୩ ବର୍ଷ ବୟସରୁ କବିତ୍ୱର ଉନ୍ମେଷ ଘଟିଥିଲା । କିଶୋରୀ ଜୀବନର ଉତ୍ସାହ ଓ ଉଦ୍ଦୀପନାକୁ ନେଇ ମାତ୍ର ତେରବର୍ଷ ବୟସରୁ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁ ସମସ୍ତ କବିତା ରଚନା କରିଥିଲେ ତନ୍ମଧ୍ୟରୁ ଚାଳିଶଟି କବିତାକୁ ନେଇ ୧୯୦୩ ମସିହାରେ 'ଅଞ୍ଜଳି' ପୁସ୍ତକ ପ୍ରକାଶିତ ହୋଇଥିଲା । ସ୍ୱପ୍ନ ବିଭୋର ମନ ବ୍ରହ୍ମ ଜିଜ୍ଞାସୁ ପ୍ରାଣ ବିଭୁପ୍ରେମ ଓ ସମାଜ ଜୀବନର ଅସହାୟ ମଣିଷପ୍ରତି ମମତ୍ୱବୋଧର ଅନ୍ତଃସ୍ୱର ତାଙ୍କ କବିତାଗୁଡ଼ିକରେ ସ୍ପଷ୍ଟ ଭାବେ ପ୍ରତିଫଳିତ । ପ୍ରାଥମିକ ପର୍ଯ୍ୟାୟରୁ ରେବା ରାୟ ଥିଲେ ଗୀତିକବି । ତାଙ୍କ କବିତାଗୁଡ଼ିକର ସାଙ୍ଗୀତିକତାପୂର୍ଣ୍ଣ ଛନ୍ଦୋବଦ୍ଧ ଓ ଉଚ୍ଛ୍ୱାସମୟ । 'ଅଞ୍ଜଳି' କବିତା ସଂକଳନର 'ନୀରବେ', 'ପ୍ରାର୍ଥନା', 'ବିଧବାର ଦୁଃଖ', 'ତବଇଚ୍ଛା ପୂର୍ଣ୍ଣ ହେଉ', 'ଜନ୍ମୋତ୍ସବ ଉପହାର', 'ସ୍ନେହ ଉପହାର' ଓ 'କେତୁମ୍ଭେ ସମ୍ମୁଖେ ମୋର' ପ୍ରଭୃତି କବିତା ଭାବପୂର୍ଣ୍ଣ ଏବଂ ସମ୍ବେଦନଶୀଳ । ସମର୍ପିତ କବି ପ୍ରାଣରେ ସେ ଥିଲେ ପରିପୂର୍ଣ୍ଣ । କେଉଁଠି ପ୍ରକାଶ ପାଇଛି ଜୀବନର ଦୁଃଖ, ବିଡ଼ମ୍ବନା, ସ୍ୱପ୍ନ, ବାସ୍ତବତା, ଅବିଶ୍ୱାସ ଓ ବିଶ୍ୱାସ, ପ୍ରେମ ସତ୍ୟ ପୁଣି କେଉଁଠି ପ୍ରକାଶ ପାଇଛି ବିଭୁପ୍ରେମ ।

ନାରୀକବି ରେବା ରାୟ ଥିଲେ ଦିବ୍ୟ ଭାବନାର କବି । ତାଙ୍କ ରଚିତ 'ନୀରବେ' କବିତା ପାଠକ ପ୍ରାଣକୁ ମନ୍ତ୍ରମୁଗ୍ଧ କରେ । ଏହି କବିତାର ଶବ୍ଦ ସଂଯୋଜନା ଛାନ୍ଦସିକତା, ଗୀତିଧର୍ମିତା ଏବଂ ନିସର୍ଗବୋଧ ଅନୁପମ । ସୃଷ୍ଟିର ଚରମ ରହସ୍ୟବୋଧ ଏଥିରେ ଉଦ୍‌ଘାଟିତ । କୁମୁଦ, କୁମୁଦିନୀ, କୌମୁଦୀ, ସୁନିଳ ଆକାଶ, ତାରକା, ତଟିନୀ, ପୁଷ୍ପ ଏବଂ ଆମ୍ରପକ୍ଷୀର ନୀରବ ସଙ୍ଗୀତ ଏହି କବିତାରେ ଭାବାବେଗ ସୃଷ୍ଟିକରେ ।

'ପ୍ରାର୍ଥନା' କବିତା ଶ୍ରୀମତୀ ରାୟଙ୍କର ବିଭୁପ୍ରୀତିର ଏକ ଅମଳିନ ପରିପ୍ରକାଶ । ଏଥିରେ କବି ପରାହର ପରମେଶ୍ୱରଙ୍କ ପାଦପଦ୍ମରେ ଦାସୀ ହେବାର କାମନା କରିଛନ୍ତି । ନିରନ୍ତର ତାଙ୍କର ଅର୍ଚ୍ଚନା ବନ୍ଦନା କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ବୋଲି ଦୀନବନ୍ଧୁଙ୍କ ନିକଟରେ କବି ବାଞ୍ଛା କରିଛନ୍ତି । କବି ଲେଖିଛନ୍ତି :-

"ଇଚ୍ଛା ବଡ଼ ପ୍ରାଣ ନାଥ
  ତବ ଦାସୀ ହେବି
ତବ ପ୍ରେମମୟ ସୁଖ
  ସଦା ନିରେଖିବି
ତବ ପବିତ୍ର ଚରଣ
  ନିତ୍ୟ କରିବି ବନ୍ଦନା ।"

ପ୍ରଭୁଙ୍କ ପଦାରବିନ୍ଦରେ କବି ସମର୍ପିତ । ସେ ଧନରତ୍ନ ଆଶା କରିନାହାନ୍ତି । କେବଳ ବିଭୁକୃପା ଏବଂ ଶାଶ୍ୱତ ପ୍ରେମ କାମନା କରି ଶ୍ରୀଚରଣରେ ନିତ୍ୟ ନିବାସ କରିବା ପାଇଁ ଇଚ୍ଛା କରିଅଛନ୍ତି ।

'ବିଧବାର ଦୁଃଖ' ହେଉଛି ଶ୍ରୀମତୀ ରାୟଙ୍କ 'ନୀରବେ' କବିତା ପରି ଏକ ଉଚ୍ଚାଙ୍ଗ କବିତା । ଏହି କବିତାରେ ରହସ୍ୟବାଦୀ ଚିନ୍ତା ଏବଂ ବିଭୁପ୍ରୀତିର ଅମଳୀନ ଭାବ ପ୍ରକାଶ ପାଇଛି । କବି ଆତ୍ମାର ସମର୍ପିତ ଭାବ ଏବଂ ପିପାସା ଏହି କବିତାରେ ପ୍ରକାଶିତ ହୋଇଛି ।

ପରମେଶ୍ୱରଙ୍କ ଜଗତରେ ମଣିଷ ଏକ ସୁନ୍ଦର ସୃଷ୍ଟି । ଆଙ୍ଗିକରେ ସେ ସୁନ୍ଦର ହେଉ ବା ନ ହେଉ ଆତ୍ମିକରେ ସେ ମହନୀୟ ଗୁଣ ବିଭୂତିରେ ଅନୁପମ । ଫୁଲର ସୁଗନ୍ଧ ପରି, ଚନ୍ଦ୍ରମାର ଚନ୍ଦ୍ରିକା ପରି, ଓଠରେ ଲାବଣ୍ୟମୟ ହସ ମଣିଷର ଅନ୍ତଃସୌନ୍ଦର୍ଯ୍ୟ । ଜଗତର ଅନନ୍ତ ଶୋଭାରାଶି ସହିତ ସମନ୍ୱିତ ହେବାପରି ଦିବ୍ୟଦୃଷ୍ଟି ଓ ଅନୁଭବ ମଣିଷ ପାଖରେ ହିଁ ଉପଲବ୍ଧ । ଏହି ଦିବ୍ୟ ଭାବନାର ଆଲୌକିକ ସ୍ପର୍ଶରେ ବିଗଳିତ କବିଙ୍କ ପ୍ରାଣ ।

'କେତୁମ୍ଭେ ସମ୍ମୁଖେ ମୋର' ଶ୍ରୀମତୀ ରେବା ରାୟଙ୍କର ଏକନିଷ୍ଠ ବିଭୁପ୍ରୀତିର ଆନ୍ତରିକ ସ୍ୱାକ୍ଷର । ବିଶ୍ୱବ୍ରହ୍ମାଣ୍ଡ ନାୟକ ପରାତ୍ପର ପରମେଶ୍ୱରଙ୍କ ପ୍ରେମ ଅପାର । ସେ ଅନନ୍ତ ପାରାବାର । ତାଙ୍କ ଭାବରାଜ୍ୟ ଅସୀମ । ଦୁର୍ଯ୍ୟୟ ସଂସାର ବନ୍ଧନରେ ଏବଂ ମହାଅନ୍ଧକାର ବିମୁକ୍ତିରେ ସେ ସଚ୍ଚିଦାନନ୍ଦ । ସେ ଆତ୍ମାର ଆତ୍ମା । ସେ ପ୍ରାଣାରାମ । ଏକାକୀ ଏ ହାହାକାରମୟ ଜୀବନରେ ପ୍ରେମାମୃତ । ସେ ଶରଣ ରକ୍ଷକ । ସେ ସଜ୍ଜନେ, ନିର୍ଜନେ, ସୁଖେ-ଦୁଃଖେ, ସ୍ୱଦେଶେ- ବିଦେଶେ ଓ ଜୀବନେ- ମରଣେ ଆତ୍ମାର ପ୍ରତିଟି କ୍ଷେତ୍ରରେ ସେ ଚିର ଜାଗ୍ରତ । ଏହି ବିଶ୍ୱାତୀତ ଭାବର ମହାନ୍ ପରମ୍ପରା ଆଧୁନିକ କାଳରେ ଭକ୍ତକବି ମଧୁସୂଦନ ରାଓଙ୍କର କବିତାରେ ଲକ୍ଷ୍ୟ କରାଯାଏ । ସେହି ପରମ୍ପରାର ସୁଯୋଗ୍ୟା ଭାବରେ ଶ୍ରୀମତୀ ରାୟଙ୍କ କବିତାରେ ଦୃଶ୍ୟମାନ ହୁଏ ।

ପରମେଶ୍ୱର ସର୍ବବ୍ୟାପକ । ସର୍ବଭୂତରେ ସେ ବିରାଜିତ । ତାଙ୍କ ମହିମା ଅବର୍ଣ୍ଣନୀୟ । ଅନନ୍ତ ଶକ୍ତିର ସେ ମୂଳାଧାର । ଅନନ୍ତ ପ୍ରଶାନ୍ତିର ସେ ଜଳଧି । ତାଙ୍କର ଅମୃତମୟ ଦୃଷ୍ଟିରେ ଆତ୍ମା ପବିତ୍ରିତ ଏବଂ ପରିଶୋଧିତ । ତାଙ୍କରି ପାଦପଦ୍ମରେ କବି ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଛନ୍ତି । ଏହିପରି ହିମାଦ୍ରୀ ସଦୃଶ ମହାମହିମଙ୍କୁ ସମ୍ମୁଖରେ ପାଇ କବି ଧନ୍ୟ ହୋଇଛନ୍ତି ।

'ଅଞ୍ଜଳି' କବିତା ସଂକଳନ ପରେ 'ଶକୁନ୍ତଳା' ଗଳ୍ପ ସଂକଳନ ପ୍ରକାଶ ପାଇଥିଲା । 'ଶକୁନ୍ତଳା' ଶୀର୍ଷକ ଗଳ୍ପ ଶ୍ରୀମତୀ ରାୟଙ୍କୁ ପ୍ରଥମ ନାରୀ ଗାଳ୍ପିକା ଭାବରେ ପରିଚିତି ସୃଷ୍ଟି କରାଏ । କାରଣ 'ଶକୁନ୍ତଳା' ନାରୀ ଲେଖିକାଙ୍କ ଦ୍ୱାରା ଲିଖିତ ପ୍ରଥମ ଗଳ୍ପ । ଏହାଛଡ଼ା ରେବା ରାୟ ନାରୀ ଶିକ୍ଷାର ପ୍ରସାର ପାଇଁ କେବଳ ଯେ, କାର୍ଯ୍ୟ କରିଥିଲେ ତାହା ନୁହେଁ, ସେ ନାରୀ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ୧୯୦୫ ମସିହାରେ ନିଜ ଗୃହରେ ଆଦର୍ଶ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହା ସରକାରୀ ସ୍ୱୀକୃତି ଲାଭ କରିଥିଲା ।

ରେବାଙ୍କ ସମୟରେ ନାରୀଶିକ୍ଷା ଏବଂ ନାରୀ ସ୍ୱାଧୀନତାର ସ୍ୱପ୍ନ ଥିଲା ସୁଦୂର ପରାହତ । ୧୮୯୨ ମସିହାରେ ନାରୀଶିକ୍ଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରେବା ରାୟଙ୍କ ସଂପାଦନାରେ 'ଆଶା' ନାମକ ଏକ ପତ୍ରିକା ପ୍ରକାଶ ପାଇଥିଲା । ରେବା ରାୟ ଥିଲେ ଓଡ଼ିଶାର ପ୍ରଥମ ନାରୀ ପତ୍ରିକାର ସଂପାଦିକା । ସେହିପରି ୧୯୦୯ ମସିହାରୁ 'ପ୍ରଭାତ' ନାମକ ଶିଶୁ ପତ୍ରିକା ନିଜ ସଂପାଦନାରେ ପ୍ରକାଶ କରିଥିଲେ । ଏହା ଅନିୟମିତ ଭାବରେ ପ୍ରକାଶ ପାଇବା ପରେ ୧୯୧୪ ମସିହାରେ ବନ୍ଦ ହୋଇଯାଇଥିଲା । ଏହି ମାସିକ ପତ୍ରିକା ହିଁ ଥିଲା ପ୍ରଥମ ଶିଶୁ ପତ୍ରିକା । ଶ୍ରୀମତୀ ରାୟଙ୍କ କବିତାଗୁଡ଼ିକରେ ବିଭୁପ୍ରେମ, ଦିବ୍ୟ ଭାବନା ଓ ଅନନ୍ୟ ଈଶ୍ୱର ଉପଲବ୍ଧିକୁ ଅନୁଭବ କରି ହୁଏ ପ୍ରାଣପୂର୍ଣ୍ଣ ଭାବରେ । ଆଜି ସଶରୀରରେ ନଥିଲେ ମଧ ଏହି ପ୍ରତିଭା ସବୁରି ପ୍ରାତଃସ୍ମରଣୀୟ । ■

ଯଶୋଦା କୁଟୀର
ରାମକୃଷ୍ଣପୁର, ରାମେଶ୍ୱର
କଟକ- ୭୫୪୨୦୧
ମୋ: ୯୪୩୯୭୩୫୩୧୧

# ପୁସ୍ତକ ପରିଚୟ

## ଜରା ନିବାସ

### କବିତା ବାରିକ





ଟାଇମ୍ ପାସ
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର ଏକ କରୁଣ ସମୟ ଜରାବସ୍ଥା । ବାର୍ଦ୍ଧକ୍ୟରେ ମଣିଷ ଅସହାୟ ହୋଇପଡ଼େ । ନିଜ ପୁତ୍ରକନ୍ୟାଙ୍କ ସେବା ଶୁଶ୍ରୂଷାରୁ ଅନେକେ ବଞ୍ଚିତ ହୋଇଥାନ୍ତି । ନିଜର କେହି ଆତ୍ମୀୟସ୍ୱଜନ ନଥିବା ବା ପରିବାର ସଦସ୍ୟଙ୍କଠାରୁ ଉପେକ୍ଷିତ ବୃଦ୍ଧବୃଦ୍ଧାଙ୍କ ଶେଷ ଠିକଣା ପାଲଟି ଯାଇଥାଏ ଜରା ନିବାସ ବା ବୃଦ୍ଧାଶ୍ରମ । ସେଭଳି ବାର୍ଦ୍ଧକ୍ୟରେ ଉପନୀତ କିଛି ମଣିଷଙ୍କ କରୁଣ କାହାଣୀ ସଂକଳିତ ହୋଇଛି କବିତା ବାରିକଙ୍କ 'ଜରା ନିବାସ' ପୁସ୍ତକରେ । ଏହି ପୁସ୍ତକରେ ମୋଟ ୧୭ଟି ମନଛୁଆଁ ଗପ ସଂକଳିତ ହୋଇଛି । ଏଥିରେ ସଂକଳିତ 'ଜରା ନିବାସ', 'ଅନ୍ତର୍ଦାହ', 'ସଂପର୍କର ପରିଭାଷା', 'ଅସ୍ତିତ୍ୱ', 'ମାତୃଦିବସରୁ ଜରା ନିବାସ', 'କେତେ ଦିନର ଜୀବନ', 'ପରିଚୟ', 'ନୂଆ ଜୀବନର ଠିକଣା', 'ଶେଷ ନୀଡ଼' ଆଦି ଗପଗୁଡ଼ିକ ଭାବ ଓ କାରୁଣ୍ୟ ନିଶ୍ଚିତ ଭାବରେ ପାଠକମାନଙ୍କ ହୃଦୟକୁ ବିଗଳିତ କରିଦେବ । ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ବୃଦ୍ଧାବସ୍ଥାରେ ମଣିଷର ଅସହାୟତା, କାରୁଣ୍ୟକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଗାଳ୍ପିକା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ କରିଛନ୍ତି । 'ଜରା ନିବାସ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଅନ୍ଧାରର ଆର୍ତ୍ତନାଦ

### ଚିନ୍ମୟ ରଞ୍ଜନ ମିଶ୍ର






ବେଳାବାଲି ପ୍ରକାଶନ
ଟେଲିଫୋନ୍ ଭବନ ରୋଡ୍, ବ୍ରହ୍ମପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୧୦ ଟଙ୍କା

ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ରଙ୍କ ଏକ ବାସ୍ତବଧର୍ମୀ ନାଟକ ହେଉଛି 'ଅନ୍ଧାରର ଆର୍ତ୍ତନାଦ' । ଦିନକୁ ଦିନ ଯୁବ ପିଢ଼ି ସହରୀ ସଭ୍ୟତା ପ୍ରତି ଆକର୍ଷିତ ହେବାରେ ଲାଗିଛନ୍ତି । ଗାଁ ଛାଡ଼ି ସହର ମୁହାଁ ହେଉଛନ୍ତି ଅନେକ ଗ୍ରାମ୍ୟ ଯୁବକ । ତେବେ ପରବର୍ତ୍ତୀ ସମୟରେ ସହରର ପରିବେଶ, ଜୀବନଶୈଳୀ ଭିତରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି । ମାନସିକ, ଶାରୀରିକ ଦୁଃଖ, ଯନ୍ତ୍ରଣାରେ ଅସହାୟ ହୋଇପଡ଼ି ପୁଣି ଗାଁକୁ ଫେରିଛନ୍ତି । ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି 'ଅନ୍ଧାରର ଆର୍ତ୍ତନାଦ' ନାଟକରେ । ଅଜୁ, ବିଜୁ, ଗୁରା, ଚୌଧୁରୀ, ରଘୁଆ, ଚନ୍ଦ୍ରୁରୁ, ଶାରଦା, ରୁପା ଆଦି ଚରିତ୍ରକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଛି । ଆଦର୍ଶ ବାପା ଚନ୍ଦ୍ରୁରୁର ଦୁଇ ପୁଅ ଅଜୁ ଓ ବିଜୁ । ବଡ଼ ପୁଅ ବିଜୁ ବଡ଼ ଲୋକ ହେବାର ସ୍ୱପ୍ନରେ କିଭଳି ଘର ଛାଡ଼ି ସହରକୁ ଯାଇ ପ୍ରତାରଣାର ଶିକାର ହୋଇ ପୁଣି ଗାଁକୁ ଫେରି ଆସିଛି । ତାହା ବେଶ୍ ପ୍ରଭାବଶାଳୀ ଭାବେ ବର୍ଣ୍ଣନା କରାଯାଇଛି ଏହି ନାଟକରେ । ହସ, ଲୁହ, ପ୍ରେମ, ଭାବପ୍ରବଣ, ସାମାଜିକ ବାସ୍ତବତା ଆଧାରିତ ଏହି ନାଟକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ମନ, ଜୀବନ ଓ ସମାଜ

### ଡକ୍ଟର ଦେବୀଲାଲ ମିଶ୍ର





ବନଫୁଲ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରଚିତ ଡକ୍ଟର ଦେବୀଲାଲ ମିଶ୍ରଙ୍କ 'ମନ, ଜୀବନ ଓ ସମାଜ' ପୁସ୍ତକ ପ୍ରକାଶ ପାଇଛି । ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଲୋକପ୍ରିୟ ଆଲେଖ୍ୟଗୁଡ଼ିକର ଏହା ଏକ ସମାହାର । ମଣିଷ ଜୀବନର ସଫଳତା, ବିଫଳତା, ଖୁସି, ବିଶ୍ୱାସ, ଆନନ୍ଦ, ଶାନ୍ତି, ଅବସାଦ ଆଦିକୁ ନେଇ ରଚିତ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ସେହିପରି 'ସଂପର୍କର ତତ୍ତ୍ୱ', 'ପ୍ରେମର ପରିଭାଷା', 'ବନ୍ଧୁତାର ବନ୍ଧ', 'ଶିହରଣହୀନ ସଂପର୍କ' ଆଦି ଆଲେଖ୍ୟରେ ମାନବୀୟ ସଂପର୍କ, ପ୍ରେମ, ବନ୍ଧୁତ୍ୱ, ଚିନ୍ତାଧାରାର ମହନୀୟତା ପ୍ରତିପାଦିତ ହୋଇଛି । ସେଭଳି 'କର୍ତ୍ତବ୍ୟ ଓ ଅଧିକାର', 'ରାଜନୀତିର ସ୍ୱାଭିମାନ', 'ନିର୍ବାଚନ ଓ ଜନ –ମନସ୍ତତ୍ତ୍ୱ', 'ସାମ୍ବାଦିକ ଓ ସମ୍ବେଦନା', 'ସାହିତ୍ୟିକ ଓ ସାମ୍ବାଦିକତା' ଆଦି ପ୍ରବନ୍ଧଗୁଡ଼ିକ ସାଂପ୍ରତିକ ସମାଜ ପାଇଁ ବେଶ୍ ପ୍ରାସଙ୍ଗିକ ମନେ ହୁଏ । ପ୍ରତିଟି ଲେଖାରେ ଏକ ସାମାଜିକ ବାର୍ତ୍ତା ରହିଛି । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ଆଜି ଶ୍ରୀଅଙ୍ଗରେ ବ୍ୟବହୃତ ଅଳଙ୍କାରର ହେବ ଗଣତି

ପୁରୀ,୧୮।୭(ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କର ଗଣତି ବେଳେ ଶ୍ରୀଅଙ୍ଗରେ ବ୍ୟବହୃତ ଅଳଙ୍କାରର ଗଣତି ହୋଇପାରି ନ ଥିଲା। ଏହି ଅଳଙ୍କାର ରବିବାର ଗଣତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତ ମେ' ୨୩ ତାରିଖଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ସ୍ଥଗିତ ରହିଛି। ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ଉଲାଗି ହୋଇଥିବା ଅଳଙ୍କାରାଦିର ଗଣତି ରବିବାର ଗୋଟିଏ ଦିନ ପାଇଁ କରାଯିବ। ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ (ଏସ୍‌ଓପି) ଅନୁଯାୟୀ ସମ୍ପାଦନ ହେବ। ସେହିପରି ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଅବଗତ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ପୂର୍ବଭଳି ସମସ୍ତ ସେବାୟତ ଏବଂ ସଦସ୍ୟମାନଙ୍କ ଆନ୍ତରିକ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ସମବାୟ କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ଲଢ଼େଇ କରିବ କଂଗ୍ରେସ

ଭୁବନେଶ୍ୱର,୧୮।୭(ସମିସ): ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ସ୍ତରରେ ପହଞ୍ଚିଲାଣି। କଂଗ୍ରେସ ଶାସନକାଳରେ ରାଜ୍ୟରେ ଗଢ଼ି ଉଠିଥିବା ଚିନିକଳ, ସୂତାକଳ, ତେଲକଳ ଏବଂ ସମବାୟ ଭିତ୍ତିକ ଶୀତଳଭଣ୍ଡାର ଓ ଆରସିଏମସି ଭଳି ଅନେକ ସଂସ୍ଥା ଭାଙ୍ଗିଗଲାଣି। ଏବେ ବିକାଶ ପରିବର୍ତ୍ତେ ବିନାଶ ଘଟୁଛି ବୋଲି ରାଜ୍ୟ କଂଗ୍ରେସ କହିଛି। ତେବେ ସମବାୟ କ୍ଷେତ୍ରରେ




## ପ୍ରଭାରୀଙ୍କ ସହ ବୈଠକ ପରେ ରୋଡ୍‌ମ୍ୟାପ ପ୍ରସ୍ତୁତ

ସ୍ୱଚ୍ଛତା ଆସିବା ସହ କିପରି ସମବାୟ କ୍ଷେତ୍ରକୁ ସ୍ୱଚ୍ଛ, ନିରପେକ୍ଷ ରଖିହେବ ସେଥିପାଇଁ କଂଗ୍ରେସ ଜୋରଦାର ଲଢ଼େଇ କରିବ। ଏଥିପାଇଁ ଶୁକ୍ରବାର ପିସିସି ପ୍ରଭାରୀ ଲାଲଜୀ ଦେଶାଇଙ୍କ ସମେତ ସହପ୍ରଭାରୀ ଓ ପିସିସି ସଭାପତିଙ୍କ ଉପସ୍ଥିତିରେ ପିସିସି ସମବାୟ ପ୍ରକୋଷ୍ଠର କାର୍ଯ୍ୟପନ୍ଥାକୁ ନେଇ ଏକ ରୋଡ୍‌ମ୍ୟାପ ସ୍ଥିର ହୋଇଛି।

ଏ ସମ୍ପର୍କରେ ପିସିସି ସମବାୟ ପ୍ରକୋଷ୍ଠ ମୁଖ୍ୟ ଅମିୟ ପଟ୍ଟନାୟକ କହିଛନ୍ତି, କେତେକ ମୁଷ୍ଟିମେୟ ଅସାଧୁ ଲୋକଙ୍କ ଦ୍ୱାରା ସମବାୟ ସଂସ୍ଥାଗୁଡ଼ିକ ପରିଚାଳିତ ହେବାଦ୍ୱାରା ବହୁ କ୍ଷତିରେ ପହଞ୍ଚିବା ସହ ଅଂଶୀଦାରମାନେ ତାଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି। କ୍ରମାଗତଭାବେ ପରିଚାଳନାଗତ ତ୍ରୁଟି, ଓ ଅଭିଜ୍ଞତାର ଅଭାବ ଫଳରେ ସ୍ଥିରୀକୃତ ଆଭିମୁଖ୍ୟଗୁଡ଼ିକର ସଫଳ ରୂପାୟନ ହୋଇ ପାରୁନାହିଁ। ଅମଲାତନ୍ତ୍ରର ଫନ୍ଦି ଫିକରରେ ବହୁ ସମବାୟ ସଂସ୍ଥା ଆଜି ବଳିପଡ଼ୁଛି। ଏଥିରୁ ସମ୍ପୂର୍ଣ୍ଣ ମୁକ୍ତ ଓ ନିରପେକ୍ଷତା, ଅଂଶୀଦାରମାନଙ୍କ ଅଧିକାର ଏବଂ ସମବାୟ ସଂସ୍ଥାଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ଓ ମାନବ ସମ୍ବଳ ବୃଦ୍ଧି ପାଇଁ କଂଗ୍ରେସ ଦଳ ତରଫରୁ କଂଗ୍ରେସ ସମବାୟ ପ୍ରକୋଷ୍ଠ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି।

କୃଷି ସହିତ ସମବାୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଗ୍ରାମାଞ୍ଚଳରେ କୃଷି ଓ ସମବାୟ ଭିତ୍ତିଭୂମି ସୁଦୃଢ଼ ହେଲେ ରାଜ୍ୟ ଅର୍ଥନୀତିର ପ୍ରଗତି ହିଁ ସମ୍ଭବ। ତେଣୁ ସମବାୟ କ୍ଷେତ୍ରକୁ ସ୍ୱଚ୍ଛ, ନିରପେକ୍ଷ ଓ ସମିତିର ସଭ୍ୟ/ସଭ୍ୟାମାନଙ୍କ ଅଧିକାରକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ସମବାୟ ସଂସ୍ଥାଗୁଡ଼ିକରେ ନିୟୋଜିତ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ ସୁପଦକ୍ଷେପ ନିଆଯିବା ଜରୁରୀ। ଓଡ଼ିଶା ରାଜ୍ୟରେ ଥିବା ପ୍ରାୟ ୮ ହଜାର ବିଭିନ୍ନ ସମବାୟ ସମିତିର ସଭ୍ୟସଂଖ୍ୟା ୧ କୋଟିର ଉର୍ଦ୍ଧ୍ୱ। ତେଣୁ ସଭ୍ୟମାନଙ୍କର ସମାନ ଅଧିକାର ସହିତ ସାମଗ୍ରୀକ ବିକାଶ ପାଇଁ ସମବାୟ ସଂସ୍ଥାଗୁଡ଼ିକ ବାସ୍ତବାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କଲେ ଓଡ଼ିଶା ରାଜ୍ୟରେ ସମବାୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇ ପାରିବ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜନ୍ମବେଦୀରେ...

ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସୁଦର୍ଶନଙ୍କ ପହଣ୍ଡି ପରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସଅଳ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ ଶ୍ରୀବଳଭଦ୍ର। ବଡ଼ଠାକୁରଙ୍କ ପରେ ହଳଦୀମୁଖି ଦେବୀ ସୁଭଦ୍ରା ଜନ୍ମବେଦୀକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ଶେଷରେ ବିଶ୍ୱନିୟନ୍ତା ମହପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ହଲିଝୁଲି କାଳିଆ ଠାକୁର ଆଡ଼ପମଣ୍ଡପକୁ ବିଜେ କରିଥିଲେ।

ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଏବଂ ବିଡ଼ିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ। ଏହାପରେ ଗୋଟିପହଣ୍ଡିରେ ଜଣଙ୍କ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପରେ ରୁନ୍ଧାଯିବା ପରେ ନିର୍ଘଣ୍ଟ ଅନୁଯାୟୀ, ଅନ୍ୟାନ୍ୟ ନୀତି କରାଯାଇଛି। ଅପରପକ୍ଷେ ରବିବାରଠାରୁ ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା। ଭକ୍ତମାନେ କିପରି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ ସେଥିଲାଗି ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଗଗନ ଛୁଇଁଲା...

ରକେଟ୍‌ର ସମସ୍ତ ଚାରୋଟି ସ୍ତର ଆଶାମୁତାବକ କାର୍ଯ୍ୟ କରିଥିଲେ ଏବଂ ଏହାର ପୃଥକୀକରଣ ପ୍ରକ୍ରିୟା ଅତି ସୂକ୍ଷ୍ମ ଓ ସ୍ୱଚ୍ଛ ଥିଲା। ଏହି ଅଭୂତପୂର୍ବ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଏରୁଟ୍ ଦଳକୁ ଟେଲିଫୋନ୍ ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଯୁବ ବୈଜ୍ଞାନିକମାନେ କେବଳ ମହାକାଶରେ ଏକ ନୂତନ ବୃକ୍ଷ ରୋପଣ କରିନାହାନ୍ତି, ବରଂ ମାଟିରେ ଏକ ନୂଆ ଚେରକୁ ମଧ ଶକ୍ତ କରିଛନ୍ତି, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ।

୨୦୧୮ ମସିହାରେ ଇସ୍ରୋର ପୂର୍ବତନ ଯୁବ ବୈଜ୍ଞାନିକ ପବନ କୁମାର ଚନ୍ଦନା ଏବଂ ନାଗା ଭାରତ ଡାକାଙ୍କ ଦ୍ୱାରା ସ୍କାଏରୁଟ୍ ପ୍ରତିଷ୍ଠା କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ଛୋଟ ଉପଗ୍ରହ ବଜାର ପାଇଁ ମହାକାଶ ଯାତ୍ରାକୁ ସହଜ ଏବଂ ଶସ୍ତା କରିବା। ପୂର୍ବରୁ ୨୦୨୨ରେ ଏହି କମ୍ପାନୀ 'ବିକ୍ରମ-ଏସ୍' ନାମକ ଭାରତର ପ୍ରଥମ ଘରୋଇ ରକେଟ୍‌କୁ ମହାକାଶକୁ ପଠାଇ ଇତିହାସ ରଚିଥିଲା। ଆଜିର ଏହି ସଫଳତା ସ୍କାଏରୁଟ୍‌କୁ ବାଣିଜ୍ୟିକ ଭାବେ ନିୟମିତ ରକେଟ୍ ଉତକ୍ଷେପଣ କରିବା ଦିଗରେ ଏକ ନୂତନ ଶକ୍ତି ପ୍ରଦାନ କରିଛି।

## ସୋନମଙ୍କୁ ଉଠାଇନେଲା...

ବୋଲି ଘୋଷଣା କରିଛି। ସରକାରଙ୍କ ଏପରି ଦମନ ସତ୍ତ୍ୱେ ଆସନ୍ତା ୨୦ ତାରିଖରେ ସେମାନେ ସଂସଦ ଭବନ ଆଡ଼କୁ ପଦଯାତ୍ରା କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ କହିଛନ୍ତି।

ସରକାରଙ୍କ ଏପରି କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅନଶନ ଭଙ୍ଗ କରିବାକୁ ମନା କରିଦେଇଛନ୍ତି ସୋନମ ୱାଙ୍ଗଚୁକ୍। ମେଡିକାଲରେ ଭର୍ତ୍ତି କରାଯିବା ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା। ମାତ୍ର ଏବେ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଛି। ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ସେ ମେଡିସିନ୍ କିମ୍ବା ସାଲାଇନ୍ ନେବାକୁ ମନା କରିଦେଇଛନ୍ତି। ତାଙ୍କ ଚିକିତ୍ସା ପାଇଁ ନିୟୋଜିତ ଡାକ୍ତର କହିଛନ୍ତି ଯେ ସୋନମ ଏମିତି ଅନଶନ ଚଳାଇଲେ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇପଡ଼ିବ। ସେ କେବଳ ଲୁଣ ପାଣି ପିଉଛନ୍ତି ଏବଂ କୌଣସି ଚିକିତ୍ସା ଗ୍ରହଣ କରୁନାହାନ୍ତି।

ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ସଫଦରଜଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଦିଆଯାଉ ନଥିବା ଏବଂ କୌଣସି ପ୍ରକୃତ ଚିକିତ୍ସା ଚାଲି ନଥିବା ସେ ଦାବି କରିଛନ୍ତି। ଏହାସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରୀ ସ୍ତରରେ ଦିଆଯାଉଥିବା ତଥ୍ୟକୁ ମଧ ସେ ସନ୍ଦେହ କରିଛନ୍ତି। ଦିଲ୍ଲୀ ପୁଲିସ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୱାଙ୍ଗଚୁକଙ୍କୁ ହସ୍ପିଟାଲ ଆଣିଥିବା କହୁଥିବା ବେଳେ ଗୀତାଞ୍ଜଳି ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ କେବଳ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କହିଥିଲେ, ହସ୍ପିଟାଲରେ ଭର୍ତ୍ତି କରିବାକୁ କୌଣସି ଆଦେଶ ଦେଇ ନଥିଲେ।

ସୂଚନାଯୋଗ୍ୟ ଯେ ପରୀକ୍ଷା ପରିଚାଳନାରେ ଅନିୟମିତତା ପ୍ରତିବାଦରେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସୋନମ ୱାଙ୍ଗଚୁକ ଗତ ୨୧ ଦିନ ହେବ ଆମରଣ ଅନଶନ ଚଳାଇଛନ୍ତି। ଏହି ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥିବା ବେଳେ ଏବଂ ସଂସଦ ଅଭିମୁଖେ ପଦଯାତ୍ରା କରିବାର ଦୁଇ ଦିନ ପୂର୍ବରୁ ପୁଲିସ ତାଙ୍କୁ ଆନ୍ଦୋଳନ ସ୍ଥଳରୁ ହଟାଇ ଦେଇଛି। ଆଜି ସକାଳ ପ୍ରାୟ ୭ଟା ୩୦ ମିନିଟରେ ସାଧା ପୋଷାକରେ ପୁଲିସ ଅନଶନ ସ୍ଥଳକୁ ଆସି ୱାଙ୍ଗଚୁକଙ୍କୁ ଉଠାଇନେଇଥିଲା। ଏହି ସମୟରେ ସେଠାରେ ବହୁସଂଖ୍ୟାରେ ଦିଲ୍ଲୀ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଆନ୍ଦୋଳନକାରୀ ଏହାର ବିରୋଧ କରିବାରୁ ସେମାନଙ୍କୁ ପୁଲିସ ହଟାଇ ଦେଇଥିଲେ।

## 'ଲହରୀ'କୁ ଜାତୀୟ...

ସାମାଜିକ ଜୀବନର ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ-ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀକୁ ବେଶ୍ ଦର୍ଶକୀୟ ଆଦୃତି ମିଳିଥିଲା। ହସର ଲହରୀ ଯେମିତି, ଲୁହର ଲହରୀ ବି ସେମିତି, ବାସ୍ତବ ଜୀବନର ଅନେକ ଉତ୍ଥାନପତନକୁ ଏଥିରେ ଚିତ୍ରିତ କରାଯାଇଛି। ଏହାସହ ବିକାଶ ରାସ୍ତାରେ ବୟସ କେବେ ବାଧକ ସାଜିପାରେନି ବୋଲି ବାର୍ତ୍ତା ନେଇ ଇକୋ ଟୁରିଜିମ୍ ଦ୍ୱାରା ଗାଁର ଲୋକମାନେ କିଭଳି ବିକାଶ କରୁଛନ୍ତି, ତାହା ମଧ ଚଳଚ୍ଚିତ୍ରରେ ଦର୍ଶାଯାଇଛି। କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟ ପରଦାରେ ମଧ 'ଲହରୀ' ଭଲ ପ୍ରଦର୍ଶନ କରିଥିଲା।

ଏହି ସିନେମାରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ ଏବଂ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ଅମର୍ତ୍ତ୍ୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ନିଭାଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଆ ସିନେମା ପାଇଁ ଏହା ଏକ ଗୌରବମୟ ସଫଳତା। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ସମ୍ମାନିତ ହେବା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୃଜନଶୀଳତା ଓ ଗୁଣାତ୍ମକ କାହାଣୀକୁ ପୁଣିଥରେ ଜାତୀୟ ମଞ୍ଚରେ ପ୍ରତିଷ୍ଠିତ କରିଛି। ଏହି ସଫଳତା ଓଡ଼ିଆ ସିନେମା ଶିଳ୍ପକୁ ଆହୁରି ମଜବୁତ କରିଥିବା କୁହାଯାଉଛି।

ଏହି ପୁରସ୍କାର ଘୋଷଣା ପରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ ଏକ୍ସରେ ସେ ଲେଖିଛନ୍ତି, ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଲହରୀ' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହେବା ବେଶ ଖୁସିର ବିଷୟ। ଚଳଚ୍ଚିତ୍ରର ନିର୍ମାତା, ଅଭିନେତା ତଥା ଏଥିସହ ଜଡ଼ିତ ସଭିଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ପାଖାପାଖି ହେବ...

ଆବଶ୍ୟକ ବାଲଟପେପର ଓ ଗାଡ଼ି ପାଇଁ ମଧ ବରାଦ ହୋଇଛି। ଏନ୍‌ଏସିଗୁଡ଼ିକର ପ୍ରତି ୱାର୍ଡରେ ଗୋଟିଏ ଲେଖାଏଁ ବୁଥ୍ ସ୍ଥାପନ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମକୁ ନେଇ ହାଇକୋର୍ଟରେ ଲାଗି ରହିଥିବା ଆଇନଗତ ସମସ୍ୟାର ସମାଧାନ ହୋଇସାରିଛି ଓ ଏଥିପାଇଁ ସରକାରୀ ନିର୍ଦ୍ଦେଶନାମା ମଧ ପ୍ରକାଶ ପାଇସାରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ୍ୟରେ ୪-୬ ମାସ ଅନ୍ତର ରହୁଥିବା ବେଳେ ଆସନ୍ତା ବର୍ଷ ଏହା ଲାଗି ଲାଗି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ନିର୍ବାଚନୀ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରସଙ୍ଗକୁ ନେଇ ରାଜନୈତିକ ବୟାନବାଜି ଜୋରଦାର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, କଂଗ୍ରେସ ଉଭୟ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ସରକାର ସହରାଞ୍ଚଳରେ କୌଣସି ଜନକଲ୍ୟାଣକାରୀ ଯୋଜନା କରି ନ ଥିବାରୁ ଜନତା ତାଙ୍କୁ କଦାପି ଗ୍ରହଣ କରିବେ ନାହିଁ। ବାସ୍ତବରେ ସରକାର କେବଳ ନିର୍ବାଚନ ନାଁରେ ଭେଳିକି ଦେଖାଉଛନ୍ତି। ଆମେ କରୁଛୁ କରୁଛୁ ବୋଲି ସରକାର କେବଳ କହିବେ; କିନ୍ତୁ ନିର୍ବାଚନ କରାଇବାକୁ ପଛଘୁଞ୍ଚା ଦେବେ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂଆ ଏନଏସି ଓ ପୌରପାଳିକା ଗଠନ ନେଇ ଘୋଷଣା କରିଥିଲେ। ବିଜେପି ସରକାର ଆସିବା ପରେ ଏହି ପ୍ରକ୍ରିୟା ଆଗକୁ ବଢ଼ାଉଛି ସତ; ମାତ୍ର ୩୫ଟି ଅଞ୍ଚଳକୁ ଏଥିରେ ସାମିଲ କରାଯାଇଥିବାରୁ ଅନ୍ୟ ଘୋଷିତ ଅଞ୍ଚଳକୁ ଏଥିରୁ ବାଦ୍ ଦିଆଯାଇଛି। ତେଣୁ ସେଠାକାର ଲୋକଙ୍କ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ରହିଛି। ଏହି ଅସନ୍ତୋଷ କାରଣରୁ ସରକାର ଭୟରେ ଜାଣିଶୁଣି ପଞ୍ଚାୟତ ନିର୍ବାଚନକୁ ଘୁଞ୍ଚାଇ ଦେଉଛନ୍ତି। ପୌର ନିର୍ବାଚନ ହେଲେ ବିଜେଡି ନିଶ୍ଚିତ ଭାବେ ବିଜୟୀ ହେବ। ସାଧାରଣଜନତା ଏବେ ବି ବିଜେଡି ସହିତ ଅଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବିଜେପି ବିଧାୟକ ସନାତନ ବିଜୁଳି କହିଛନ୍ତି, ବିଜେପି ସରକାର ନୂଆ ପୌରସଂସ୍ଥା କାଗଜପତ୍ର କାମ ସାରି ଓ ନିର୍ବାଚନ ବି କରିବାକୁ ଯାଉଛନ୍ତି। ଏଥିପାଇଁ ବିଜେପି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଅନେକ ପୌର ପ୍ରତିନିଧି ଏବେ ବିଜେପିମୁହାଁ ହେଉଛନ୍ତି ବୋଲି ସେ କହିଛନ୍ତି।

# ୩ ବର୍ଷିଆ ଏଲ୍‌ଏଲ୍‌ବି ପାଇଁ ଆବେଦନ ଆରମ୍ଭ

- ଜୁଲାଇ ୩୦ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ
- ଅଗଷ୍ଟ ୬ ତାରିଖରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର,୧୮।୭(ସମିସ): ତିନି ବର୍ଷିଆ ଏଲ୍‌ଏଲ୍‌ବି (ଆଇନ) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବେଦନ ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ୍‌ରେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ୩୦ ତାରିଖ ଯାଏଁ ଆବେଦନ କରିପାରିବେ। ଅଗଷ୍ଟ ୬ ତାରିଖ ଅପରାହ୍ନ ୨ ଟା ରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଏହି ରାଉଣ୍ଡରେ ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଅଗଷ୍ଟ ୬ ରୁ ୧୧ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ ବିକଳ୍ପ ବାଛିବା ସହ ନାମଲେଖାଇବେ। ଅଗଷ୍ଟ ୧୭ ତାରିଖରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଆଇନ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଅଗଷ୍ଟ ୨୧ ତାରିଖରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୪ଟି ଶିକ୍ଷାନୁଷ୍ଠାନରେ ମୋଟ ୩୯୦ଟି ସିଟ୍ ରହିଛି।

# ୮୦ କଲେଜରେ ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର,୧୮।୭(ସମିସ): ରାଜ୍ୟର ୮୦ ଟି ବେସରକାରୀ ଅନୁଦାନପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସମସ୍ତେ ରିଡର୍ ପାହ୍ୟାର ହୋଇଥିବାବେଳେ ଅଧ୍ୟକ୍ଷ ଭାବେ ବଦଳି କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୦ ତାରିଖ ଅର୍ଥାତ୍ ସୋମବାର ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଲେଜର ଅଧ୍ୟକ୍ଷ ସମେତ ଆର୍ଥିକ କାରବାର (ଡିଡିଓ) କ୍ଷମତା ମଧ ସେମାନଙ୍କୁ ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗ ନ କଲେ ଦରମା ପାଇବେ ନାହିଁ। ବର୍ତ୍ତମାନ ଅବସ୍ଥାପିତ ଥିବା କଲେଜରୁ ୨୦ ତାରିଖ ପରେ ଦରମା ପାଇପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।


34001/498/2627 GOVERNMENT OF ODISHA

**SUPERINTENDING ENGINEER, BOUDH (R&B) DIVISION, BOUDH**

E-mail - eeboudhrb@gmail.com

**INVITATIONS FOR BIDS (IFB)**

No. 3373 Date. 15-07-2026

**1st corrigendum to tender call Notice no. SE BDH-04/2026-27 dated 10.07.2026.**

The following changes are made in respect of the bid identification No. BDH. 04/2026-27 dated 10.07.2026 for Sl. No. 01 i.e., **"Shifting of 11 KV HT & LT lines and sub-station for Construction of HL Bridge over Kukuteswar Nallah at Ch. 8/130 Km on Purunakatak-Dholpur road in the District of Boudh".**

1. Date & Time of availability of Bid documents in the portal : From 22.07.2026, 10.00 AM to 30.07.2026, 5.00 PM
2. Last date/time for seeking of Tender Clarification: 30.07.2026 up to 1.00 P.M
3. Last date / time for receipt of bids in the portal : up to 5.00 P.M. of dated 30.07.2026
4. Date & time of opening of tender /Bid : 31.07.2026 at 11.30 A.M

Superintending Engineer,
Boudh (R&B) Division, Boudh

OIPR-34001/34134/1/26-27/0009

**ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ; ବୀରମିତ୍ରପୁର**

**OFFICE OF THE BIRMITRAPUR MUNICIPALITY; BIRMITRAPUR**

Municipality Office, Birmitrapur-770033,
Tel:-0661-2610228 Webpage:-https://birmitrapur.in, E-mail: -biramitrapurm.hud@nic.in

ପୌରପାଳିକା କାର୍ଯ୍ୟାଳୟ ବୀରମିତ୍ରପୁର- ୭୭୦୦୩୩ 13001/1224/2627

**ନିଲାମ ନୋଟିସ୍**

ସଂଖ୍ୟା: ୧୮୧୨, ତାରିଖ: ୧୭.୦୭.୨୦୨୬

ବୀରମିତପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୮(ଆଠ) ଗୋଟି ଦୋକାନ ଗୃହକୁ ଖୋଲା ନିଲାମ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଖୋଲା ନିଲାମ ରେ ଅଂଶଗ୍ରହଣ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ରମିକ ନଂ | ଦୋକାନ | ନିର୍ଦ୍ଧାରିତ ପ୍ରାରମ୍ଭିକ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ | ମାସିକ ଦୋକାନ ଭଡା |
|---|---|---|---|---|
| ୧ | ବୀରମିତପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୮(ଆଠ) ଗୋଟି ଦୋକାନ ( ବାମରୁ ଡାହାଣ କ୍ରମିକ ସଂଖ୍ୟା ୦୧ ରୁ ୦୮) | ଟ.୧,୫୦,୦୦୦/- | ଟ.୧୫,୦୦୦/- | ଟ.୨୫୦୦/- |

ସର୍ତ୍ତାବଳୀ

୧. କେବଳ ବୀରମିତ୍ରପୁର ପୌରାଞ୍ଚଳର ବସିନ୍ଦା ଉକ୍ତ ନିଲାମରେ ଭାଗ ନେଇପାରିବେ ।
୨. ପୂର୍ବରୁ ପରିଷଦର ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ । ଏହି ସକାଶେ ବ୍ୟକ୍ତି ନିଜେ ଆତ୍ମଘୋଷଣା ନାମା ଦାଖଲ କରିବେ ।
୩. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ ଦୋକାନ ନେଇପାରିବେ ।
୪. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ଉପସ୍ଥିତ ରହି ନିର୍ଦ୍ଧାରିତ ଦୋକାନ ର ଅମାନତ ରାଶି ପୌରପାଳିକା ପାଣ୍ଠିରେ ଜମା କରିବେ ଅନ୍ୟଥା ନିଲାମ ଡାକ ରେ ଅଂଶ ଗ୍ରହଣ କରିପାରିବେ ନାହିଁ ।
୫. ଯେଉଁ ବ୍ୟକ୍ତି ଙ୍କ ନାମରେ ପୂର୍ବରୁ ପୌରପାଳିକା ତରଫରୁ ଦୋକାନ ଗୃହ ଆବଣ୍ଟିତ ହୋଇଥାଏ, ତେବେ ଉକ୍ତ ବ୍ୟକ୍ତି ନିଲାମ ଡାକରେ ଭାଗ ନେଇ ପାରିବେ ନାହିଁ ।
୬. ନିଲାମ ଡାକ ନିର୍ଦ୍ଧାରିତ ପ୍ରାରମ୍ଭିକ ମୂଲ୍ୟଠାରୁ ଆରମ୍ଭ ହୋଇ ଟ.୫୦୦୦.୦୦ ଙ୍କା ଲେଖାଏଁ ବଢି ବଢି ଯିବ ।
୭. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଡାକ ନିଲାମ ସିଦ୍ଧ ହେବ ସେ ଉକ୍ତ ନିଲାମ ଡାକରେ ପୂର୍ବ ରାଶି ଏକକାଳୀନ ଦାଖଲ କରିବେ । ନଚେତ ତାଙ୍କର ଅମାନତ ରାଶି ଟଙ୍କା ବ୍ୟାଜାପ୍ତି କରାଯିବ ।
୮. ନିମ୍ନସ୍ୱାକ୍ଷରକାରୀ ଯେକୌଣସି ନିଲାମ ଡାକ ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।
୯. ତା.୦୩.୦୮.୨୦୨୬ ରିଖ ସମୟ ପୂର୍ବାହ୍ନ ୧୧ଟା- ନିଲାମ ଡକାଯିବ, ସ୍ଥାନ-ପୌରପରିଷଦ ସଭାଗୃହ, ବୀରମିତ୍ରପୁର ପୌରପାଳିକା ।

ନିର୍ବାହୀ ଅଧିକାରୀ
ବୀରମିତ୍ରପୁର ପୌରପରିଷଦ

OIPR-13001/13139/1/26-27/0004

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**(ZILLA SWASTHYA SAMITI, Dhenkanal)**

10001/378/2627

**INVITING OBJECTIONS (IF ANY) OF THE DATA BASE**

In pursuance to the Advt. No-2015 dtd-09.06.2026, the Candidates applied for the post of **Physiotherapist-IPU, DHH (In-House)** under NHM for Dhenkanal districts are requested to check the data base in the District website www.dhenkanal.odisha.gov.in. In case of any objection regarding the data base, may be communicated to the Chief District Medical & PH Officer, Dhenkanal in written on or before **30.07.2026, 5.30 p.m** by **"Speed-post / Registered post only"** with the superscription on the envelop **"Objection on the Database for the Post of ..............."**. Any objections will not be entertained after the due date. The Undersigned is not responsible for any postal delay.

Sd/- Chief District Medical & P.H. Officer,
Dhenkanal

OIPR-10001/10059/1/26-27/0008

**DOCUMENT LOST**

ମୁଁ ବିଶ୍ୱନାଥ ନାୟକ, ବୟସ ପ୍ରାୟ ୭୪ ବର୍ଷ, ସ୍ୱର୍ଗତ କେଶବ ନାୟକଙ୍କ ପୁତ୍ର, ଗ୍ରାମ/ପି.ଓ.- ତରାସ, ଥାନା- ରାଜକନିକା, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା ର ବାସିନ୍ଦା, ଏତଦ୍ୱାରା ଘୋଷଣା କରୁଛି ଯେ ମୁଁ ଗଙ୍ଗାଧରପୁର ଗ୍ରାମର ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ପୁଅ ଶୁଭକାନ୍ତ ନାୟକଙ୍କ ଠାରୁ **RSD ନଂ- 10991500518** (ତାରିଖ: ୧୬.୧୧.୨୦୨୫) ଖାତା ନଂ- ୨୨୪/୪୦ ଓ ପ୍ଲଟ୍ ନଂ- ୧୦୨୬/୧୧୮୫, ମୌଜା- ବଡ଼ତାଇଲା ବିଶିଷ୍ଟ ଏକ ଜମି କ୍ରୟ କରିଥିଲି। ଉକ୍ତ ଜମିର ମୂଳ ଦସ୍ତାବିଜ୍ କୌଣସି ସ୍ଥାନରେ ହଜିଯାଇଛି ଏବଂ ତାହା ଆଉ ମିଳିବାର ସମ୍ଭାବନା ନାହିଁ। ଯଦି କୌଣସି ବ୍ୟକ୍ତି ଏହା ପାଆନ୍ତି, ତେବେ ଦୟାକରି ମୋ ଠିକଣା କିମ୍ୱା ନିକଟସ୍ଥ ଥାନାରେ ଯୋଗାଯୋଗ କରିବେ ଏବଂ ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ସେଥିପାଇଁ ମୁଁ ଦାୟୀ ରହିବି ନାହିଁ।

**ସତ୍ୟପାଠ**

ମିନତି ଯେନା ବୟସ (୫୦), ସ୍ୱାମୀ- ସ୍ୱର୍ଗତ ନୃସିଂହ ଯେନା ଗ୍ରାମ- କୋରକଦା, ପୋ- ଦ୍ୱୋବଲ, ଥାନା- ଧାମନଗର ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଘରବାଡ଼ି ପଟାରେ ଅର୍ଣ୍ଣପୂର୍ଣ୍ଣା ଯେନା ଉଲ୍ଲେଖ ଅଛି,ମୋର ନାମ ମିନତି ଯେନା ପରିବର୍ତ୍ତେ ଅର୍ଣ୍ଣପୂର୍ଣ୍ଣା ଯେନା ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ - ୫୦୦୫ ତା- ୨୫.୦୬.୨୦୨୬ରିଖ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ମିନତି ଯେନା ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ମିନତି ଯେନା ଏବଂ ଅର୍ଣ୍ଣପୂର୍ଣ୍ଣା ଯେନା ଜଣେ ଅଟନ୍ତି)

ସ୍ୱା/-ମିନତି ଯେନା

**AFFIDAVIT**

I, Talimun Bibi, Age-56, W/o- Akbar Khan, At: Badahantuad, Ward No.: 12, PO/PS: Banpur, Dist.: Khurda, PIN-752031, Odisha, declared by this Affidavit No. 842/2026 Dated. 17.07.2026, That now onwards I shall be known as TALEMUN BIBI that for all future Purposes.

**AFFIDAVIT**

I, Smruti Sudha Nayak, W/o-Hemanta Mohanty, resident of At-Talatapanda, Po-Mathani, Ps-Basta, Dist-Balasore, Odisha, Pin-756029, declare by this affidavit No.3193 dtd. 15/07/2026, that now onwards I shall be known as **SMRUTISUDHA MOHANTY** for all future purposes.

**AFFIDAVIT**

By virtue of an affidavit on dtd-17.07.2026 sworn before The Notary Public, Cuttack. I, **Pravabati Mohanty** (new name), W/o Amiya Kumar Mohanty, permanent resident of Balisahi, Madhupatana, Cuttack Sadar, Dist- Cuttack, PIN- 753010, Odisha declare that I have changed my name from **Pravati Mohanty** (old name) to **Pravabati Mohanty** (new name). Henceforth, I shall be known as **Pravabati Mohanty** (new name) for all purposes.

**Pravabati Mohanty**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.07-KUR-TRD-OT-2026-27

କାର୍ଯ୍ୟର ନାମ : ବାହର ଏଜେନ୍ସି ମାଧ୍ୟମରେ ଖୋର୍ଦ୍ଧା ରୋଡ ଡିଭିଜନ୍‌ରେ ଟାୱାର ୱାଗନ୍‌ର ଜଳ ପରିବହନ ପ୍ରଣାଳୀ CRT-5633 (AV-TECH ନିର୍ମିତ)-05ଟି, ଆକ୍ସେଲ୍ ଡ୍ରାଇଭ୍-06ଟି, ଏବଂ ଲିଫ୍ଟିଙ୍ଗ୍ ଓ ସ୍ୱିଭେଲିଙ୍ଗ୍ ପ୍ଲାଟଫର୍ମଗୁଡ଼ିକର ଓଭରହାଲିଙ୍ଗ୍-07ଟିର ମରାମତି (POH) ।

ବିଜ୍ଞାପିତ ମୂଲ୍ୟ : ₹1,48,81,892.65, EMD: ₹2,97,600.00, ଶେଷ ହେବା ଅବଧି: 180 ଦିନ ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 21.07.2026

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 04.08.2026, 13.00 ଘଣ୍ଟିକା ।

ବିଡରମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ । ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫରକୁ ଅଣଦେଖା କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/
ଖୋର୍ଦ୍ଧା ରୋଡ୍

PR-306/R/26-27

**AFFIDAVIT**

I, PADMABATI PATNAIK, W/O SURESH CHANDRA PATNAIK, resident of At- Shriram Colony, Parabeda, PO/PS - Jeypore, Dt - Koraput - 76400, Odisha declare by this Affidavit No.3115, Dated - 17/07/2026, that now onwards I shall be known as **PADMAVATI PATNAIK** for all future purposes.

**AFFIDAVIT**

By virtue of an affidavit no- 4287, dated-25/11/2025 sworn before Executive Magistrate, Banpur, declare that I, Sabita Sahoo, W/o- Niranjan Sahoo of Address At- Brundabanpur, Po- Badasireipur, Ps- Banpur, Dist- Khordha, Odisha, Pin- 752031, declare that I have changed my minor Son's name from Nirmal Sahoo to Nirmala Sahoo. Henceforth, he shall be known as **Nirmala Sahoo** for all purposes.

**Nirmala Sahoo**

**AFFIDAVIT**

I, RASHMI RANI SAHOO, Wife of Rajeep Ranjan Saha, resident of At: Plot No. 352/ 3343, 217/3342, Mahadev Nagar, Jharapada, P.O. Budheswari Colony, P.S. Laxmisagar, Bhubaneswar, Dist. Khordha, Odisha, PIN: 751006, declare by this affidavit No. 45, dated- 17/07/ 2026, that now onwards I shall be known as **RASMI RANI SAHOO** for all future purposes.

**AFFIDAVIT**

I, **Mobarakali Shah,** S/o: Daud Ali, Resident At: Patana, PO: Mohiuddin Pur, PS: Jagatsinghpur- 754294, Odisha, Declare by this Affidavit No: 11414, Dt: 18.07.2026. That now on wards I Shall be known as **Mobarak Ali**. For all Features Purposes.

**AFFIDAVIT**

I, **Shaikh Moslim Ali,** S/o: Mobarak Ali, Resident At: Patana, PO: Mohiuddin Pur, PS: Jagatsinghpur- 754294, Odisha, Declare by this Affidavit No: 11413, Dt: 18.07.2026. That now on wards I Shall be known as **Shaikh Muslim Ali.** For all Features Purposes.

**AFFIDAVIT**

By virtue of an affidavit sworn before the Executive Magistrate, Berhampur, on 10 July 2026, I, Sidhartha Sankar Shyamapada Das, resident of Shrinibaspur, College Road, Banpur, P.O./P.S. Banpur, Dist. Khordha – 752031, hereby declare that I have changed the name of my son from Aarav Patnaik Das to KARNIK DAS. Henceforth, he shall be known as **KARNIK DAS** for all purposes.

**(Sidhartha Sankar Shyamapada Das)**

**AFFIDAVIT**

I, Azharuddin Nasiruddin Shaikh, S/o- Late Nasiruddin Shaikh, Resident of At- Pijuruddin Lane, Po-Sunhat, Phandi Chhak, Goni Pada, Balubazar, P.S.-Town, Dist.: Balasore-756002, Odisha, declare by this Affidavit No. 4903, dated 30/06/2026, that from now onwards I shall be known as **Azharuddin Shaikh** for all future purposes.

**AFFIDAVIT**

I, BALA DAS, W/O - HARI GOPAL DAS resident of At - Ambaguda B.J - II, PO - Rondapalli, PS - Jeypore Sadar, Dist - Koraput - 764055, Odisha declare by this Affidavit No. 3114, Dated - 17/07/2026, that now onwards I shall be known as **BELI DAS** for all future purposes.

**AFFIDAVIT**

I, SUTAPALI GOUTAMI, W/O Sutapali Balaji resident of At - Dasarathi Street, Bell Road, PO/PS -Jeypore, Dist - Koraput - 764001, Odisha declare by this Affidavit No. 945, Dated -17/07/2026, that now onwards I shall be known as **S GOUTHAMI** for all future purposes.

# ବର୍ଷା କମ୍ ହେତୁ ଜଳସେଚନ ଉପରେ ଗୁରୁତ୍ୱ ଦେବାକୁ ଦାବି

ବାରିପଦା, ୧୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ବର୍ଷା ହୋଇନାହିଁ। କମ୍ ବର୍ଷା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତେଣୁ ଜଳସେଚନକୁ ଗୁରୁତ୍ୱ ଦିଆଯିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଖରିଫ ଚାଷ ବର୍ଷକର ଆହାର ଯୋଗାଇଥାଏ। ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଖରିଫ ଋତୁ ପାଇଁ ମୋଟ ୪,୦୬,୬୨୦ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୧,୬୬, ୧୨୩ ହେକ୍ଟର ଉଚ୍ଚକିସମ, ୧,୧୯, ୩୩୩ ହେକ୍ଟର ମଧ୍ୟମ କିସମ ଓ ୧, ୨୧, ୧୬୪ ହେକ୍ଟର ତଳିଆ କିସମ ଚାଷ ଜମି ରହିଛି। ଏଥିମଧ୍ୟରୁ ୬୫ ପ୍ରତିଶତ ଅର୍ଥାତ ୨, ୬୫, ୫୨୬ ହେକ୍ଟର ଜମି ଜଳସେଚିତ ଜମି ରହିଛି। ଏଥିରେ୨,୯୨,୮୬୦ ହେକ୍ଟର ଧାନ ଓ ୧,୧୩,୭୬୦ ହେକ୍ଟର ଅନ୍ୟାନ୍ୟ ଫସଲ ଅନ୍ତର୍ଭୁକ୍ତ। ଜଳସେଚନ ସୁବିଧା ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ମୋଟ ୨,୬୫,୫୨୬ ହେକ୍ଟର ଆୟକଟ ସୃଷ୍ଟି ହେବାର ଲକ୍ଷ୍ୟ ରହିଛି। ଯାହା ଗତବର୍ଷର ୨,୬୦,୭୬୮ ହେକ୍ଟର ତୁଳନାରେ ପ୍ରାୟ୪,୭୫୮ ହେକ୍ଟରଅଧିକ। ଜିଲ୍ଲାରେ ଏ ପର୍ଯ୍ୟନ୍ତ ବର୍ଷା ପରିସ୍ଥିତି ମିଶ୍ରିତ ରହିଛି। ଜାନୁଆରୀରେ ସାଧାରଣ ବର୍ଷା ୧୩. ୯ ମିମି ଥିବାବେଳେ ଏଥର ଆଦୌ ବର୍ଷା ହୋଇନାହିଁ। ଫେବୃଆରୀରେ ମଧ୍ୟ ୬୫ ପ୍ରତିଶତ କମ୍ ବର୍ଷା ହୋଇଛି। ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଯଥାକ୍ରମେ ୨୨୭ ପ୍ରତିଶତ ଓ ୭ ୯ ପ୍ରତିଶତ ଅଧିକ ବର୍ଷା ହୋଇଥିଲେ ମଧ୍ୟ ଜୁନ୍ ଓ ଜୁଲାଇ



(ଆଜି ପର୍ଯ୍ୟନ୍ତ) ରେ ଯଥାକ୍ରମେ ୩୬ ପ୍ରତିଶତ ଓ ୪୨ ପ୍ରତିଶତ କମ ବର୍ଷା ଦେଖାଦେଇଛି। ଜୁଲାଇ ପର୍ଯ୍ୟନ୍ତ ସାଧାରଣ ବର୍ଷା ୩୦୨.୬ ମିମି ଥିବାବେଳେ ହେବାକୁ ଥିବା ବର୍ଷା ମାତ୍ର ୧୭୬.୦୯ ମିମି ହୋଇଛି। ଏହି କମ୍ ବୃଷ୍ଟିପାତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସେଚନ ବ୍ୟବସ୍ଥାକୁ ମଜବୁତ କରିବାକୁ ଚାଷୀ ଦାବି କରିଛନ୍ତି। ବର୍ଷା ଅଭାବ ପାଇଁ ଜଳଭଣ୍ଡାର ଓ ଜଳାଶୟରେ ପର୍ଯ୍ୟାପ୍ତ ପାଣି ନାହିଁ । ଫଳରେ ଅଧିକାଂଶ କେନାଲ ଶୁଖିଲା ପଡିଛି। ଏଭଳି ସ୍ଥିତିରେ ମୁଖ୍ୟ ଜଳସେଚନ ପ୍ରକଳ୍ପ ସୁବର୍ଣ୍ଣରେଖା ମାଧ୍ୟମରେ ୬୫,୦୬୧ ହେକ୍ଟର, ମଧ୍ୟମ ପ୍ରକଳ୍ପଗୁଡ଼ିକ (କାଳ, ସୁନେଇ, ବାଲିଡିହା, ବାଙ୍କବଳ, ନେସା, ଖଡଖାଇ ଓ ଦେଓ ଆଦି) ମାଧ୍ୟମରେ ପ୍ରାୟ ୪୦,୬୫୦ ହେକ୍ଟର, କ୍ଷୁଦ୍ର ପ୍ରକଳ୍ପ ମାଧ୍ୟମରେ ୪୧,୪୧୬ ହେକ୍ଟର

## ଚିନ୍ତାରେ ଖରିଫ ଚାଷୀ

ଜମିରେ ପ୍ରଶାସନ ପକ୍ଷରୁ ଚାଷ ଲକ୍ଷ୍ୟ ରହିଛି। ମେଗା ଲିଫ୍ଟ, ବୋରୱେଲ୍, ଟ୍ୟୁବୱେଲ୍ ଓ ଅନ୍ୟାନ୍ୟ ଉତ୍ସକୁ ମିଶାଇ ସମୁଦାୟ ଲକ୍ଷ୍ୟ ୨,୬୫,୫୨୬ ହେକ୍ଟର ହେବାର ପ୍ରଶାସନ ଆଶା ରଖିଛି। ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ଚାଷୀଙ୍କୁ ସମୟମତେ ଜଳଯୋଗାଣ ପାଇଁ ସମସ୍ତ ପ୍ରକଳ୍ପ ସଚଳ ରଖିବା ସହ ବିକଳ୍ପ ବ୍ୟବସ୍ଥା କରିବାକୁ ଚାଷୀ ପୁରୁଷୋତ୍ତମ ପଣ୍ଡା କହିଛନ୍ତି। ଏହା ଦ୍ୱାରା ଧାନ ସମେତ ଅନ୍ୟ ଫସଲର ଉତ୍ପାଦନ ଲକ୍ଷ୍ୟ ପୂରଣ ହେବ ବୋଲି ଆଶା କରାଯାଉଛି। ଚାଷୀମାନେ ମଧ୍ୟ ଜଳ ସଞ୍ଚୟ ଓ ସଠିକ୍ ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ନିଟ୍‌ରେ ଚିଲିଦାର ଆକାଶ ସବ୍ୟସାଚୀ ମହାନ୍ତଙ୍କ ସଫଳତା

ତୁରୁମୁଙ୍ଗା, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ପଞ୍ଚାୟତ ଚିଲିଦା ଗ୍ରାମର ଆକାଶ ସବ୍ୟସାଚୀ ମହାନ୍ତ ନିଟ ଡାକ୍ତରୀ ପ୍ରବେଶିକା ପରୀକ୍ଷା ୨୦୨୬ରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ସୁନାମ ବଢ଼ାଇଛନ୍ତି। ଚିଲିଦା ଗ୍ରାମର ସଞ୍ଜୟ କୁମାର ମହାନ୍ତ ଓ ଅଞ୍ଜଳି ମହାନ୍ତଙ୍କ ପୁଅ



ହେଉଛନ୍ତି ଆକାଶ। ବାପା ସଞ୍ଜୟ କୁମାର ମହାନ୍ତ ବଡ଼ବିଲ କଲେଜରେ ଇଂରାଜୀ ଅଧ୍ୟାପକ ଥିବା ବେଳେ ମା' ଗୃହିଣୀ। ଆକାଶ ୩୮୫୫ ରାଙ୍କରେ ରହିଥିବା ବେଳେ ଜିନ୍ଦଲ ସ୍କୁଲ ବଡ଼ବିଲରେ ହାଇସ୍କୁଲ ପାଠ ସାରି ପରେ ଯାଜପୁର ରୋଡ଼ ପ୍ରୟାସ ସ୍କୁଲରେ ପଢିବା ସହ କୋଚିଂ ନେଉଥିଲେ। ପୂର୍ବରୁ ସେ ୨ ଥର ନିଟ ପରୀକ୍ଷା ଦେଇଥିବା ବେଳେ ଏହା ତୃତୀୟ ଥର ପାଇଁ ଦେଇଥିଲେ। ଆଗକୁ ଡାକ୍ତରୀ ପାଠ ସାରିଲେ ଅଞ୍ଚଳ ଓ ଜିଲ୍ଲାବାସୀଙ୍କ ପାଇଁ ନିସ୍ୱାର୍ଥପର ଭାବରେ ସେବା କରିବେ ବୋଲି କହିଛନ୍ତି।

## ନିଟ୍ ପରୀକ୍ଷାରେ ସଂସ୍କାର ପଟ୍ଟନାୟକଙ୍କ ସଫଳତା

ରାଇରଙ୍ଗପୁର,୧୮।୭(ସମିସ): ରାଇରଙ୍ଗପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ଇଚିଣ୍ଡା ଗ୍ରାମର କବି, ଶିକ୍ଷାବିତ୍, ସାମ୍ବାଦିକ, ସମାଜସେବୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବର୍ତ୍ତମାନର ଜିଲ୍ଲା ଶିଶୁ ସୁରକ୍ଷା ସମିତି ସଦସ୍ୟ ସୁରଥ ପଟ୍ଟନାୟକ, ସମାଜସେବୀ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଭାଇ, ଅନନ୍ତ ପଟ୍ଟନାୟକ ଓ ତାରିଣୀ ପଟ୍ଟନାୟକଙ୍କ ପୁଅ ସଂସ୍କାର ପଟ୍ଟନାୟକ ଚଳିତ ବର୍ଷର ସର୍ବଭାରତୀୟ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୭୨୦ରୁ ୫୭୭ ନମ୍ବର ରଖି ସଫଳ ହୋଇଛନ୍ତି। ସଂସ୍କାରଙ୍କ ସର୍ବଭାରତୀୟ ର୍‍ୟାଙ୍କ ୧୯୭୧୯ ଓ କ୍ୟାଟେଗାରୀ ର୍‍ୟାଙ୍କ ୭୪୮୩ ରହିଛି। ସେ ଯୋଡ଼ାସ୍ଥ ଟାଟା ଡିଏଭି ପବ୍ଲିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗରେ



ସର୍ବାଧିକ ୯୫. ୪୦ ପ୍ରତିଶତ ନମ୍ବର ରଖି କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାରିଣୀ ପଟ୍ଟନାୟକ୧୯୮୫ରୁ୧୯୯୦ପର୍ଯ୍ୟନ୍ତ ସମ୍ବାଦପତ୍ର ହକର ଭାବେ ରାଇରଙ୍ଗପୁରରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଟେଣ୍ଟ ହାଉସ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ। ବର୍ତ୍ତମାନ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ାଠାରେ ଟେଣ୍ଟ ହାଉସ ବ୍ୟବସାୟୀ କରୁଛନ୍ତି। ସଂସ୍କାରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍; ଜରିମାନା

● ପୀଡ଼ିତାଙ୍କୁ ୮ ଲକ୍ଷ ଅନୁକମ୍ପା ସହାୟତା ରାଶି

କେନ୍ଦୁଝର, ୧୮।୭(ସମିସ): ଜଣେ ଦୁଷ୍କର୍ମ ମାମଲାର ଶନିବାର ରାୟ ପ୍ରକାଶ ହୋଇଛି। ଅଭିଯୁକ୍ତକୁ ଫାଷ୍ଟ ଟ୍ରାକ କୋର୍ଟ ୨୦ ବର୍ଷ ଜେଲ ଦଣ୍ଡଦେଶ ଦେଇଛନ୍ତି। ସୂଚନା ଅନୁସାରେ, କେନ୍ଦୁଝର ଟାଉନ ଥାନାଞ୍ଚଳର ଜଣେ ୧୭ ବର୍ଷର ଝିଅକୁ ସ୍ଥାନୀୟ ମଣ୍ଟୁ ରାଉଳ ଭଲ ପାଉଥିଲା। ବିବାହର ପ୍ରତିଶ୍ରୁତି ଦେଇ ଅନେକଥର ଶାରିରୀକ ସଂପର୍କ ରଖିଥିଲା। ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏ ସଂପର୍କରେ ପୀଡ଼ିତା ଜଣାଇବାରୁ ଅଭିଯୁକ୍ତ ବିବାହ କରିବାକୁ ମନା କରିବା ସହିତ ଗର୍ଭ ନଷ୍ଟ କରିବା ପାଇଁ ମେଡିସିନ କିଣି ଆଣି ବାଧକରି ଖୁଆଇ ଦେଇ ତା'ର ଗର୍ଭପାତ କରାଇଥିଲା। ଏହାପରେ ମଧ୍ୟ ଅନେକ ଥର ପୀଡିତାର ଇଚ୍ଛା ବିରୁଦ୍ଧରେ ତା' ସହ ଶାରୀରିକ ସଂପର୍କ ରଖିଥିଲା। ପୀଡ଼ିତା ଏନେଇ ଟାଉନ ଥାନାରେ ଅଭିଯୋଗ କଲା ପରେ ପୁଲିସ ମାମଲା ରୁଜୁ କରି ଡିଏସ୍‌ପି ମହେନ୍ଦ୍ରନାଥ ମୁର୍ମୁ ତଦନ୍ତ ଭାର ଗ୍ରହଣ କରିଥିଲେ। ଏସ୍ଆଇ ହେରୋଫିନା ହାଁସଦା ପୀଡିତାର ଜମାନବନ୍ଦୀ ଗ୍ରହଣ କରିଥିଲେ। ଚାର୍ଜସିଟ୍ ଦାଖଲ ସହ ମାମଲାର ବିଚାର ଚାଲିଥିଲା। ସମୁଦାୟ ୧୫ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଏବଂ ସାକ୍ଷ ପ୍ରମାଣକୁ ଅନୁଧାନ କରି କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତ ମଣ୍ଟୁ ରାଉଳ ଓରଫ ଶଙ୍କର୍ଷଣକୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ, ୨୦ ହଜାର ଟଙ୍କାର ଜରିମାନା; ଅନାଦେୟଅଧିକ ଏକ ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଗର୍ଭନଷ୍ଟ ପାଇଁ ୩୧୩ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ୬ ମାସ ଜେଲ ଆଦେଶ ହୋଇଛି। ଏଥିସହିତ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୮ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶ ହୋଇଛି। ଫାଷ୍ଟ ଟ୍ରାକ କୋର୍ଟର ସ୍ପେସାଲ ପିପି ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ।

## ଶୋଇବା ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

■ ଅନ୍‌ଲାଇନ ଗେମ୍ ଖେଳି ଟଙ୍କା ହରାଇଥିଲେ ଯୁବକ

ତୁରୁମୁଙ୍ଗା, ୧୮।୭(ସମିସ): ପୁଣି ଅନଲାଇନ ଗେମ ନେଲା ଜଣେ ଯୁବକଙ୍କ ଜୀବନ। ଅନଲାଇନ ଗେମ ଖେଳି ୭୦ ହଜାର ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଶୋଇବା ଘରେ ମା'ଙ୍କ ପିନ୍ଧା ଲୁଗାକୁ ବେକରେ ଲଗାଇ ଝୁଡ଼ି ପଡ଼ିଥିଲେ। ମୃତକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ବୁଢ଼ୀକାପୁଡି ପଞ୍ଚାୟତ ତେନ୍ତଲା ଗ୍ରାମର ଈଶ୍ୱର ମହାନ୍ତଙ୍କ ପୁଅ ଜ୍ଞାନରଞ୍ଜନ (୧୯)। ସେ ଜଣେ ବିଟେକ୍ ଛାତ୍ର ଥିବା ଜଣାପଡ଼ିଛି।



ସୂଚନା ଅନୁସାରେ, ପରିବାର ଲୋକେ ବିଲକୁ କାମ କରିବା ପାଇଁ ଯାଇଥିବା ସମୟରେ ସେ ଘର ଭିତରେ ଝୁଲି ପଡିଥିଲେ। ଘର ଲୋକେ ସନ୍ଧ୍ୟାରେ ଆସି ମୃତଦେହ ଝୁଲୁଥିବା ଦେଖି ଉଦ୍ଧାର କରି ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶନିବାର ତୁରୁମୁଙ୍ଗା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଏସଆଇ କିଶୋରଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

## ବିଲକୁ ଓଲଟିଲା ତେଲ ଟ୍ୟାଙ୍କର

ତୁରୁମୁଙ୍ଗା, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୁଳି ଉଖୁଣ୍ଡା ରାସ୍ତାର ଭଅଁରପୁର ବୁଲାଣି ନିକଟରେ ଶନିବାର ଅପରାହ୍ନରେ ଏକ ତେଲ ଟ୍ୟାଙ୍କର ଗାଡି ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲ ଭିତରକୁ ପଶି ଯାଇ ଓଲଟିପଡିଛି। ଟ୍ୟାଙ୍କରଟି ତେଲ ଖାଲି କରି ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଗାଡିର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ କରୁଛି।

## ଛେଳି ବେପାରୀଙ୍କଠୁ ୩୫ ହଜାର ଟଙ୍କା ଲୁଟ୍

ବୈଶିଙ୍ଗା,୧୮।୭(ସମିସ): ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଗ୍ରାମର ସେକ ସେଲିମୁଦ୍ଦିନ ଶନିବାର ଛେଳି କିଣିବାକୁ ଜାନକୀଦେଇପୁର ଗ୍ରାମର ମଧୁସୂଦନ ଗିରି ଓ ପୀତାମ୍ବର ଖଟୁଆଙ୍କ ସହିତ ଗାଁ ଭିତରକୁ ଯାଇ ଫେରୁଥିବାବେଳେ ମାର୍ଗଣ୍ଡପୁର କେନାଲ ରାସ୍ତାରେ ଇଟାଭାଟି ପୋଲ ନିକଟରେ ପୂର୍ବରୁ ଲୁଚି ରହିଥିବା ସ୍ଥାନୀୟ ଅଞ୍ଚଳର ୩ ଦୁର୍ବୃତ୍ତ ଗୁଲା ଦେହୁରୀ, ରବି ଦେହୁରୀ ଓ ମଳୟ ପାତ୍ର ମିଶି ଅଟକାଇ ଥିଲେ। ପରେ ଖଣ୍ଡା ଓ ଭୁଜାଲି ଦେଖାଇ ଆକ୍ରମଣ କରିବା ସହିତ ତାଙ୍କ ନିକଟରେ ଥିବା ୩୫ ହଜାର ଟଙ୍କା ଲୁଟିନେଇଥିଲେ। ଏଥିରେ ବାଧା ଦେବାରୁ ସେମାନେ ମଧୁସୂଦନ ଓ ପୀତାମ୍ବରଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏମିତିକି ପୀତାମ୍ବରଙ୍କୁ ପୋଲ ତଳକୁ ଠେଲି ଦେଇଥିଲେ। ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସା ପରେ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଘର ଆଗରୁ କାର୍ ଚୋରି ଉଦ୍ୟମ ଫଣ୍ଡ

ବିଶୋଇ,୧୮।୭ (ସମିସ): ଘର ଅଗଣାରୁ କିଛି ଦୁର୍ବୃତ୍ତ କାର୍ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଚୋରି କରିବା ସମୟରେ ଘର ଲୋକ ଜାଣି ପାରିବାରୁ କାର୍ ଛାଡ଼ି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଧୀନ ବାଡୁଣିଆ ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଦେବାଶିଷ ବାନାର୍ଜୀ ତାଙ୍କ ହୁଣ୍ଡାଇ ଆଇ ୧୦ କାର୍ ଘର ଅଗଣାରେ ରଖିଥିବାବେଳେ ରାତି ପ୍ରାୟ ୩ଟା ସମୟରେ କିଛି ଦୁର୍ବୃତ୍ତ ଆସି ଘରର ମୁଖ୍ୟ ଫାଟକରେ ବାହାର ପଟୁ ତାଲା ପକାଇଥିଲେ। ପରେ ସେମାନେ କାର୍‌ର ଲକ୍ ଖୋଲିବା ସହିତ କାର୍‌କୁ ଠେଲି ଘର ଅଗଣାରୁ କିଛି ଦୂରତା ବାହାରକୁ ଆଣିଥିଲେ। ଏହି ସମୟରେ ଦେବାଶିଷ ବାନାର୍ଜୀଙ୍କ ପରିବାର ଲୋକ ଜାଣିପାରି ଘର ପଛପଟ କବାଟ ଖୋଲି ବାହାରକୁ ଆସିଥିଲେ। କାର ମାଲିକଙ୍କ ପରିବାର ଲୋକ ଆସିବା କଥା ଜାଣି ଦୁର୍ବୃତ୍ତମାନେ କାର୍ ଛାଡ଼ି



ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଉକ୍ତ ଘଟଣାକୁ ନେଇ ଆଜି କାର୍ ମାଲିକ ଶ୍ରୀ ବାନାର୍ଜୀ ବିଶୋଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଚଳିତ ମାସ ୧ ତାରିଖରେ କୁନ୍ଦୁଳିଆ ଗ୍ରାମର ୨ଟି ଦୋକାନରୁ ଚୋରି ହୋଇଥିବାବେଳେ ୧୦ ତାରିଖ ଦିନ ବିଶୋଇ ଅଞ୍ଚଳରେ ଦୁଇଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ବିଶୋଇ ଅଞ୍ଚଳରେ ଏଭଳି ବାରମ୍ବାର ଚୋରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବତାବରଣ ସୃଷ୍ଟି ହୋଇଥିବାବେଳେ ପୁଲିସ ନିରବଦ୍ରଷ୍ଟା ସାଜିଛି। ତେଣୁ ରାତିରେ ପୁଲିସ ଦ୍ୱାରା ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।



ପାଟଣା ବ୍ଲକ ରାଜନଗରରେ ଗଡ଼ିଲା ରଥ

## ଶ୍ରୀଜଗନ୍ନାଥ ଚେତନା କାର୍ଯ୍ୟକ୍ରମ

ମୋରଡ଼ା,୧୮।୭(ସମିସ): ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡା ଜବାହର ସରକାରୀ ଉଚ୍ଚବିଦ୍ୟାଳୟରେ ଶନିବାର ଶ୍ରୀଜଗନ୍ନାଥ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଳଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ



ଶିକ୍ଷକ ରାଧାମୋହନ ବେହେରା ପୌରୋହିତ୍ୟ କରିଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାରତୀ ମହାନ୍ତ, ଶିକ୍ଷକ ରାଜେଶ କୁମାର ସୁର ଅତିଥି ଭାବେ ଯୋଗ ଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ସହିତ ଜଗନ୍ନାଥଙ୍କ ଧ୍ୟାନ ମନ୍ତ୍ର ଉଚ୍ଚାରଣ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଓ ମହିମା ତଥା ଶ୍ରୀମନ୍ଦିର ପରିକ୍ରମା ଉପରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସର୍ବାଧିକ ଉତ୍ତର ଦେଇଥିବା ଛାତ୍ରୀ ସୁଭଦ୍ରା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଧକ୍କାରେ ଜଣେ ମୃତ; ରାସ୍ତା ଅବରୋଧ

ଆନନ୍ଦପୁର, ୧୮।୭(ସମିସ): ଶନିବାର ୨୦ ନମ୍ବର ଜାତୀୟ ରାଜପଥର ବୀରଗୋବିନ୍ଦପୁରରେ ଦ୍ରୁତ ଗତିରେ କେନ୍ଦୁଝରରୁ ଆନନ୍ଦପୁର ଅଭିମୁଖେ ଯାଉଥିବା କାର ଚଢିଯିବାରୁ ଚକୁଆ ସାହିର ରମେଶ ନାଇକ((୫୫) ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ସନ୍ଧ୍ୟା ସମୟରେ ମଜୁରି ଲାଗି ଫେରୁଥିବା ସମୟରେ ରାସ୍ତା ଉପରେ ଏକ ନାଲି କାର ଧକା ଦେଇ ପଳାଇଯିବା ପରେ ଏକ ଧଳା କାର ତାଙ୍କ ଉପରେ ଚଢାଇ ଦେଇଥିବା ଉପସ୍ଥିତ ବ୍ୟକ୍ତି ପ୍ରକାଶ କରିଛନ୍ତି। ଦୁଇଟି କାର ଫେରାର ହୋଇଯାଇଥିବା ବେଳେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଜନତା ରାସ୍ତା ଅବରାଧ କରିଛନ୍ତି। ଘଟଣାସ୍ଥଳରେ ଘସିପୁରା ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାଅବରୋଧ ପ୍ରତ୍ୟାହାର ହୋଇଥିଲା। ଗ୍ରାମର ସୁଶାନ୍ତ ନାଇକ ସପନ ନାଇକ ହେମନ୍ତ ନାଇକ ଅଜୟ ନାୟକ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ସହ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।

## ଟୋଲ୍ ଆଦାୟକୁ କେନ୍ଦ୍ର କରି ଟୋଲ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା, ୧୮। ୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ୍‌ରେ ଶୁକ୍ରବାର ମଧ୍ୟରାତ୍ରରେ ଟୋଲ ଆଦାୟକୁ କେନ୍ଦ୍ର କରି ଜଣେ ଟ୍ରକ ଚାଳକ ଓ ଟୋଲ କର୍ମଚାରୀଙ୍କ ମଧ୍ୟରେ ବଚସା ହେବା ପରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଟ୍ରକ୍ ଚାଳକ ଖଣ୍ଡାରେ ଟୋଲ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଟୋଲ୍ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ବୈଶିଙ୍ଗା ପୁଲିସ ଖବର ପାଇ ଟ୍ରକ୍ ଚାଳକ ଓ ତାଙ୍କ ପୁଅକୁ ଅଟକ ରଖିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପଦ୍ମନାଭପୁର ଟୋଲ୍ ଗେଟ୍‌ରେ ଟୋଲ୍ ଆଦାୟକୁ ନେଇ ଟ୍ରକ୍ ଚାଳକ ଓ ଟୋଲ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟ୍ରକ୍ ଚାଳକ ଏକ ଖଣ୍ଡାରେ ଟୋଲଗେଟରେ କାର୍ଯ୍ୟରତ କର୍ମଚାରୀ ବିବେକ ତିୱାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବିବେକଙ୍କ

### ଟ୍ରକ୍ ଚାଳକ ଓ ପୁଅ ଅଟକ

ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇ ଅନ୍ତବୁଜୁଳା ବାହାରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ଅଭିଯୁକ୍ତ ଟ୍ରକ୍ ନେଇ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରି ବେତନଟୀ ଢାବା ନିକଟରେ ସଂପୃକ୍ତ ଟ୍ରକକୁ ଜବତ କରିଥିଲା। ଏଥିସହିତ ଟ୍ରକ ଚାଳକ ଉତ୍ତରପ୍ରଦେଶର ଦିଲବାଗ ସିଂ (୬୧) ଓ ତାଙ୍କ ପୁଅ ମନଦୀପ ସିଂ (୨୧)ଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଦିଲବାଗ ସିଂ ଜଣେ ଅବସରପ୍ରାପ୍ତ ସିଆରପିଏଫ କର୍ମଚାରୀ ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣରେ ବ୍ୟବହୃତ ଅସ୍ତ୍ର ସମ୍ପର୍କରେ ଛାନଭିନ ଚାଲିଛି। ଘଟଣାକୁ ନେଇ ଟୋଲଗେଟ କର୍ମଚାରୀ ଓ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଖିଚିଂ ଗସ୍ତ

## ମୟୂରଭଞ୍ଜର ବିକାଶ ପାଇଁ ୫ ଦଫା ଦାବିପତ୍ର



କରଞ୍ଜିଆ, ୧୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦାବିରେ ଭାରତୀୟ ଜନତା ପାର୍ଟି (ବିଜେପି) ପଞ୍ଚପୀଢ ପଶ୍ଚିମ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଖିଚିଂସ୍ଥ ମା' କିଚକେଶ୍ୱରୀ ମନ୍ଦିର ଗସ୍ତ ଅବସରରେ ଜିଲ୍ଲା ବିଜେପି ଉପସଭାପତି ଆଶିଷ କୁମାର ମହାନ୍ତଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଐତିହ୍ୟ, ପର୍ଯ୍ୟଟନ, ଖଣିଜ ସମ୍ପଦ ଓ କୃଷି କ୍ଷେତ୍ରରେ ସମୃଦ୍ଧ ହୋଇଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ ଶିଳ୍ପାୟନ କ୍ଷେତ୍ରରେ ଏବେବି ପଛରେ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦଳ ଅନୁରୋଧ କରିଛି। ମୟୂରଭଞ୍ଜରେ ରେଳ, ସଡ଼କ ଓ ଯୋଗାଯୋଗ ଭିତ୍ତିଭୂମିର ବିକାଶ, ଶିଳ୍ପାୟନ ଓ ଯୁବକ/ଯୁବତୀଙ୍କ ପାଇଁ ରୋଜଗାର ସୃଷ୍ଟି, ଶିମିଳିପାଳ ସମେତ ପର୍ଯ୍ୟଟନ ସ୍ଥଳର ବିକାଶ ଓ ପ୍ରଚାର, କୃଷି, ଜଳସେଚନ ବ୍ୟବସ୍ଥାର ଉନ୍ନତି ସହ ଗ୍ରାମାଞ୍ଚଳର ମୌଳିକ ସୁବିଧା ବୃଦ୍ଧି ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀଙ୍କୁ ଅଧିକ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଦାବିପତ୍ରରେ ବିଜେପି ପଞ୍ଚପୀଢ ପଶ୍ଚିମ ସାଙ୍ଗଠନିକ ଜିଲ୍ଲାର ବିଭିନ୍ନ ମଣ୍ଡଳର ସଭାପତି ଓ ପଦାଧିକାରୀ ସ୍ୱାକ୍ଷର କରି ସମର୍ଥନ ଜଣାଇଥିଲେ।

## ପୋଲକୁ ପିଟି ବୁଲେଟ୍ ଚାଳକ ମୃତ

ତୁରୁମୁଙ୍ଗା, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା କେନ୍ଦେଇପଶି ରାଜନଗର ରାସ୍ତାର ଜମ୍ବେଇ ନାଳ ପୋଲ ସୁରକ୍ଷା ବାଡ଼ରେ ଶୁକ୍ରବାର ରାତି ବୁଲେଟ ଧକ୍କା ଦେଇ ପୋଲ ତଳକୁ ଖସି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡେଣୁଆ ଗ୍ରାମର ଡମ୍ବରୁଧର ମହାନ୍ତଙ୍କ ପୁଅ ସୌମ୍ୟରଞ୍ଜନ (୨୯)। ଶନିବାର ସକାଳୁ ଲୋକେ ପୋଲ ତଳେ ପଡିଥିବା ଦେଖି ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜ ରେଫର କରାଯାଇଥିଲା। ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

■ ସନ୍ତରା ପଞ୍ଚାୟତ ୧୦ନଂ ୱାର୍ଡ ରାସ୍ତାରେ ପାଣି

## ରାସ୍ତାରୋକ ପରେ ଚେତିଲା ପ୍ରଶାସନ

ବୈଶିଙ୍ଗା, ୧୮।୭(ସମିସ): ବୈଶିଙ୍ଗା ଥାନା ଅଧୀନ ସନ୍ତରା ଗ୍ରାମର ୧୦ନଂ ୱାର୍ଡବାସୀ ପ୍ରତିବର୍ଷ ଲଗାଣ ବର୍ଷା ସମୟରେ ଜଳବନ୍ଦୀ ଜୀବନ ବିତାଉଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ବର୍ଷାଜଳ ନିଷ୍କାସନ ନେଇ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉ ନ ଥିବାରୁ ଶନିବାର ସକାଳ ୭ଟାରେ ଜରକା ଛକ-ମେର୍ଦା ରାସ୍ତା ଡାକ ଅଫିସ ଛକ ନିକଟରେ ରାସ୍ତାରୋକ କରି ଆନ୍ଦୋଳନ କରିଥିଲେ। ଖବର ପାଇ



ବୈଶିଙ୍ଗା ଥାନା ଆଇଆଇସି ବାରିଣୀ ଦାସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ତେବେ ସ୍ଥାୟୀ ସମାଧାନ ଜିଦ୍‌ରେ ଅଟଳ ଗ୍ରାମବାସୀଙ୍କ ସହିତ ଆଲୋଚନା ପାଇଁ ଶେଷରେ ବିଡିଓ ମୁନା ସେଠୀ ପହଞ୍ଚି ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ।

# ପଞ୍ଚପୀଢ଼ ଉପଖଣ୍ଡକୁ ପୃଥକ ଜିଲ୍ଲା ମାନ୍ୟତା ଦାବି

କରଞ୍ଜିଆ, ୧୮।୭(ସମିସ)

ପଞ୍ଚପୀଢ ଉପଖଣ୍ଡକୁ ପୃଥକ ଜିଲ୍ଲା ମାନ୍ୟତା ପ୍ରଦାନ କରିବା ଦାବି ପୁଣିଥରେ ଜୋର ଧରିଛି। ଏ ପରିପ୍ରେକ୍ଷୀରେ ପଞ୍ଚପୀଢ ଅଞ୍ଚଳର ବିଶିଷ୍ଟ ନାଗରିକ ଓ ପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚନ୍ଦ୍ରମୋହନ ପାତ୍ରଙ୍କ ନେତୃତ୍ୱରେ କରଞ୍ଜିଆ ପ୍ରେସ କ୍ଲବର ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଆଇନଜୀବୀ ଦିବ୍ୟପ୍ରସାଦ ସାହୁ ଓ ଯୁବ ସାମ୍ବାଦିକ ଜିତେନ୍ଦ୍ର ରାଜ ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମଧ୍ୟ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ ଜିଲ୍ଲା ହୋଇଥିବାରୁ ପ୍ରଶାସନିକ କାର୍ଯ୍ୟ ପରିଚାଳନାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନିକ ବିକେନ୍ଦ୍ରୀକରଣ, ବିକାଶକୁ ତ୍ୱରାନ୍ୱିତ କରିବା, ସାଧାରଣ ଲୋକଙ୍କ ନିକଟରେ ସରକାରୀ ସେବା ସହଜରେ ପହଞ୍ଚାଇବା ପାଇଁ ପଞ୍ଚପୀଢ ଉପଖଣ୍ଡକୁ ପୃଥକ ଜିଲ୍ଲା ଭାବେ ଘୋଷଣା କରିବାକୁ ଦାବି କରାଯାଇଛି। ବାରିପଦା ଜିଲ୍ଲା ମୁଖ୍ୟାଳୟ ପଞ୍ଚପୀଢ ଅଞ୍ଚଳରୁ ପ୍ରାୟ ୧୨୦ କିଲୋମିଟର ଦୂରରେ ଥିବାରୁ ସାଧାରଣ ଲୋକଙ୍କୁ ପ୍ରଶାସନିକ, ଆଇନଗତ ଓ ଅନ୍ୟାନ୍ୟ ସରକାରୀ ସେବା ପାଇବା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଛି। ପଞ୍ଚପୀଢ ଉପଖଣ୍ଡ ଅଧୀନରେ କରଞ୍ଜିଆ, ଯଶୀପୁର, ଠାକୁରମୁଣ୍ଡା, ରରୁଆଁ ଓ ସୁକ୍ରୁଳି ବ୍ଲକରେ ପ୍ରାୟ ୪.୫ ଲକ୍ଷ ଲୋକ ବସବାସ କରୁଥିବାବେଳେ ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ଯୋଗାଯୋଗ ଓ ଶିଳ୍ପ ବିକାଶ କ୍ଷେତ୍ରରେ ଏହି ଅଞ୍ଚଳ ପଛୁଆ ଅବସ୍ଥାରେ ରହିଥିବା କଥା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର, ସିଟି ସ୍କାନ, ଏମଆରଆଇ ଓ ଆଇସିୟୁ ଭଳି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାର ଅଭାବ, ରେଳ ସଂଯୋଗ ନ ଥିବା ପ୍ରସଙ୍ଗ ମଧ୍ୟ ଉଠାଯାଇଛି।



ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନୂତନ ଜିଲ୍ଲା ଗଠନ ଦାବିରେ ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ ହୋଇଥିବାବେଳେ ସରକାର ସେଗୁଡ଼ିକୁ ବିଚାରାଧୀନ ରଖିଛନ୍ତି। ପଞ୍ଚପୀଢ ଉପଖଣ୍ଡକୁ ପୃଥକ ଜିଲ୍ଲା ଘୋଷଣା କରିବା ଦାବି ମଧ୍ୟ ସେହି ପରିପ୍ରେକ୍ଷୀରେ ପୁଣିଥରେ ଗୁରୁତ୍ୱ ପାଇଛି।

### ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ବୈଠକ

# ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା, ଆନ୍ଦୋଳନ ନିଷ୍ପତ୍ତି




ବାରିପଦା, ୧୮।୭(ସମିସ): ମୁର୍ଗାବାଡିସ୍ଥ ଓଷ୍ଟାର ଜିଲ୍ଲା କାର୍ଯ୍ୟାଳୟଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଓଷ୍ଟାର ସମ୍ପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ଚାକିରି କଲେ ମଧ୍ୟ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଓ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ପେନସନ ପ୍ରଦାନ, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଚାକିରିରେ ୬ ବର୍ଷ ଯୋଗ କରିବା, ଚାକିରି କାଳକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସରକାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ କରୁ ନ ଥିବାରୁ ଅନେକ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହେଲାଣି। ଫଳରେ ଛାତ୍ରଛାତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ପ୍ରକାର ବିଦ୍ୟାଳୟରେ ତୁରନ୍ତ ଖାଲି ସ୍ଥାନ ପୂରଣ କରିବାରେ ସରକାର କର୍ଣ୍ଣପାତ କରୁ ନ ଥିବାରୁ ରାଜ୍ୟ ସଂଗଠନର ଆହ୍ୱାନକ୍ରମେ ଭବିଷ୍ୟତରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି ବୈଠକରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, ଆଲୋଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ଜେନା, ଆଲୋଷ୍ଟାର ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ସମ୍ପାଦକ ହେମାଙ୍ଗିନି ଦାସ ଅଧିକାରୀ, କଲେଜ ସଙ୍ଗଠନ ପକ୍ଷରୁ ହେମନ୍ତ କୁମାର ବାରିକ, ସଂସ୍କୃତ ଟୋଲର ଜିଲ୍ଲା ସମ୍ପାଦକ ରାଧାଶ୍ୟାମ ମହାନ୍ତି, ଜିଲ୍ଲା ଓଷ୍ଟାର ଉପଦେଷ୍ଟା ଭାରତ ଚନ୍ଦ୍ର ବରାଳ, ସନ୍ତୋଷ କୁମାର କାସ୍ତ ସରକାର ଶିକ୍ଷକ ଓ ଶିକ୍ଷା ଅନୁଷ୍ଠାନ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଓଷ୍ଟା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜିତାରାଣୀ ଦାସ, ଜିଲ୍ଲା ସହସମ୍ପାଦକ ବିକାଶ ପଣ୍ଡା, ପ୍ରଭାସ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ଗିରି, ବିଶ୍ୱଜିତ ବିଶ୍ୱାଳ, ସମୀର କୁମାର ମାଇତି, ସମସ୍ତ ବ୍ଲକ ସଭାପତି, ବ୍ଲକ ସମ୍ପାଦକ, ବିଭିନ୍ନ ସଂଗଠନର ନେତା, ବିଭିନ୍ନ ବିଦ୍ୟାଳୟ ଓ କଲେଜର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି ସଭାରେ ଉପସ୍ଥିତ ରହି ଆଗାମୀ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମତ ପ୍ରକାଶ କରିଥିଲେ। ସର୍ବଶେଷରେ ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଠାକୁରମୁଣ୍ଡା କାର୍ଯ୍ୟାଳୟରେ ଦକ୍ଷତା ବିକାଶ ତାଲିମ ଶିବିର




ମହୁଲଡିହା, ୧୮।୭(ସମିସ): ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ଗଠିତ ପାଞ୍ଚପୀଢ଼ ବହୁମୁଖୀ ଉତ୍ପାଦ କମ୍ପାନୀ ନିମିତ୍ତ ଅଂଶୀଦାର ସାମିଲ ପାଇଁ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ ସୁରକ୍ଷା ସମିତି ସଦସ୍ୟ ସମ୍ପାଦକ, ସଭାପତି ଓ ଆନିମେଟର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କରଞ୍ଜିଆ ଡିଏଫଓ ଅଜୟ କୁମାର ସାହୁ ବନବାସୀଙ୍କ ରୋଜଗାର ବୃଦ୍ଧି ହେଲେ ଜଙ୍ଗଲ ଉପରେ ଚାପ ହ୍ରାସ ହେବ ବୋଲି କହିଥିଲେ। ସେଥିପାଇଁ ବହୁମୁଖୀ ଉତ୍ପାଦକ କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ଯୋଡି ଲାଭାଂଶ ପହଞ୍ଚାଇବାକୁ ପଡ଼ିବ। ଲୋକଙ୍କ ଉତ୍ପାଦନକୁ କମ୍ପାନୀ ଢଙ୍ଗରେ ପ୍ୟାକେଜିଂ, ଗୁଣବତ୍ତା, ମାନ ଏସବୁ ଦିଗକୁ ଧ୍ୟାନ ଦେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ପ୍ରଭାତ କୁମାର କୁଅଁର ଓ ଓଁକାର ଦାସ ଯୋଗଦେଇ କେଉଁଭଳି ଉତ୍ପାଦ ଚୟନ, ତା'ର ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ନିଶିକାନ୍ତ ଜେନା, ସରୋଜ ରଞ୍ଜନ ସାହୁ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସଂଯୋଜକ ସୁକାନ୍ତ କୁମାର ସାହୁ ପିପିଟି ମାଧ୍ୟମରେ ଉପସ୍ଥାପନା କରି ତାଲିମ ପ୍ରଦାନ କରିଥିଲେ। ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଶରତ କୁମାର ତ୍ରିପାଠୀ ଶିବିର ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋମୁହାଣୀ ପୀଠରେ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ



ଖୁଣ୍ଟ, ୧୮।୭(ସମିସ): ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଆଦିପୁର ହେଉଛି ଭଞ୍ଜ ରାଜବଂଶର ପ୍ରାଚୀନତମ ରାଜଧାନୀ। ଏହି ଐତିହ୍ୟ ସମ୍ପନ୍ନ ଭୂଖଣ୍ଡର ଅଦୂରରେ ପ୍ରବାହିତ ପୂଣ୍ୟତୋୟା ବୈତରଣୀ ଓ ଖଇର-ଭଣ୍ଡନ ନଦୀ ଦ୍ୱୟର ପବିତ୍ର ସଙ୍ଗମସ୍ଥଳ 'ଦୋମୁହାଣୀ ପୀଠ'ର ପବିତ୍ରତା, ଐତିହ୍ୟ ଓ ପରମ୍ପରା ବଜାୟ ରଖିବା ସହିତ ନଦୀ ମାତୃକାର ପାରିପାର୍ଶ୍ୱିକ ଉନ୍ନତିକରଣ ଓ ଏହି ଆଦିବାସୀ ଅଧ୍ୟୁଷିତ ଅନଗ୍ରସର ଅଞ୍ଚଳର ସାମୂହିକ ବିକାଶ ଲକ୍ଷ୍ୟ ନେଇ ସୀମାନ୍ତବର୍ତ୍ତୀ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବୁଦ୍ଧିଜୀବୀ, ସମାଜସେବୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବ ସମ୍ପ୍ରଦାୟଙ୍କୁ ନେଇ ଗଢି ଉଠିଛି ସରକାରଙ୍କ ଦ୍ୱାରା ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ 'ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ'। ଏହି ଅନୁଷ୍ଠାନର ନିଜସ୍ୱ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନ ଥିବାରୁ ଅଞ୍ଚଳବାସୀଙ୍କ ପରାମର୍ଶ କ୍ରମେ ପରିଷଦ ପକ୍ଷରୁ ନୂତନ ଗୃହ ନିର୍ମାଣ ନିମନ୍ତେ ଅଦ୍ୟ ପବିତ୍ର ଗୁଣ୍ଡିଚା ଯାତ୍ରା ଅବସରରେ ଯଥାବିଧି ଭୂମି ପୂଜନ ଓ ଶିଳା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ପରିଷଦ ପକ୍ଷରୁ ବୈତରଣୀ ତଟରେ ବିଭିନ୍ନ ପ୍ରକାର ବୃକ୍ଷ ଚାରା ରୋପଣ କରାଯାଇଥିଲା।

● ୩ ଲକ୍ଷ ୮୨ ହଜାର ବାକି

## ଅନ୍ଧାରରେ ବଡ଼ସାହି ବ୍ଲକ କାର୍ଯ୍ୟାଳୟ

ବଡ଼ସାହି, ୧୮।୭(ସମିସ): ବଡ଼ସାହି ବ୍ଲକ କାର୍ଯ୍ୟାଳୟରେ ବ୍ୟବହୃତ ବିଦ୍ୟୁତ୍‌ର ବକେୟା ବିଲ୍ ୩ ଲକ୍ଷ ୮୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପରିଶୋଧ ନ ହେବାରୁ ଟିପିଏନଓଡିଏଲ ପକ୍ଷରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଖବର ସାମ୍ନାକୁ ଆସିଛି। ଦିନ ୧୨ଟା ପାଖାପାଖି ସମୟରୁ ଏହି ସଂଯୋଗ କଟାଯାଇଛି। ଫଳରେ ବିଭିନ୍ନ ସମସ୍ୟା ଉପୁଜିବା ସହିତ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇପଡ଼ିଛି। ଏହା ଅଧିକାରୀଙ୍କ ଅବହେଳା ବୋଲି ପ୍ରଶ୍ନ ଉଠିଛି। ପ୍ରତି ମାସ ବିଲ ଆସୁଥିବାବେଳେ ଏହା ଏକ ଚରମ ଅବହେଳା ବୋଲି ବ୍ଲକରେ ଉପସ୍ଥିତ ଜନସାଧାରଣ କହିଛନ୍ତି। ଏପରିକି ଯନ୍ତ୍ରୀଙ୍କ ବିଲ୍ଡିଂ ଉପରେ ଲଗାଯାଇଥିବା ସୋଲାର ମଧ୍ୟ ଖରାପ ହୋଇ ପଡ଼ିଥିବାବେଳେ ତା'ର ମରାମତି କରା ନ ଯାଇ ଖୋଲି ରଖି ଦିଆଯାଇଥିବା ଜଣାଯାଇଛି। ସରକାର କା ମାଲ ଦରିଆ ମେ ଡାଲ ଭଳି ନୀତିରେ ବ୍ଲକ ଚାଲିଥିବା ଅଭିଯୋଗ ଉଠିଛି। ସରକାରୀ କାର୍ଯ୍ୟାଳୟ ନିଜ ବକେୟା ବିଲ୍ ସଠିକ୍ ସମୟରେ ପରିଶୋଧ କରିପାରୁ ନ ଥିବାରୁ ସାଧାରଣ ଲୋକ ବିଭିନ୍ନ କାମ ପାଇଁ ବ୍ଲକ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଇଛି। ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ଘଟଣାର ସ୍ପଷ୍ଟୀକରଣ ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ବନଜା ଦାସଙ୍କୁ ପଚାରିବାରୁ ଅନୁଦାନ ନ ଥିବାରୁ ପେମେଣ୍ଟ ହୋଇପାରି ନ ଥିଲା। ଆସନ୍ତାକାଲି ସଂଯୋଗ ହୋଇଯିବ ବୋଲି କହିଛନ୍ତି।

## ୧୪ ଗ୍ୟାସ ଟାଙ୍କି ଜବତ, ୪ ଗିରଫ



ଉଦଳା, ୧୮।୭(ସମିସ): ଘରୁ ଓ ଦୋକାନରୁ ଚୋରି ହୋଇଥିବା ରନ୍ଧନ ଗ୍ୟାସ ଟାଙ୍କି ଜବତ ହୋଇଥିବାବେଳେ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରାଯାଇଛି। ଆଜି ଉଦଳା ଥାନା ପୁଲିସ ଚଢ଼ଉ କରି ୧୪ଟି ଗ୍ୟାସ ଟାଙ୍କି ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଦୁଇଜଣ ନାବାଳକ ରହିଛନ୍ତି। ଉଦଳା ଅଞ୍ଚଳର ବହୁ ସ୍ଥାନରୁ ଗ୍ୟାସ ଟାଙ୍କି ଚୋରି ହେଉଥିବା ନେଇ ଅଭିଯୋଗ ହୋଇଥିବାବେଳେ ଏହାକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଦୁଇଜଣ ନାବାଳକଙ୍କୁ ଆଣି ଥାନାରେ ପଚରାଉଚରା କରିଥିଲା। ପଚରାଉଚରା ପରେ ଏହି ଦୁଇ ନାବାଳକ ବିଭିନ୍ନ ସ୍ଥାନରେ ଥିବା ଗ୍ୟାସ ଟାଙ୍କିର ଖବର ଦେବା ପରେ ଅନ୍ୟ ଜଣେ ଅଭିଯୁକ୍ତ ଚନ୍ଦ୍ରକାନ୍ତ ମୁଖୀ ମିଶି ଗ୍ୟାସ ଟାଙ୍କି ଚୋରି କରୁଥିଲେ। ଟାଙ୍କି ଚୋରି କରିବା ପରେ ତାହାକୁ ନେଇ ଜଗତ ଜୀବନ ସାହୁ ନିକଟରେ ୧୫ ଶହ ଟଙ୍କାରେ ବିକ୍ରି କରୁଥିଲେ। ଶେଷରେ ପୁଲିସ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିବା ସହିତ ୧୪ଟି ଗ୍ୟାସ ଟାଙ୍କି ଜବତ କରିଥିଲା।

## ପିଆରଏମ୍‌ରେ ଆହାର କେନ୍ଦ୍ର ଉଦ୍‌ଘାଟିତ



ବାରିପଦା, ୧୮।୭(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲ ନୂତନ କ୍ୟାମ୍ପସ ରଙ୍ଗାମାଟିଆରେ ଶୁକ୍ରବାର ନୂତନ ଆହାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜୁନ ୮ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପୂର୍ଣ୍ଣ ଭାବେ ସ୍ଥାନାନ୍ତର ପରେ ରଙ୍ଗାମାଟିଆରେ ରୋଗୀ ଓ ଆତ୍ମୀୟମାନେ ମଧ୍ୟାହ୍ନ ଓ ରାତ୍ରଭୋଜନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସାଧାରଣ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ବିଭାଗ ପକ୍ଷରୁ ତତ୍କାଳ ପଦକ୍ଷେପ ସ୍ୱରୂପ ନୂତନ ଆହାର କେନ୍ଦ୍ର କାର୍ଯ୍ୟକାରୀ କରାଯାଇଛି। ଜିଲ୍ଲା ଆହାର ସମିତି ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ଉଦଘାଟନ କରିବା ସହିତ ପ୍ରଥମ ଗ୍ରାହକ ଭାବେ ଭୋଜନ କରିଥିଲେ। ତତସହିତ ନୂତନ କ୍ୟାମ୍ପସ ବୁଲି ଅଭାବ ଅସୁବିଧା ଦୂର ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ସେମାନଙ୍କ ସହିତ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଧର୍ମାନନ୍ଦ ବେହେରା, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡା. ରୀତାଞ୍ଜଳି ବେହେରା ଓ ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୀପ୍ରସାଦ ରାଉତ ଉପସ୍ଥିତ ଥିଲେ।

### ରଥଯାତ୍ରା ଦେଖିବାକୁ ଯାଇଥିବା ୪ ଛାତ୍ରଙ୍କୁ ମାଡ଼

## ଉଦଳା ଗୁରୁକୁଳ ବିଦ୍ୟାମନ୍ଦିର ବିରୋଧରେ ଅଭିଯୋଗ



ଉଦଳା, ୧୮।୭(ସମିସ): କାହାକୁ ନ ଜଣାଇ ରଥ ଦେଖିବାକୁ ଯାଇଥିବାରୁ ଅତି ନିର୍ଦ୍ଦୟ ଭାବେ ୪ ଅନ୍ତେବାସୀ ଛାତ୍ରଙ୍କୁ ନିର୍ଘାତ ମାଡ଼ ମରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଡ଼ ମାରିଛନ୍ତି। ୪ ଜଣ ଛାତ୍ର ଗୁରୁତର ଅବସ୍ଥାରେ ଥାନାରେ ପହଞ୍ଚି ଏନେଇ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଉଦଳା ଗୁରୁକୁଳ ବିଦ୍ୟାମନ୍ଦିରରେ ଘଟିଛି। ଏହି ବିଦ୍ୟାଳୟର ହଷ୍ଟେଲରେ ଥିବା ୪ ଜଣ ଛାତ୍ର ରଥ ଦେଖିବା ପାଇଁ ଯାଇଥିଲେ ଓ ରଥ ଦେଖି ସାରି ହଷ୍ଟେଲକୁ ଫେରିଥିଲେ। ଏତିକିରେ ରାଗି ପାଚି ଲାଲ ହୋଇଯାଇଥିଲେ ଜିଜ୍ଞାସ ଗୁରୁମା। ଏକ ପାଇପ ସାହାଯ୍ୟରେ ୪ ଜଣ ଛାତ୍ରଙ୍କୁ ନିର୍ଘାତ ମାଡ଼ ମାରି ଚାଲିଲେ। ଫଳରେ ଛାତ୍ରଙ୍କ ମୁଣ୍ଡ ଓ ଦେହରେ ଆଘାତ ଲାଗିଛି। ପରେ ୪ ଛାତ୍ର ଦୌଡ଼ି ଦୌଡ଼ି ଯାଇ ଉଦଳା ଥାନାରେ ଘଟଣା ସମ୍ପର୍କରେ ଜଣାଇଥିଲେ। ସେଠାରେ ୪ ଜଣଙ୍କ ମଧ୍ୟରୁ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ମାଡ଼ରେ ଗୁରୁତର ହୋଇଥିବାରୁ ତାଙ୍କୁ ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଛାତ୍ରଙ୍କ ପିଠିରେ ମାଡ଼ ଚିହ୍ନ ରହିବା ସହିତ ଛାତିରେ ମଧ୍ୟ ମାଡ଼ ହୋଇଥିବା ଦେଖିବାକୁ ମିଳିଛି।

## ଦେବେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାରିପଦା, ୧୮।୭ (ସମିସ): ବାରିପଦା ମ୍ୟୁନିସିପାଲିଟିର ୩ନଂ ୱାର୍ଡସ୍ଥ ବଳରାମପୁରର ଶ୍ରୀଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧି ଅନୁସାରେ ଚଳିତ ମାସ ୧୪ ତାରିଖ ଦିନ ଅଙ୍କୁରରୋପଣ କରାଯାଇଥିବାବେଳେ ୧୫ ତାରିଖ ଦିନ ଘଟ ଉତ୍ତୋଳନ ଓ କଳସ ଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା। ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହ ଶେଷ ଦିନ ପୂର୍ଣ୍ଣାହୁତି ପର୍ବ ସମ୍ପନ୍ନ ହୋଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିବାବେଳେ ସମସ୍ତଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ବଣ୍ଟନ ସେବାର ବ୍ୟବସ୍ଥା କରାଯାଇଥିଲା। ପୁରୋହିତ ମନୋଜ ପଣ୍ଡାଙ୍କ ଦ୍ୱାରା ସମସ୍ତ କର୍ମ ସମ୍ପନ୍ନ ହୋଇଥିଲା। ରବିକାନ୍ତ ସିଂହ ଓ ଅଙ୍କିତା ସିଂହ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜକିଶୋର ସିଂହ, ପ୍ରଭାସ ସାହୁ, ପ୍ରଫୁଲ୍ଲ ଦାଶ, କିରଣ ମହାପାତ୍ର, ସଚିନ୍ଦ୍ର ପାତ୍ର, ଭବତୋଷ ବେହେରା, ସଞ୍ଜୟ ସେନାପତି ଓ ସରୋଜ କୁମାର ଶତପଥୀ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର

ବାରିପଦା, ୧୮।୭(ସମିସ): ବାରିପଦା ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛି। ଏଥିରେ ମ୍ୟୁନିସପାଲିଟିର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଟ୍ରେଜେରୀ ଜରିଆରେ ପେନସନ ଦେବା କରାଯିବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି। ମନ୍ତ୍ରୀ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର, ସଭାନେତ୍ରୀ ତାରାମଣୀ ମହାପାତ୍ର, ସମ୍ପାଦକ ଉଜ୍ଜ୍ୱଳ ବେହେରା, କୋଷାଧ୍ୟକ୍ଷ ଅନୁପ କୁମାର ଗିରି ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।



## ଚାରା ବାଣ୍ଟି ଶିମିଳିପାଳ ସୁରକ୍ଷା ବାର୍ତ୍ତା ଦେଲା ଭଞ୍ଜସେନା

ବାରିପଦା, ୧୮।୭(ସମିସ): ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସମେତ ମୟୂରଭଞ୍ଜ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ନିମନ୍ତେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନଜାତ ଦ୍ରବ୍ୟ ଉପଯୋଗରେ ବେକାରୀଙ୍କୁ ରୋଜଗାରକ୍ଷମ କରିବା ନେଇ ଜନସାଧାରଣଙ୍କୁ ସଚେତନ କରିବା ସହିତ ସରକାରଙ୍କୁ ଅବଗତ ନିମନ୍ତେ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ତମାମ ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାରେ ଭଞ୍ଜସେନାର ବାରିପଦା ସହର ଶାଖା ପକ୍ଷରୁ ସେଲଫି ପଏଣ୍ଟ ପ୍ରସ୍ତୁତ ହୋଇଛି। ପ୍ରସ୍ତୁତ ସେଲଫି ଷ୍ଟାଣ୍ଡରେ ସଂଗଠନର ସଦସ୍ୟ ଜନସାଧାରଣଙ୍କୁ ଚାରାଗଛ ଦେଇ ଫଟୋ ଉଠାଇ ସଂଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ସହର ସଭାପତି ରାକେଶ ମହାନ୍ତି, ସାଧାରଣ ସମ୍ପାଦକ ଅମିତ କୁମାର, ସହର ବରିଷ୍ଠ ସଦସ୍ୟ ସୋନୁ ରାମ ଓ ଅଭିଜିତ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ରଥଯାତ୍ରାରେ ଯୁବକ ସଂଘ ଓ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଖାଦ୍ୟ ବଣ୍ଟନ



ବାରିପଦା, ୧୮।୭(ସମିସ): ଶନିବାର ବାରିପଦା ଅମ୍ବିକା ମନ୍ଦିର ନିକଟସ୍ଥ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଅମ୍ବିକା ସାହି ଯୁବକ ସଂଘ, ଅମ୍ବିକା ମନ୍ଦିର କୀର୍ତ୍ତନ ମଣ୍ଡଳ ଓ ଜଗନ୍ନାଥ ମନ୍ଦିର କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ରଥଯାତ୍ରା ଅବସରରେ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଉତ୍ସବକୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ପରେ ସେ ରଥଯାତ୍ରାକୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ। ଏହି ଉତ୍ସବରେ ଅମ୍ବିକା ସାହି ଯୁବକ ସଂଘ, ଅମ୍ବିକା ମନ୍ଦିର କୀର୍ତ୍ତନ ମଣ୍ଡଳୀ ଓ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ଦେବାଶିଷ ଦାଶ, ଜଗନ୍ନାଥ ମିଶ୍ର, ସନତ କୁମାର ଦାଶ, ଅନନ୍ତ କୃଷ୍ଣ ବେହେରା, ସୁପ୍ରସନ୍ନ ଭଞ୍ଜଦେଓ, ଡ କିଶୋର ପାତ୍ର, ସଂଗ୍ରାମ ଶତପଥୀ, ସଞ୍ଜୟ ପଟ୍ଟନାୟକ, ସଞ୍ଜୟ ସିଂ ବାବୁ ଓ ରଣଜିତ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବାବା ଜଟେଶ୍ୱର ବିଦ୍ୟାଳୟରେ ଚାରାରୋପଣ

ମୋରଡା, ୧୮।୭(ସମିସ): ମୋରଡା ବ୍ଲକ ଅଧୀନ ନୂଆଗାଁସ୍ଥ ବାବା ଜଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଯୁବ ରେଡ୍‌କ୍ରସ ସଂଯୋଜକ ତଥା ରସାୟନ ବିଜ୍ଞାନ ଅଧ୍ୟାପକ ହରିଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସ୍ୱେଚ୍ଛାସେବୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାଗଛ ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମିନତୀରାଣୀ ପାତ୍ର ପ୍ରଥମେ ଏକ ଚାରାଗଛ ରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗଛ ହେଉଛି ଜୀବନର ଆଧାର। ଗଛ ଆମକୁ ଅମ୍ଳଜାନ, ଫଳ, ଛାଇ ଓ ଶୁଦ୍ଧ ପରିବେଶ ପ୍ରଦାନ କରିଥାଏ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ମତ ଦେଇଥିଲେ।

### ମୟୂରଭଞ୍ଜରେ ନୂତନ ଏନଏସିରେ ଚେୟାରମ୍ୟାନ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ

# ତାଲିକାରେ କରଞ୍ଜିଆ ମ୍ୟୁନିସିପାଲଟି ନାମ ନ ଥିବା ଅଭିଯୋଗ

ବାରିପଦା, ୧୮।୭(ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିଛି। ଜାତୀୟ ଜନଗଣନା ପରେ ଆସନ୍ତାବର୍ଷ ଏପ୍ରିଲ-ମେ' ମାସରେ ଉଭୟ ନିର୍ବାଚନ ହେବାର ସମ୍ଭାବନା ଥିବା ରାଜ୍ୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ଜନଗଣନା ଶେଷ ହେବା ପରେ ଆସନ୍ତା ମାର୍ଚ୍ଚ ମାସରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନବଗଠିତ ୩୫ଟି ମ୍ୟୁନିସିପାଲଟି ଓ ଏନଏସିରେ ଅଧ୍ୟକ୍ଷ ପଦ ପାଇଁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ନୂତନ ଭାବେ ଘୋଷିତ ଏନଏସିର ଚେୟାରମ୍ୟାନ ପଦବୀ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି। ତେବେ ମ୍ୟୁନିସିପାଲଟି ସଂରକ୍ଷଣ ତାଲିକାରେ କରଞ୍ଜିଆର ନାମ ନ ଥିବା ଅଭିଯୋଗ ହେଉଛି। ଯଶିପୁର ଏନଏସି ଏସସି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ରାସଗୋବିନ୍ଦପୁର ଏନଏସି ଏସଟି ପାଇଁ ସଂରକ୍ଷିତ ରହିଛି। ବାକି ବେତନଟୀ, ଚିତ୍ରଡା, ବାଙ୍ଗିରିପୋଷି ଓ କପ୍ତିପଦା ଏନଏସି ଏସଟି ମହିଳା ପାଇଁ ସଂରକ୍ଷିତ ରଖାଯାଇଛି। ସଂରକ୍ଷଣ ତାଲିକା ଉପରେ ୧୫ ଦିନ ମଧ୍ୟରେ ଆପତ୍ତି ଓ ଅଭିଯୋଗ କରିହେବ। ଅନ୍ୟପକ୍ଷରେ କରଞ୍ଜିଆ ଏନଏସିକୁ ସରକାର ମ୍ୟୁନସିପାଲିଟି ଘୋଷଣା କରିଥିଲେ ମଧ୍ୟ ଚେୟାରମ୍ୟାନ ସଂରକ୍ଷଣ ତାଲିକାରେ ଏହାର ନାମ ନାହିଁ। କରଞ୍ଜିଆ ମ୍ୟୁନସିପାଲିଟି ସହ କେତେକ ପଞ୍ଚାୟତ ସାମିଲ କରାଯିବା ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବାରୁ ସଂରକ୍ଷଣ ତାଲିକାରେ ସ୍ଥାନ ମିଳିନାହିଁ ବୋଲି କୁହାଯାଇଛି। ସଂରକ୍ଷଣ ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ ହେବ। ଅକ୍ଟୋବର ମାସରେ ଭୋଟର ତାଲିକା ସଂଶୋଧନ ଆରମ୍ଭ ହେବ। କମିଶନ ପଞ୍ଚାୟତ ଓ ପୌର ନିର୍ବାଚନକୁ ଏକାସାଙ୍ଗରେ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସଂରକ୍ଷଣ ତାଲିକା ଚୂଡ଼ାନ୍ତ ହେବା ପରେ ଘରକୁ ଘର ବୁଲି ସର୍ଭେ କରାଯିବ। ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ଶୃଙ୍ଖଳିତ ଭୋଟଦାନ ପାଇଁ ପ୍ରତ୍ୟେକ ୱାର୍ଡରେ ଗୋଟିଏ ଲେଖାଏଁ ପୋଲିଂ ବୁଥ୍ ରହିବ। ଇଭିଏମ୍ ପାଇଁ ବାଲଟ୍ ପେପର ସଂଗ୍ରହ ଓ ନିର୍ବାଚନ ଡ୍ୟୁଟି ପାଇଁ ଗାଡ଼ି ଭଡ଼ା ଆଦି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନ ସମସ୍ତ ପ୍ରକ୍ରିୟାକୁ ସମୟମତେ ସମ୍ପନ୍ନ କରିବା ପାଇଁ ଚେଷ୍ଟା କରୁଛନ୍ତି।

# ‘ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି’

**ପ୍ରଜ୍ଞା ମିଶ୍ର, ଅଭିନେତ୍ରୀ**



କରୋନାରେ ଅଧିକାଂଶ ୱାର୍କ ଫ୍ରମ ହୋମ୍ କରୁଥିଲେ । ଅନେକେ ସେହି ସମୟକୁ ସଦୁପଯୋଗ କରି ନିଜର ଲୁକ୍କାୟିତ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣୁଥିଲେ । ଏମିତି ଜଣେ ପ୍ରତିଭାବାନ ଯୁବତୀ ହେଉଛନ୍ତି ପ୍ରଜ୍ଞା ମିଶ୍ର । କୋରାପୁଟ ତାଙ୍କର ଜନ୍ମସ୍ଥାନ । ରୁହନ୍ତି ଭୁବନେଶ୍ୱରରେ । ତେବେ ସେ ଏକ ପେଜାଣ୍ଟ ‘ରଜରାଣୀ’ ମାଧ୍ୟମରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ । ମଡେଲିଂ ସହ ଏକାଧିକ ବିଜ୍ଞାପନରେ ସେ ନଜର ଆସିଛନ୍ତି । ଏତିକିରେ ସରିନି ତାଙ୍କ ସଫଳତା । ନିକଟରେ ରିଲିଜ୍ ହୋଇଥିବା ‘ଡାଏରୀ’ ସିନେମାରେ ଚମତ୍କାର ଅଭିନୟ କରି ପ୍ରଶଂସକଙ୍କ ହୃଦୟକୁ ଜିତିଛନ୍ତି । ତେବେ ଲାଇଭ୍ ଷ୍ଟେଜରୁ କ୍ୟାମେରାକୁ ସାମ୍ନା କରି ପ୍ରଜ୍ଞାଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି । ସେ ସଂପର୍କରେ କ’ଣ କହୁଛନ୍ତି ଜାଣିବା ଅଭିନେତ୍ରୀ ପ୍ରଜ୍ଞାଙ୍କଠାରୁ ।

**ମଡେଲିଂରୁ ଅଭିନୟ । ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ ?**

● ପ୍ରଥମତଃ ମୁଁ ଏକ କର୍ପୋରେଟ୍ ହାଉସରେ କର୍ମଚାରୀ ଭାବେ କାର୍ଯ୍ୟରତ । କରୋନାରେ ୱାର୍କ ଫ୍ରମ୍ ହୋମ୍ କରିବାକୁ ସୁଯୋଗ ମିଳିବାରୁ ମୁଁ ଇନ୍‌ଷ୍ଟାଗ୍ରାମରେ ‘ରଜରାଣୀ’ ଇଭେଣ୍ଟ ବିଷୟରେ ଜାଣିଥିଲି । ସେଥିରେ ନିଜର ପ୍ରତିଭା ଦେଖାଇଥିଲି । ତେବେ ସେହି ଶୋ’ର ନିର୍ମାତା ପରବର୍ତ୍ତୀ ସମୟରେ ମୋତେ ଜୀ ସାର୍ଥକର ‘ଗୃହଲକ୍ଷ୍ମୀ’ରେ ଜୁରୀମାନଙ୍କ ସହ କାମ କରିବାକୁ ଏକ ସୁଯୋଗ ଦେଇଥିଲେ । ଏଥିରେ ମୁଁ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତାମାନଙ୍କ ସହ ଏକାଠି କାମ କରିଥିଲି । ଅନେକ ସରକାରୀ ଓ ବେସରକାରୀ ବିଜ୍ଞାପନରେ କାମ କରିବାକୁ ମୋତେ ସୁଯୋଗ ମିଳିଲା । ମୁଁ ‘କୌନ ବନେଗା କରୋଡ଼ପତି’ର ଦେଶକା ସୱାଲରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲି । ସୌଭାଗ୍ୟବଶତଃ ‘ଡାଏରୀ’ ସିନେମାରେ କାମ କରିବାକୁ ଅର୍ଦ୍ଧେନ୍ଦୁ ଭାଇ ମୋତେ ସୁଯୋଗ ଦେଇଥିଲେ । ଏଥିପାଇଁ କିଛି ଭିଡିଓ ତିଆରି କରି ତାଙ୍କୁ ପଠାଇଥିଲି । ସିନେମାର କାହାଣୀ ଶୁଣିବା ପରେ ନିର୍ଦ୍ଦେଶକ ସୁଶାନ୍ତ ସାର୍ ପୁନଶ୍ଚ ମୋର ଅଡିସନ୍ ନେଇ ଏହି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ ।

**‘ଡାଏରୀ’ ସିନେମାରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

● ଏଥିରେ ମୁଁ ଅର୍ଦ୍ଧେନ୍ଦୁଙ୍କ ପତ୍ନୀ ସ୍ୱାତୀ ମିଶ୍ର ଭୂମିକାରେ ନଜର ଆସିଛି । ସାଧାରଣତଃ ଆରେଞ୍ଜ ମ୍ୟାରେଜ୍‌ରେ ଗୋଟେ ଝିଅ ମନରେ ନିଜ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଥାଏ । ବିବାହର କିଛି ଦିନ ପରେ ମୋ ସ୍ୱାମୀଙ୍କ ହାତ ଲେଖା ‘ଡାଏରୀ’ ମୁଁ ପାଉଛି । ଏଥିରେ ତାଙ୍କ ଅତୀତକୁ ଜାଣିବା ପରେ ମୁଁ ସେହି ପରିସ୍ଥିତିକୁ ନେଇ କେମିତି ଆଗକୁ ବଢ଼ୁଛି ଆଉ ଆମ ସାଂସାରିକ ଜୀବନ କେମିତି ବିତୁଛି ତାହାକୁ ନେଇ କାହାଣୀ ଗତିଶୀଳ ।

**ବଡ଼ ପରଦାରେ ପ୍ରଥମ ଫିଲ୍ମ ରିଲିଜ୍‌ର ଅନୁଭୂତି?**

● ଓଲିଉଡ୍ ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ । ଅଭିନୟ ବାବଦରେ ମୋତେ ଅଧିକ କିଛି ଜଣାନଥିଲା । ତେଣୁ ଏହି ସିନେମା ରିଲିଜକୁ ନେଇ ପ୍ରଥମ ଦିନ ଖୁସି ଥିଲେ ବି ମନ ଭିତରେ ବହୁତ ଭୟ ଥିଲା । ପରଦାରେ ମୋ ଅଭିନୟ ଦେଖି ଅନେକ ଦର୍ଶକଙ୍କ ଭଲପାଇବା ପାଇଥିଲି । ତେବେ ରଜ ଶବ୍ଦ ମୋ ପାଇଁ ଶୁଭ । କାରଣ ରଜରୁ କାମ ଆରମ୍ଭ କରିଥିବାବେଳେ ମୋର ପ୍ରଥମ ସିନେମା ମଧ୍ୟ ରଜରେ ରିଲିଜ୍ ହୋଇଥିଲା । ଯାହା ମୋ ପାଇଁ ସୌଭାଗ୍ୟର ବିଷୟ ।

**ଅଭିନୟକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ ?**

● ମୋତେ ନୂଆ ନୂଆ ସ୍ଥାନ ବୁଲିବା ସହ ଖାଇବାକୁ ଭଲଲାଗେ । ସମୟ ମିଳିଲେ ପରିବାର ସହ ସମୟ ବିତାଏ ।

**ଅଭିନୟକୁ ଜୀବନ୍ତ କରିବାକୁ କ’ଣ କରନ୍ତି?**

● ଏଲାଇନ୍‌ରେ ନୂଆ ମୁଁ । ଧନ୍ୟବାଦ ଦେବି ଆଦିଲକ୍ଷ୍ମୀ ଟିମ୍‌କୁ । ସମସ୍ତେ ମୋତେ ବହୁତ ସହଯୋଗ କରିବାରୁ ମୁଁ ଭଲ ଅଭିନୟ କରିପାରିଛି । ସୁଟିଂ ସେଟ୍‌ରେ ବି ମୁଁ ଅଫିସ୍ କାମ କରୁଥିଲି । ତେବେ ଅଭିନୟ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇନଥିଲେ ବି ମୋ ଟିମ୍‌ର ସମସ୍ତେ ମୋତେ ଭଲ ଅଭିନୟ କରିବାକୁ ସାହସ ଦେଇଥିଲେ ।

**ପ୍ରଥମ ସିନେମାରୁ ମିଳିଥିବା ପାରିଶ୍ରମିକ କ’ଣ କରିଥିଲେ?**

● ଏବେ ଯାଏଁ ସାଇତି କି ରଖିଛି । କାରଣ ମୋ ପ୍ରଥମ ସିନେମାର ପାରିଶ୍ରମିକ ମୋ ପାଇଁ ବହୁତ ସ୍ୱତନ୍ତ୍ର । ଆଗକୁ ନିଶ୍ଚୟ ତାକୁ ମୂଲ୍ୟବାନ କାମରେ ଲଗାଇବାକୁ ଭାବିବି ।


**ଡ୍ରିମ୍ ରୋଲ?**

● ବର୍ତ୍ତମାନ ସିନେମାରେ କାମ ଆରମ୍ଭ କରିଛି । ତେବେ ଆଗାମୀ ଦିନରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି ।

**ଅନେକ ପ୍ରତିଭାଶାଳୀ ପିଲା ଏହି ପ୍ଲାଟଫର୍ମକୁ ଆସିବା ପାଇଁ ସୁଯୋଗ ପାଉ ନାହାଁନ୍ତି । ସେମାନଙ୍କୁ କ’ଣ କହିବେ?**

● କଳାକାର ହେବାକୁ ଚାହୁଁଥିଲେ କଠିନ ପରିଶ୍ରମ ଆବଶ୍ୟକ । ଯଦି କେହି ଅନ୍ୟ କେଉଁ ଲାଇନ୍‌ରେ ଥାଇ କଳା ଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ସେମାନେ ଅଭ୍ୟାସ ଜାରି ରଖିବା ଆବଶ୍ୟକ । କାରଣ ଯୋଗ୍ୟ ହୋଇ ଥିଲେ ଦିନେ ନା ଦିନେ ସ୍ୱପ୍ନ ପୂରଣ କରିପାରିବେ । ■

## ଗଣେଶ ପୂଜାରେ ‘ଦହନ- ଦି ଇଭିଲ୍ ୱିଥିନ୍’




ଓଲିଉଡ୍‌ର ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ହେଉଥିବା ବହୁ ପ୍ରତୀକ୍ଷିତ ଓଡ଼ିଆ ହରର୍ ଥ୍ରିଲର୍ ଚଳଚ୍ଚିତ୍ର ‘ଦହନ- ଦି ଇଭିଲ୍ ୱିଥିନ୍’ର ରିଲିଜ୍ ତାରିଖ ଘୋଷଣା କରାଯାଇଛି । ଆସନ୍ତା ସେପ୍ଟେମ୍ବର ୧୧ ଅର୍ଥାତ୍ ଗଣେଶ ପୂଜା ଅବସରରେ ଏହା ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଯାଉଛି । ବ୍ଲକବଷ୍ଟର୍ ସିନେମା ‘ମନ୍ତ୍ରମୁଗ୍ଧ’ର ଅପାର ସଫଳତା ପରେ ନିର୍ମାତା ଏହି ନୂଆ ସିନେମାକୁ ‘ଓଡ଼ିଆ ହରର୍ ସିନେମାର ପରବର୍ତ୍ତୀ ସ୍ତର’ ବୋଲି ଦାବି କରିଛନ୍ତି ।

ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନା ଭାର ନେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଅନୁପମ ଏବଂ ବର୍ଷା ପଟ୍ଟନାୟକ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି । ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ‘ଦହନ’ ମାଧ୍ୟମରେ ଓଡ଼ିଆ ସିନେମାର କାହାଣୀ କହିବା ଶୈଳୀ ଏବଂ ବୈଷୟିକ ମାନଦଣ୍ଡରେ ଏକ ନୂଆ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି । ଏହି ଚଳଚ୍ଚିତ୍ରରେ ବର୍ଷା ପଟ୍ଟନାୟକ, ଔରୋଶିଖା ମିଶ୍ର, ସମ୍ରାଟ ମହାପାତ୍ର, ପାର୍ଥସାରଥୀ ରାୟ, ନିଶାନ୍ତ ମଜିଠିଆ, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ ଅନ୍ୟାନ୍ୟ କଳାକାରମାନେ ଅଛନ୍ତି । ସଂଳାପ ପ୍ରଣବ ପ୍ରସନ୍ନ ରଥ ଲେଖିଥିବା ବେଳେ ଆଶିଷ ପ୍ରଧାନଙ୍କ ସଙ୍ଗୀତ ଏବଂ ଶକ୍ତି ସ୍ୱରୂପ ଦ୍ୱିବେଦୀଙ୍କ ସାଉଣ୍ଡ ଡିଜାଇନ୍ ସିନେମାକୁ ଆହୁରି ଜୀବନ୍ତ କରିବ । ଖୁବ୍ ଶୀଘ୍ର ସିନେମାର ଟିଜର୍, ଟ୍ରେଲର୍ ଓ ପ୍ରମୋସନାଲ୍ ଗୀତ ରିଲିଜ୍ କରାଯିବ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ବଡ଼ ପରଦାରେ ଦର୍ଶକଙ୍କୁ ଏକ ଅନ୍ତର୍ଜାତୀୟ ସ୍ତରର ମନୋରଞ୍ଜନ ଯୋଗାଇବା ପାଇଁ ‘ଦହନ’ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଉଛି । ■

## ଜୀ ସାର୍ଥକର ‘ଆସ୍ଥାର ଯାତ୍ରା’



ଜୀ ସାର୍ଥକ ପବିତ୍ର ରଥଯାତ୍ରା ଅବସରରେ ‘ଆସ୍ଥାର ଯାତ୍ରା’ ଭଳି ଏକ ଅଭିନବ ଅଭିଯାନ ମାଧ୍ୟମରେ ଓଡ଼ିଶାର କୋଟି କୋଟି ଭକ୍ତମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଯୋଡ଼ିବା ସହିତ ଓଡ଼ିଆ ଅସ୍ମିତା ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଏକ ସଫଳ ପ୍ରୟାସ ଆରମ୍ଭ କରିଛି । ସମସ୍ତଙ୍କ ପାଇଁ ପୁରୀ ଯାଇ ରଥଯାତ୍ରାରେ ଅଂଶଗ୍ରହଣ କରିବା ସମ୍ଭବ ନୁହେଁ, କିନ୍ତୁ ସେଠାରେ ଲୋକଙ୍କର ଭକ୍ତି ବିଶ୍ୱାସ ଓ ଶ୍ରଦ୍ଧା ମହାପ୍ରଭୁଙ୍କ ପାଖରେ ପହଞ୍ଚେଇବା ନିଶ୍ଚିତ ଭାବରେ ସମ୍ଭବ । ଜୀ ସାର୍ଥକର ଆସ୍ଥାର ଯାତ୍ରାରେ ଯୋଗଦାନ କରି ନିଜର ନଡ଼ିଆ ମହାବାହୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ହେବ । ଲୋକଙ୍କ ଆସ୍ଥା ଓ ଭକ୍ତିକୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଜୀ ସାର୍ଥକ ଏକ ମାଧ୍ୟମ ସାଜିଛି । ଏହି କ୍ୟାମ୍ପେନର ମୁଖ୍ୟ ଆକର୍ଷଣ ହେଉଛି ଏହାର ଭାବପୂର୍ଣ୍ଣ ବାର୍ତ୍ତା: “ଶ୍ରଦ୍ଧାରେ ବଢ଼େଇ ଦେଲି ନଡ଼ିଆ, ଭୁଜ ବଢ଼େଇ ନେବ କାଳିଆ ।” ଜୁଲାଇ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ । ଜୀ ସାର୍ଥକର ଏକ ସ୍ୱତନ୍ତ୍ର ‘ରଥଯାତ୍ରା ଭ୍ୟାନ୍’ ଓଡ଼ିଶାର ବିଭିନ୍ନ ସହର ଓ ଗାଁକୁ ଗସ୍ତ କରିବ ଓ ଏହି ଭ୍ୟାନ୍ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଆସ୍ଥାର ପ୍ରତୀକ ସ୍ୱରୂପ ‘ନଡ଼ିଆ’ ସଂଗ୍ରହ କରାଯିବ । ସଂଗୃହୀତ ସମସ୍ତ ନଡ଼ିଆ ଏବଂ ଭକ୍ତଙ୍କ ପ୍ରାର୍ଥନାକୁ ପୁରୀ ନିଆଯାଇ ମହାପ୍ରଭୁଙ୍କ ନିକଟରେ ଭକ୍ତିର ସହ ସମର୍ପଣ କରାଯିବ । ସାଧାରଣ ଜନତାଙ୍କ ସହ ଓଲିଉଡ୍ ଏବଂ ଟେଲିଭିଜନ ଜଗତର ବହୁ ଜଣାଶୁଣା କଳାକାର ଏହି ପବିତ୍ର ଅଭିଯାନରେ ସାମିଲ ହୋଇ ନିଜ ଶ୍ରଦ୍ଧାର ନଡ଼ିଆ ପ୍ରଦାନ କରିଛନ୍ତି । ଏଥିରେ ଲିପି, ମଣ୍ଟୁ, ସତ୍ୟଜିତ୍, ସୁଜିତ୍, ଅନିଷା, ସ୍ମୃତିରେଖା, ରଞ୍ଜନ, ସମ୍ଭବ ଓ ଅଙ୍କିତା ମଧ୍ୟ ସାମିଲ ଅଛନ୍ତି । ■

## କଳା ନିର୍ଦ୍ଦେଶକ କଳିଙ୍ଗ



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଯୁବ କଳା ନିର୍ଦ୍ଦେଶକ ଭାବରେ ବେଶ୍ ଜଣାଶୁଣା ଓ ଚର୍ଚ୍ଚିତ ନାମ କଳିଙ୍ଗ କେଶରୀ ନାୟକ । ଏଇ ନିକଟରେ ସେ ‘ପୁଷ୍କରା’ (୨୦୨୩) ଓ ‘ରଙ୍ଗସୁର’ (୨୦୨୪) ପାଇଁ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି । ‘ଏସିପି ରଣବୀର’, ‘କାଲିର ଅତୀତ’, ‘ସମଥିଙ୍ଗ୍ ସମଥିଙ୍ଗ୍’, ‘ସପନର ପଥେ ପଥେ’, ‘ଏକା ଏକା’, ‘ବଧୂ ନୁହେଁ ମୁଁ ବନ୍ଧୁ’, ‘ଛାତି ତଳେ ଡିଙ୍ଗ ଡିଙ୍ଗ’, ‘କୌନ କିତନା ପାନି’, ‘ଲେଖୁ ଲେଖୁ ଲେଖିଦେଲି’, ‘ମିଛୁଆ’, ‘ଭିଲିଆନ୍’, ‘ପୁଷ୍କର’, ‘ରଙ୍ଗସୁର’ ଆଦି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶନା ଦେଇ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଛନ୍ତି । ଖୁବ୍ କମ୍ ବୟସରୁ ସେ ଚଳଚ୍ଚିତ୍ର ଜଗତରେ କାମ କରି ଲଳିତ କଳା ଏକାଡେମୀ, ‘କାଲିର ଅତୀତ’ ଚଳଚ୍ଚିତ୍ର ପାଇଁ ମଧ୍ୟ ପୁରସ୍କୃତ ହୋଇପାରିଛନ୍ତି । ଜଣେ ସରଳ, ନମ୍ର ଯୁବ କଳା ନିର୍ଦ୍ଦେଶକ ଭାବରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କ ଘର ଯାଜପୁର ଜିଲ୍ଲା ରତ୍ନଗିରି ରାଉତସାହି । ବିକେ ଆର୍ଟ କଲେଜରେ ଚିତ୍ରକଳା ଓ ଗ୍ରାଫିକ୍ସରେ ଡିଗ୍ରୀ ପାଠ୍ୟକ୍ରମରେ କୃତିତ୍ୱ ହାସଲ କରିଛନ୍ତି । ବର୍ତ୍ତମାନ ସେ ଓଲିଓଡ୍ ଜଗତରେ କଳା ନିର୍ଦ୍ଦେଶକ ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ■

## ‘ନୀଳାଦ୍ରି ମହୋଦୟ’ର ଅଡିଓ ରିଲିଜ୍



‘ଦୂରଦର୍ଶନୀ ଡିଜିଟାଲ’ ଦ୍ୱାରା ପ୍ରସ୍ତୁତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ‘ନୀଳାଦ୍ରି ମହୋଦୟ’ର ଅଡିଓ ମୁକ୍ତିଲାଭ କରିଛି । ଏହାର ମୁକ୍ତିଲାଭ ଉତ୍ସବ କିସ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବ ବେଳେ ଗୀତିକାର ଡଃ ନିର୍ମଳ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ନିର୍ଦ୍ଦେଶକ ଟୁନା ପ୍ରମୁଖ ଯୋଗ ଦେଇଥିଲେ । ‘ନୀଳାଦ୍ରି ମହୋଦୟ’ ଭକ୍ତି ସଙ୍ଗୀତକୁ ପ୍ରଜ୍ଞା ଦୂରଦର୍ଶୀନୀ ନାୟକ ପ୍ରଯୋଜନା କରିଥିବା ବେଳେ ଗୀତିକାର ଡ. ନିର୍ମଳ ନାୟକ ଗୀତ ରଚନା କରିଛନ୍ତି । ଗୁଡଲି ରଥ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଚ୍ଛଦପଟ ଗାୟକ ସତ୍ୟଜିତ୍ ପ୍ରଧାନ କଣ୍ଠଦାନ କରିଛନ୍ତି । ଏହି ଭକ୍ତି ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଟୁନା ଚନ୍ଦନ । ଅଭିନେତା ପୁପିନ୍ଦର ସିଂ ଏବଂ ଶ୍ରୀତମ ଦାସ ଏହି ଗୀତରେ ଅଭିନୟ କରିଛନ୍ତି । ଗୀତଟି ଏବେ ଦୂରଦର୍ଶନୀ ଡିଜିଟାଲରେ ଉପଲବ୍ଧ ଅଛି । ■

**ପରଦା ପଛର କାହାଣୀ**

## ଗୋଟିଏ ଫିଲ୍ମରେ ଛଅ ଭୂମିକାରେ ଅଭିନୟ



ଅଭିନେତା ଗୋବିନ୍ଦା ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଦୀର୍ଘ ଦିନର ନିରବତା ପରେ ‘ରୂପା’ ଫିଲ୍ମ ମାଧ୍ୟମରେ ସେ ବଲିଉଡ୍ ଇଣ୍ଡଷ୍ଟ୍ରୀକୁ କମ୍‌ବ୍ୟାକ୍ କରୁଛନ୍ତି । ଏହି ଫିଲ୍ମର ପ୍ରମୋସନ ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗୋବିନ୍ଦା ନିଜ ମନର ଦୁଃଖ, ଯନ୍ତ୍ରଣାକୁ ପ୍ରକାଶ କରିଛନ୍ତି । ତେବେ ଫ୍ଲପ୍ ଷ୍ଟାର୍ କୁହାଯାଉଥିବା ଗୋବିନ୍ଦା ୨୦୦୦ ମସିହାରେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା । ଯେଉଁଥିରେ ସେ ଛଅଟି ଭୂମିକାରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ । ‘ହଦ୍ କର୍ ଦି ଆପ୍‌ନେ’ ଫିଲ୍ମରେ ସେ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲେ । ଫିଲ୍ମରେ ଗୋବିନ୍ଦାଙ୍କ ସହ ରାନୀ ମୁଖାର୍ଜୀ ଚମତ୍କାର ଅଭିନୟ କରିଥିଲେ । ଏଥିରେ ଗୋବିନ୍ଦା ‘ରାଜୁ’ ଚରିତ୍ର ଓ ରାନୀ ମୁଖାର୍ଜୀ ‘ଅଞ୍ଜଳି’ ଭୂମିକାରେ ଅଭିନୟ କରିଥିଲେ । ଏଥିରେ କମେଡ଼ି, ଆକ୍ସନ ଏବଂ ରୋମାନ୍ସ ସବୁ କିଛି ଭରପୂର ରହିଥିଲା । ଏହି ଫିଲ୍ମରେ ମୁଖ୍ୟ ଚରିତ୍ର ରାଜ ମଲହୋତ୍ରା, ରାଜଙ୍କ ପିତା, ମାତା, ଜେଜି ମାଆ, ଭଉଣୀ ଆଦି ଛଅ ଚରିତ୍ରରେ ଗୋବିନ୍ଦା ଅଭିନୟ କରିଥିଲେ । ‘ହଦ୍ କର୍ ଦି ଆପ୍‌ନେ’ ଫିଲ୍ମରେ ରାନୀ ମୁଖାର୍ଜୀଙ୍କ ପରିବର୍ତ୍ତେ ଅଭିନେତ୍ରୀ ମହିମା ଚୌଧୁରୀ ହେବାର ଥିଲା । ହେଲେ ସେ ସମୟରେ ମହିମା ନିଜ ଫିଲ୍ମକୁ ନେଇ ଖୁବ୍ ବ୍ୟସ୍ତ ଥିଲେ । ତାଙ୍କ ପାଖରେ ଏହି ଫିଲ୍ମରେ କାମ କରିବା ପାଇଁ ସମୟ ନ ଥିଲା । ଏଥିରେ ଗୋବିନ୍ଦା ଏବଂ ରାନୀ ମୁଖାର୍ଜୀଙ୍କ ବ୍ୟତୀତ ଜନି ଲିଭର, ପରେଶ ରାୱଲ, ତନାଜ୍ ଇରାନୀ, ରାକେଶ ବେଦୀ, ଅବତାର ଗୀଲ୍, ବିଜୁ ଖୋଟେ, ସ୍ମିତା ଜୟକର ପ୍ରମୁଖ କଳାକାର ଅଭିନୟ କରିଥିଲେ । ଏହି ଫିଲ୍ମ ବକ୍ସ ଅଫିସରେ ୧୧ କୋଟି ଟଙ୍କା ଆୟ କରିଥିଲା । ■

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୬.୨୮ ● ପାଉଣ୍ଡ ୧୨୯.୭୦
- ୟୁରୋ ୧୧୦.୧୭ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୧,୩୫୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୧୫୧.୦୦
- ନିଫ୍ଟି ୨୪,୩୩୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ୧୨୦ଟି ନୂତନ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ କାମ ବନ୍ଦ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ଦେଶକୁ ନୂଆ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଆସିବା ବିଳମ୍ବ ହେବ। ଭାରତ-ରୁଷ ସହଭାଗୀତାରେ ଗଠିତ କମ୍ପାନୀ କିନେଟ୍ ରେଲୱେ ସଲ୍ୟୁସନ୍ସ ଦ୍ୱାରା ନିର୍ମିତ ୧୨୦ଟି ସ୍ଲିପର ଟ୍ରେନ୍ ଆସିବାକୁ ଆହୁରି ବହୁତ ସମୟ ଲାଗିବ। ଅଧିକାରୀମାନେ କହିଛନ୍ତି ଯେ ଟ୍ରେନ୍‌ଗୁଡ଼ିକର ଡିଜାଇନ୍ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ତେଣୁ, ଭାରତୀୟ ରେଳବାଇ ଏବେ ଏହି ଆଧୁନିକ ସ୍ଲିପର କୋଚ୍‌ଗୁଡ଼ିକୁ ଶୀଘ୍ର ଉତ୍ପାଦନ କରିବା ପାଇଁ ନିଜସ୍ୱ କାରଖାନା ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ବାସ୍ତବରେ, କିନେଟ୍‌କୁ ଡିଜାଇନ୍ ପ୍ରଦାନ କରିବା ପାଇଁ ଜଣେ ଜର୍ମାନ ପରାମର୍ଶଦାତାଙ୍କୁ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ଏହା ଏ ପର୍ଯ୍ୟନ୍ତ କମ୍ପାନୀକୁ ଅନୁମୋଦିତ ଚୂଡ଼ାନ୍ତ ଡିଜାଇନ୍ ଦାଖଲ କରିନାହିଁ। କମ୍ପାନୀ କହିଛି ଯେ ଏହି ସ୍ଲିପର ଟ୍ରେନଗୁଡ଼ିକର ପ୍ରଥମ ପ୍ରୋଟୋଟାଇପ୍ କେବଳ ୨୦୨୬ ଶେଷ ସୁଦ୍ଧା ପ୍ରସ୍ତୁତ ହେବ, ଅର୍ଥାତ୍ ପ୍ରକଳ୍ପ ନିର୍ଦ୍ଧାରିତ ସମୟଠାରୁ ଦୁଇ ବର୍ଷ ବିଳମ୍ବରେ ଅଛି। ରିପୋର୍ଟ ଅନୁଯାୟୀ, କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେମାନେ ସେମାନଙ୍କର ଯୋଗାଣକାରୀଙ୍କ ସହିତ ଚୁକ୍ତି କିମ୍ବା ଆର୍ଥିକ ସର୍ତ୍ତାବଳୀ ଉପରେ ଆଲୋଚନା କରିପାରିବେନାହିଁ। ତଥାପି, ସେମାନେ କହିଛନ୍ତି ଯେ ଏହି ଟ୍ରେନ୍‌ର ଇଞ୍ଜିନିୟରିଂ ଏବଂ ଡିଜାଇନ କାମରେ ୧୦୦ରୁ ଅଧିକ ଯୋଗାଣକାରୀ ଏକାଠି କାମ କରୁଛନ୍ତି।

**ଏ ଯାଏ ଚୂଡ଼ାନ୍ତ ହୋଇନି ଟ୍ରେନ୍‌ର ଡିଜାଇନ୍**

**ପ୍ରକଳ୍ପ ନିର୍ଦ୍ଧାରିତ ସମୟଠାରୁ ଦୁଇ ବର୍ଷ ବିଳମ୍ବ**

କମ୍ପାନୀ ଦାବି କରିଛି ଯେ ସମସ୍ତ ଯୋଗାଣକାରୀ ସହମତ ଯୋଜନା ଅନୁସାରେ କାମ କରୁଛନ୍ତି ଏବଂ ବନ୍ଦେ ଭାରତ ସ୍ଲିପର ଟ୍ରେନକୁ କିନେଟ୍ ଦ୍ୱାରା ଡିଜାଇନ୍ ଏବଂ ସଂଲଗ୍ନ କରାଯାଇଥିଲା, ଯାହା ନିଶ୍ଚିତ କରେ ଯେ ପ୍ରକଳ୍ପ ସଠିକ୍ ରାସ୍ତାରେ ଗତି କରୁଛି। ୨୦୨୩ରେ ମୋଟ ୨୦୦ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ ପାଇଁ ଟେଣ୍ଡର ଜାରି କରାଯାଇଥିଲା, ଯାହା ମଧ୍ୟରୁ ୮୦ଟି ଟ୍ରେନ୍ ନିର୍ମାଣର ଦାୟିତ୍ୱ ଟିଟାଗଡ଼ ରେଳ ସଲ୍ୟୁସନ୍ସ ଏବଂ ଭେଲ୍‌ର ଯୌଥ ଉଦ୍ୟୋଗକୁ ଦିଆଯାଇଥିଲା।

## ବାରମ୍ବାର ଦର ବଢ଼ାଇଲେ କମ୍ପାନୀ

# ଚମକ ହରାଉଛି ସ୍ମାର୍ଟଫୋନ୍ ବଜାର

ନୂଆଦିଲ୍ଲୀ,୧୮।୭(ଏଜେନ୍ସି)

ମନ୍ଥର ପଡିଛି ସ୍ମାର୍ଟଫୋନ୍ ବିକ୍ରି। ଆଉ ନାହିଁ ସ୍ମାର୍ଟଫୋନ୍ କାରବାରର ସେ ପୂର୍ବ ଚମକ। କାରଣ ସ୍ମାର୍ଟଫୋନ୍ ବଜାରରେ ସମ୍ପ୍ରତି ଦେଖାଯାଇଛି ଏକ ବଡ଼ ପରିବର୍ତ୍ତନ। ଗତ ତିନି ବର୍ଷ ମଧ୍ୟରେ ସ୍ମାର୍ଟଫୋନ୍ ବିକ୍ରିରେ ଦେଖିବାକୁ ମିଳିଛି ସବୁଠାରୁ ବଡ଼ ହ୍ରାସ। ୧୫ ହଜାର ଟଙ୍କାରୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ବିକ୍ରି ଗତ ବର୍ଷ ତୁଳନାରେ ୪୫% ହ୍ରାସ ପାଇଛି। ଯାହାଫଳରେ ସ୍ମାର୍ଟଫୋନ୍ ବଜାରରେ ଏଭଳି ଏକ ବଡ଼ ମାନ୍ଦାବସ୍ଥା ଦେଖିବାକୁ ମିଳିଥିବା କାଉଣ୍ଟରପଏଣ୍ଟ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି।

ଜୁନ୍ ପ୍ରଥମ ତ୍ରୈମାସିକରେ ଦେଶର ସ୍ମାର୍ଟଫୋନ୍ ବଜାରରେ ବାର୍ଷିକ ଆଧାରରେ ୧୦% ବଡ଼ ହ୍ରାସ ରେକର୍ଡ କରାଯାଇଛି। ଏହା ୨୦୨୩ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକ ପରେ ଗତ ତିନି ବର୍ଷ ମଧ୍ୟରେ ସବୁଠାରୁ ବଡ଼ ତ୍ରୈମାସିକ ହ୍ରାସ। ଏହି ମାନ୍ଦାବସ୍ଥା ସ୍ମାର୍ଟଫୋନ୍ ର ବଜେଟ୍ ସେଗମେଣ୍ଟ ଉପରେ ସବୁଠାରୁ ଗୁରୁତର ପ୍ରଭାବ ପକାଇଛି। ବଜାରରେ ୧୫ ହଜାର ଟଙ୍କାରୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ବିକ୍ରି ଗତ ବର୍ଷ ତୁଳନାରେ ୪୫% ହ୍ରାସ ପାଇଛି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଏହି ମାନ୍ଦାବସ୍ଥା ଚୀନ୍ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡ଼ିକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। କାରଣ ସେମାନେ ସୁଲଭ ଏବଂ ମଧ୍ୟମ-ପରିସର ଡିଭାଇସ୍ ଉପରେ ଅଧିକ ନିର୍ଭର କରନ୍ତି। ଫଳସ୍ୱରୂପ, ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ସେମାନଙ୍କର ସାମଗ୍ରିକ ବଜାର ଅଂଶ ୨୦୨୦ ପରଠାରୁ ସର୍ବନିମ୍ନ ସ୍ତରକୁ ଖସିଗଲା।



- ତିନି ବର୍ଷ ମଧ୍ୟରେ କାରବାର ସବୁଠୁ ଖରାପ
- ୧୫ ହଜାର ତଳକୁ ଫୋନ୍‌ର ବିକ୍ରିରେ ୪୫% ହ୍ରାସ
- ଆପଲ୍ ଆଇଫୋନ୍ ବିକ୍ରି ୩% ହ୍ରାସ ପାଇଛି
- ସ୍ମାର୍ଟଫୋନ୍ ମୂଲ୍ୟରେ ୧୫% ବୃଦ୍ଧି
- ମୁଦ୍ରାସ୍ଫୀତି ଚାପରେ ନୂଆ ଫୋନ୍ କିଣୁନାହାନ୍ତି ଗ୍ରାହକ
- ଇଏମ୍ଆଇରେ ବିକ୍ରି ହୋଇଛି ଅଧା ଫୋନ୍

ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋର ବିକ୍ରିରେ ଦୁଇ ଅଙ୍କ ହ୍ରାସ ପାଇଛି, ହେଲେ କମ୍ପାନୀ ୧୭.୮% ବଜାର ଅଂଶ ସହିତ ଏହାର ଶୀର୍ଷ ସ୍ଥାନ ବଜାୟ ରଖିଛି। ତେବେ ଶ୍ରେଷ୍ଠ ୫ ଟି ବ୍ରାଣ୍ଡ ମଧ୍ୟରେ ୨% ବୃଦ୍ଧି ପଞ୍ଜୀକୃତ କରିବାରେ ସାମସଙ୍ଗ ଏକମାତ୍ର ବ୍ରାଣ୍ଡ ଥିଲା। ୧୭.୬% ବଜାର ଅଂଶ ସହିତ, ଏହା ଭିଭୋ ସହିତ ଏହାର ବ୍ୟବଧାନକୁ ଯଥେଷ୍ଟ ହ୍ରାସ କରିଥିଲା। ଅନ୍ୟତମ ବ୍ରାଣ୍ଡ ଓପୋ ୧୩.୬% ବଜାର ଅଂଶ ସହିତ ତୃତୀୟ ସ୍ଥାନରେ ରହିଛି। ୨୦ ହଜାର ଟଙ୍କାରୁ କମ୍ ମୂଲ୍ୟର ଫୋନର ପ୍ରବଳ ଚାହିଦା ଯୋଗୁଁ ଏହା ମାନ୍ଦାବସ୍ଥାର ମୁକାବିଲା କରିଥିଲା। ହେଲେ ବାରମ୍ବାର ମୂଲ୍ୟ ବୃଦ୍ଧି ଯୋଗୁଁ ସାଓମିର ଗ୍ରାହକ ଚାହିଦା ଦୁର୍ବଳ ହୋଇଛି। ବ୍ରାଣ୍ଡ ରିଅଲ୍‌ମିର ବିକ୍ରିରେ ମଧ୍ୟ ହ୍ରାସ ଦେଖାଦେଇଛି। ଏହାର ବଜାର ଅଂଶ ୧୦% ବଜାୟ ରହିଥିଲା। ଆପଲ୍ ଆଇଫୋନ୍ ୧୭ ସିରିଜର ପ୍ରବଳ ଚାହିଦା ସତ୍ତ୍ୱେ, ବ୍ରାଣ୍ଡର ବିକ୍ରି ୩% ହ୍ରାସ ପାଇଛି, ଯୋଗାଣ ଶୃଙ୍ଖଳା ସମସ୍ୟା ଏବଂ ଷ୍ଟକ୍ ଅଭାବ ଯୋଗୁଁ କମ୍ପାନୀର ବଜାର ଅଂଶ ୭% ରହିଛି।

କାଉଣ୍ଟରପଏଣ୍ଟର ବରିଷ୍ଠ ବିଶ୍ଳେଷକ ପ୍ରାଚୀର ସିଂହଙ୍କ ଅନୁଯାୟୀ, ଏହି ହ୍ରାସର ପ୍ରାଥମିକ କାରଣ ହେଉଛି ସ୍ମାର୍ଟଫୋନରେ ବ୍ୟବହୃତ ମେମୋରୀ (ରାମ୍ ଏବଂ ଷ୍ଟୋରେଜ୍) ମୂଲ୍ୟରେ ରେକର୍ଡ ବୃଦ୍ଧି। ୨୦୨୫ ସେପ୍ଟେମ୍ବର ପରଠାରୁ ସ୍ମାର୍ଟଫୋନ୍ ମେମୋରୀ ମୂଲ୍ୟ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ଏହା କମ୍ପାନୀଗୁଡ଼ିକୁ ଚଳିତବର୍ଷ ଫୋନ୍ ମୂଲ୍ୟ ଅନେକ ଥର ବୃଦ୍ଧି କରିବାକୁ ବାଧ୍ୟ କରିଥିଲା, ଯାହା ଫଳରେ ଜୁନ୍ ତ୍ରୈମାସିକ ଶେଷ ସୁଦ୍ଧା ହାରାହାରି ସ୍ମାର୍ଟଫୋନ୍ ମୂଲ୍ୟ ପ୍ରାୟ ୧୫% ବୃଦ୍ଧି ପାଇଛି। ଏହା ବ୍ୟତୀତ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଜନିତ ଚାପରେ ଗ୍ରାହକ ନୂତନ ଫୋନ୍ କିଣିବା କିମ୍ବା ଅପଗ୍ରେଡ୍ କରିବା ସ୍ଥଗିତ ରଖିଛି। ତେବେ ସ୍ଥିତିର ମନ୍ଦାବସ୍ଥାର ମୁକାବିଲା କରିବା ପାଇଁ, ଅନେକ ବ୍ରାଣ୍ଡ ପୁଣି ବଜେଟ୍ ସେଗମେଣ୍ଟରେ ସେମାନଙ୍କର ୪ଜି ପୋର୍ଟଫୋଲିଓକୁ ବିସ୍ତାର କରିଛନ୍ତି। କମ୍ପାନୀଗୁଡ଼ିକ ବିଶ୍ୱାସ କରନ୍ତି ଯେ ମୂଲ୍ୟ-ସଚେତନ ଗ୍ରାହକମାନେ ୫ଜି ଅପେକ୍ଷା କମ୍ ମୂଲ୍ୟର ୪ଜି ଫୋନ୍ ବାଛିଛନ୍ତି। ବିପରୀତରେ, ୪୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ପ୍ରିମିୟମ୍ ସ୍ମାର୍ଟଫୋନ୍ ପାଇଁ ବଜାର ପ୍ରାୟତଃ ସ୍ଥିର ରହିଛି। ଏଚ୍‌ଡିଏଫ୍‌ସିର କ୍ରେଡିଟ୍ କାର୍ଡ ଏବଂ ସହଜ ନୋ-କଷ୍ଟ ଇଏମ୍ଆଇ ସ୍କିମ୍ ଉଚ୍ଚ-ସମ୍ପନ୍ନ ଫୋନ୍‌ର ପ୍ରାରମ୍ଭିକ ମୂଲ୍ୟ ହ୍ରାସ କରିଛି, ଯାହା ଫଳରେ ଏହି ସେଗମେଣ୍ଟକୁ ପ୍ରଭାବିତ ହୋଇପାରିନାହିଁ। ରିପୋର୍ଟ ଅନୁଯାୟୀ, ଏହି ତ୍ରୈମାସିକରେ ମୋଟ ସ୍ମାର୍ଟଫୋନ୍ ବିକ୍ରିର ଅଧାରୁ ଅଧିକ ଫାଇନାନ୍ସିଂ (ଇଏମ୍ଆଇ) ମାଧ୍ୟମରେ କରାଯାଇଛି।

# ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସକ୍ରିୟ ହେବ ୟୁଏଏନ୍

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଏହାର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ବଡ଼ ପରିବର୍ତ୍ତନ କରିଛି। ଇପିଏଫ୍ଓ ଏବେ ଏହାର ସରକାରୀ ୱେବସାଇଟ୍‌ରୁ ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର (ୟୁଏଏନ୍) ଆକ୍ଟିବେସନ୍ ବା ସକ୍ରିୟକରଣ ଏବଂ ନୂତନ ୟୁଏଏନ୍ ଜେନେରେସନ୍ ସୁବିଧା ବନ୍ଦ କରିଦେଇଛି। ଉଭୟ ସେବାକୁ ବର୍ତ୍ତମାନ ଉମଙ୍ଗ ଆପ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ, ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆଧାର-ଆଧାରିତ ଫେସ୍ ଅଥେନ୍‌ଟିକେସନ୍ କୁ ବାଧ୍ୟତାମୂଳକ କରାଯାଇଛି।




## ଫେସ୍ ଅଥେନ୍‌ଟିକେସନ୍ ମଧ୍ୟ ଆବଶ୍ୟକ

ଇପିଏଫ୍ଓ ଅନୁଯାୟୀ, ଡାଟାବେସ୍ ଏକୀକୃତକରଣ ଏବଂ ସଫ୍ଟୱେର୍ ଅପଗ୍ରେଡ୍ ପରେ ଅନଲାଇନ୍ ସେବାଗୁଡ଼ିକୁ ଦ୍ରୁତ ଏବଂ ଅଧିକ ସୁରକ୍ଷିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଉଭୟ ସେବା ଉମଙ୍ଗ ଆପ୍‌କୁ ସ୍ଥାନାନ୍ତରିତ ହେବା ଫଳରେ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ୟୁଏଏନ୍‌କୁ ଆକ୍ଟିଭ୍ କରାଯାଇପାରିବ।

ତେବେ ୟୁଏଏନ୍ ସକ୍ରିୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବାକୁ, ଉମଙ୍ଗ ଆପ୍‌ରେ ୟୁଏଏନ୍ ସେବା ଥ୍ରୁ ଫେସ୍ ପ୍ରମାଣୀକରଣ' ଅନ୍ତର୍ଗତ ୟୁଏଏନ୍ ଆଲଟମେଣ୍ଟ ଏବଂ ଆକ୍ଟିଭେସନ୍ ବିକଳ୍ପକୁ ଯିବାକୁ ହେବ। ୟୁଏଏନ୍ ଆଧାର ନମ୍ବର ଏବଂ ମୋବାଇଲ୍ ନମ୍ବର ଏଣ୍ଟ୍ରି କରିବା ପରେ କନ୍‌ସେଣ୍ଟ ବକ୍ସରେ ଟିକ୍ କକରି ଓଟିପି ପଠାଇ କ୍ଲିକ୍ କରାଯିବ। ଏହା ସଫଳ ହେବା ପରେ ସ୍କ୍ରିନରେ ୟୁଏଏନ୍ ସକ୍ରିୟ ହୋଇଥିବା ମେସେଜ୍ ପ୍ରଦର୍ଶିତ ହେବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଇପିଏଫ୍ ଉପରେ ୮.୨୫% ସୁଧ ହାରକୁ ଅନୁମୋଦନ ଦେଇଛି। ଏହା କ୍ରମାଗତ ତୃତୀୟ ଥର ପାଇଁ ଯେବେ ଗ୍ରାହକମାନେ ୮.୨୫% ହାରରେ ସୁଧ ପାଉଛନ୍ତି। ଇପିଏଫ୍ଓ ନିୟମ ଅନୁଯାୟୀ, ଗ୍ରାହକମାନଙ୍କୁ ସର୍ବଦା ସେମାନଙ୍କର ଇପିଏଫ୍ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବାକୁ ପଡିବ। ଏହାର ଅର୍ଥ ହେଉଛି ଯଦି ଆପଣ ଚାକିରି କରୁଥିବା ସମୟରେ ଆଂଶିକ ଭାବରେ ପାଣ୍ଠି ଉଠାଇବାକୁ ଚାହାଁନ୍ତି, ତେବେ ଆପଣ ଆପଣଙ୍କର ମୋଟ ପାଣ୍ଠିର ସର୍ବାଧିକ ୭୫% ଉଠାଇପାରିବେ। କେବଳ ଚାକିରି ହରାଇବା କ୍ଷେତ୍ରରେ ସମ୍ପୂର୍ଣ୍ଣ ସମାଧାନ ଅନୁମତି ରହିଛି। ଉଦାହରଣ ସ୍ୱରୂପ ଯଦି ଜଣେ ଗ୍ରାହକଙ୍କ ଆକାଉଣ୍ଟରେ ମୋଟ ୨ ଲକ୍ଷ ଟଙ୍କା (କର୍ମଚାରୀ ଏବଂ କମ୍ପାନୀ ଅଂଶ ଉଭୟ ସମେତ) ଅଛି, ତେବେ ସେ ଆଂଶିକ ଭାବରେ ସର୍ବାଧିକ ୧.୫୦ ଲକ୍ଷ ଟଙ୍କା ବାଲାନ୍ସ ଉଠାଇପାରିବେ, ଯେତେବେଳେ କି ସର୍ବନିମ୍ନ ୫୦ ହଜାର ଟଙ୍କା ବାଲାନ୍ସ ଆକାଉଣ୍ଟରେ ରହିବ।

# ୫ଜି ନେଟ୍‌ୱର୍କରେ ଜିଓର ଦବଦବା

ମୁମ୍ବଇ,୧୮।୭: ୫ଜି ଏବଂ ଡିଜିଟାଲ୍ କନେକ୍ଟିଭିଟି ବଳରେ ଜିଓ ଏହାର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଏହି ଧାରା ରିଲାଏନ୍ସର ତ୍ରୈମାସିକ ଫଳାଫଳରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ଜିଓର ମୋଟ ଉପଭୋକ୍ତା ସଂଖ୍ୟା ଜୁନ ମାସ ଶେଷ ସୁଦ୍ଧା ୫୩ କୋଟି ୩୩ ଲକ୍ଷକୁ ବୃଦ୍ଧି ପାଇଥିବାବେଳେ ଜିଓ ଟ୍ରୁ ୫ଜି ଉପଭୋକ୍ତା ସଂଖ୍ୟା ୨୮ କୋଟି ୫୦ ଲକ୍ଷ ଅତିକ୍ରମ କରିଛି। ଗତ ୧୨ ମାସ ମଧ୍ୟରେ, ଜିଓର ୫ଜି ଉପଭୋକ୍ତା ସଂଖ୍ୟା ୭ କୋଟି ୩୦ ଲକ୍ଷ ବୃଦ୍ଧି ପାଇଛି। କେବଳ ୫ଜି ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇଛି ତାହା ନୁହେଁ; ଜିଓ ନେଟୱାର୍କରେ ୫ଜି ଡାଟା ଟ୍ରାଫିକ୍ ଏବେ ୪ଜି ଡାଟା ଟ୍ରାଫିକ୍ ତୁଳନାରେ ପ୍ରାୟ ଦେଢ଼ ଗୁଣ ହୋଇଛି। କମ୍ପାନୀର ତ୍ରୈମାସିକ ଆର୍ଥିକ ଫଳାଫଳରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡିଛି। ଜିଓ ନେଟୱାର୍କରେ ପ୍ରତି ଗ୍ରାହକଙ୍କ ପିଛା ମାସିକ ଡାଟା ବ୍ୟବହାର ୪୩.୭ ଜିବିକୁ ବୃଦ୍ଧି ପାଇଥିବା ବେଳେ ଏହି ତ୍ରୈମାସିକରେ ଜିଓ ନେଟୱର୍କରେ ମୋଟ ଡାଟା ଟ୍ରାଫିକ୍ ୨୬.୯ ପ୍ରତିଶତ ବୃଦ୍ଧି ପାଇ ୬୯.୪ ବିଲିୟନ ଜିବିରେ ପହଞ୍ଚିଛି।

# ଦୀପାବଳି ସୁଦ୍ଧା ୧.୬୦ ଲକ୍ଷ ଛୁଇଁବ ସୁନା

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ସୁନା ଏବଂ ରୂପା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ଅଗଷ୍ଟ ଡେଲିଭରି ପାଇଁ ସୁନା ପ୍ରତି ୧୦ ଗ୍ରାମ ମୂଲ୍ୟରେ ୬୫୮ ଟଙ୍କା ବୃଦ୍ଧି ଘଟି ୧,୪୧,୦୦୬ ଟଙ୍କାରେ ବନ୍ଦ ହୋଇଛି। ସେହିପରି ରୁପା ପ୍ରତି କିଲୋଗ୍ରାମ ୪୩୬ ଟଙ୍କା ବୃଦ୍ଧି ପାଇ ୨,୧୬,୪୪୯ ଟଙ୍କାରେ ବନ୍ଦ ହୋଇଛି। ହିସାବ ଅନୁଯାୟୀ, ଗୋଟିଏ ମାସରେ ସୁନା ମୂଲ୍ୟ ପ୍ରାୟ ୮% ହ୍ରାସ ପାଇଛି। ଏବେ ମୂଲ୍ୟ ହ୍ରାସ ପରେ ନିବେଶକମାନେ ଦରରେ ପୁନର୍ବାର ଦର ବୃଦ୍ଧି ଆଶା କରୁଛନ୍ତି। କିଛି ତେବେ ବଜାର ବିଶେଷଜ୍ଞଙ୍କ ମତରେ ଦୀପାବଳି ସୁଦ୍ଧା ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୬୦ ଲକ୍ଷ ଟଙ୍କାରେ ପହଞ୍ଚିପାରେ। ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ବୃଦ୍ଧି ପାଉଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ଆମେରିକୀୟ ଡଲାରର ମଜବୁତ ହେବା ନିବେଶକଙ୍କ ବିଶ୍ୱାସକୁ ପ୍ରଭାବିତ କରିଛି। ଯଦିଓ ଦୁର୍ବଳ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ସୁନା ଏବଂ ରୁପାକୁ କିଛି ସମର୍ଥନ ଯୋଗାଇଥିଲା, କିନ୍ତୁ ଏହା ଏହି ଚିନ୍ତାକୁ ଦୂର କରିପାରିଲାନାହିଁ ଯେ ବଢୁଥିବା ଉତ୍ତେଜନା ଫେଡେରାଲ ରିଜର୍ଭକୁ ସୁଧ ହାର ହ୍ରାସ କରିବାରୁ ବାଧା ଦେଇପାରେ। ଗତ ମାସରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଅସ୍ଥାୟୀ ଶାନ୍ତି ଚୁକ୍ତିନାମା ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଏବଂ ଏହି ସଦ୍ୟତମ ସଂଘର୍ଷର ପ୍ରଭାବ ଏ ପର୍ଯ୍ୟନ୍ତ ନୂତନ ମୁଦ୍ରାସ୍ଫୀତି ତଥ୍ୟରେ ସାମିଲ ହୋଇନାହିଁ। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସାମ୍ପ୍ରତିକ ହ୍ରାସ ସତ୍ତ୍ୱେ, ସୁନା ମୂଲ୍ୟରେ ଆଗକୁ ସେଭଳି ଉଲ୍ଲେଖନୀୟ ହ୍ରାସ ଆଶା କରାଯାଉନାହିଁ। ସେମାନେ କୁହନ୍ତି ଯେ ମୂଲ୍ୟ ବର୍ତ୍ତମାନ ସ୍ତରରେ ପ୍ରାୟ ସ୍ଥିର ହୋଇଛି ଏବଂ ସର୍ବାଧିକ ୫% ହ୍ରାସ ଆଶଙ୍କା କରାଯାଉଛି।



ମାସରେ ସୁନା ମୂଲ୍ୟ ୮% ହ୍ରାସ ପାଇଛି

ବର୍ତ୍ତମାନର ମୂଲ୍ୟରେ ସାମାନ୍ୟ ହ୍ରାସ ଅଳଙ୍କାର କ୍ରେତାଙ୍କ ପାଇଁ ଏକ ଭଲ ସୁଯୋଗ ହୋଇପାରେ। ତେଣୁ, ବିଶେଷଜ୍ଞମାନେ ତୀବ୍ର ମୂଲ୍ୟ ହ୍ରାସ ଆଶାରେ କ୍ରୟକୁ ସ୍ଥଗିତ ରଖିବା ବିରୁଦ୍ଧରେ ପରାମର୍ଶ ଦେଇଛନ୍ତି, କାରଣ ଆହୁରି ଗୁରୁତ୍ୱପୂର୍ଣ୍ଣ ହ୍ରାସର ସମ୍ଭାବନା ବହୁତ କମ୍। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଯଦି ଭୂ-ରାଜନୈତିକ ଉତ୍ତେଜନା କମିଯାଏ, ତେବେ ଘରୋଇ ବଜାରରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୬୦ ଲକ୍ଷ ଟଙ୍କାରେ ପହଞ୍ଚିପାରେ।

# ଶ୍ୟାମ ଷ୍ଟିଲ୍‌ର ନୂତନ ଇସ୍ପାତ କାରଖାନାର ଶିଳାନ୍ୟାସ

ନୂଆଦିଲ୍ଲୀ, ୧୮।୭: ପଶ୍ଚିମବଙ୍ଗର ମେଜିଆରେ ଶ୍ୟାମ ଷ୍ଟିଲ୍ ଗ୍ରୁପ ୧୦,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୨ ମିଲିୟନ୍ ଟନ୍ ପ୍ରତିବର୍ଷ (୨ ଏମଟିପିଏ) କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହାର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପରେ ଡିଆରଆଇ (ଡିଆରଆଇ) ୟୁନିଟ୍, ପେଲେଟ୍ ଓ ବେନିଫିସିଏସନ୍ ପ୍ଲାଣ୍ଟ, ଷ୍ଟିଲ୍ ମେଲ୍ଟିଂ ଶପ୍, ଉଚ୍ଚ କ୍ଷମତାସମ୍ପନ୍ନ ଟିଏମଟି ବାର୍ ଏବଂ ଷ୍ଟ୍ରକ୍ଚରାଲ୍ ଷ୍ଟିଲ୍ ରୋଲିଂ ମିଲ୍ ଆଦି ସ୍ଥାପନ କରାଯିବ। ଏହା ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି ସହ ୨୦୨୯-୩୦ ସୁଦ୍ଧା ୩୦୦ ମିଲିୟନ୍ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହାୟକ ହେବ। ୧୯୫୩ ମସିହାରେ ବେରିୱାଲା ପରିବାର ଦ୍ୱାରା ପ୍ରତିଷ୍ଠିତ କୋଲକାତା ଭିତିକ ଶ୍ୟାମ ଷ୍ଟିଲ୍ ଗ୍ରୁପ୍ ବର୍ତମାନ ବାର୍ଷିକ ୧.୫ ଏମ୍‌ଟିପିଏ ଇସ୍ପାତ ଉତ୍ପାଦନ କରୁଛି। ନୂତନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୩.୫ ଏମ୍‌ଟିପିଏକୁ ବୃଦ୍ଧି ପାଇବ ବୋଲି ଗ୍ରୁପର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି।



## ୮ମ ବେତନ ଆୟୋଗ ଗଠନକୁ ୮ ମାସ ବିତିଲାଣି

# ଦରମା,ପେନ୍‌ସନ୍ ବୃଦ୍ଧି ଅପେକ୍ଷାରେ କର୍ମଚାରୀ ଓ ପେନସନଭୋଗୀ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି)

ଅଷ୍ଟମ ବେତନ ଆୟୋଗ ୨୦୨୫ ନଭେମ୍ବରରେ ଗଠନ କରାଯାଇଥିଲା। ବର୍ତ୍ତମାନ ଆୟୋଗ ଗଠନକୁ ୮ ମାସରୁ ଅଧିକ ସମୟ ବିତିଗଲାଣି। ବେତନ ଆୟୋଗର ସଦସ୍ୟମାନେ ନିୟମିତ ଭାବରେ ବୈଠକ କରୁଛନ୍ତି। ହେଲେ କର୍ମଚାରୀ ଏବଂ ପେନସନଭୋଗୀମାନେ ଏ ପର୍ଯ୍ୟନ୍ତ ଦରମା ଏବଂ ପେନସନ ବୃଦ୍ଧିକୁ ଅପେକ୍ଷା କରିଛନ୍ତି। ୨୦୨୭ ଶେଷ ସୁଦ୍ଧା ଆୟୋଗ ତାଙ୍କର ଚୂଡାନ୍ତ ରିପୋର୍ଟ ଦାଖଲ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ କମିଟି ୨୦୨୫ ଜାନୁଆରୀରେ ୮ମ ବେତନ କମିଶନକୁ ଅନୁମୋଦନ କରିଥିଲା। ପରେ ୨୦୨୫ ନଭେମ୍ବର ୩ରେ ଏହା ଗଠିତ ହୋଇଥିଲା। କମିଶନ ଗଠନ ହେବାର ୮ ମାସ ଶେଷ ହୋଇଥିବାବେଳେ ଆଉ ମାତ୍ର ୧୦ ମାସ ବାକି ଅଛି। ଅନେକ ଚାକିରିଆଙ୍କ ଆଶା ୮ମ ବେତନ ଆୟୋଗ ଉପରେ କେବେ ନିଷ୍ପତ୍ତି ନିଆଯିବ। କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ପେନସନ କେବେ ବୃଦ୍ଧି ହେବ ? ତେଣୁ, ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ କେନ୍ଦ୍ର ସରକାର କମିଶନକୁ ୧୮ ମାସ ସମୟ ଦେଇଛନ୍ତି। ଏହାର ଅର୍ଥ ସେମାନଙ୍କର ଏ ପର୍ଯ୍ୟନ୍ତ ୧୦ ମାସ ବାକି ଅଛି। ନିକଟରେ, କମିଶନ କୋଲକାତାରେ ବୈଠକ ସମାପ୍ତ କରିଛନ୍ତି। କୋଲକାତା ପୂର୍ବରୁ, ବେତନ କମିଶନ ଦିଲ୍ଲୀ, ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ଭଳି ସହରରେ ବୈଠକ କରିଛନ୍ତି। ବୈଠକ ୨୦୨୬ ଏପ୍ରିଲରେ ଆରମ୍ଭ ହୋଇଥିଲା। ବିଭିନ୍ନ ସହରରେ ବୈଠକ ମାଧ୍ୟମରେ, କମିଶନ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପ୍ରତିନିଧି ଏବଂ ସଂଗଠନଙ୍କଠାରୁ ସେମାନଙ୍କର ଦାବି ବିଷୟରେ ସୂଚନା ସଂଗ୍ରହ କରୁଛନ୍ତି। ଏହା ଉପରେ ଆଧାର କରି କେନ୍ଦ୍ର ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ। କର୍ମଚାରୀମାନେ ଆଶା କରୁଛନ୍ତି ଯେ ୩.୬୮ ଗୁଣରୁ ୩.୮୩ ଗୁଣ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର କାର୍ଯ୍ୟକାରୀ ହୋଇପାରିବ। ୨୦୨୭ ଶେଷ ସୁଦ୍ଧା କମିଶନ ସରକାରଙ୍କୁ ତାଙ୍କର ରିପୋର୍ଟ ଉପସ୍ଥାପନ କରିବେ ବୋଲି ଆଶା କରାଯାଉଛି।




## ୨୦୨୭ ଶେଷ ସୁଦ୍ଧା ଆସିବ ଆୟୋଗଙ୍କ ରିପୋର୍ଟ

ଏହା ପରେ, କେନ୍ଦ୍ର ସରକାର ରିପୋର୍ଟ ଉପରେ ଆଧାର କରି, ଫିଟମେଣ୍ଟ ଫ୍ୟାକ୍ଟର ଏବଂ ବୃଦ୍ଧି ପରିମାଣ ନିଷ୍ପତ୍ତି ନେବେ। କେନ୍ଦ୍ର ସରକାର କମିଶନ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ସମ୍ପୂର୍ଣ୍ଣ ବୋଲି ବିବେଚନା କରିବା ଆବଶ୍ୟକ ନୁହେଁ। ଏହା ସହିତ, ରିପୋର୍ଟ ଉପସ୍ଥାପନର ଅର୍ଥ ଏହା ନୁହେଁ ଯେ ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହୋଇଛି। ସରକାର ପରେ ନିଷ୍ପତ୍ତି ନେବେ ଯେ କମିଶନଙ୍କ ସୁପାରିଶ କେବେ କାର୍ଯ୍ୟକାରୀ ହେବ।

କର୍ମଚାରୀ ଏବଂ ପେନସନଭୋଗୀମାନେ ଆଶା କରୁଛନ୍ତି ଯେ ଏହି ସୁପାରିଶଗୁଡ଼ିକ ୨୦୨୬ ଜାନୁଆରୀ ୧ରୁ ପିଛିଲା ଭାବରେ କାର୍ଯ୍ୟକାରୀ ହେବ। ଯଦିଓ ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହେବାକୁ ସମୟ ଲାଗେ ଏବଂ ସରକାର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ପିଛିଲା ଭାବରେ ସୁବିଧା ପ୍ରଦାନ କରିବାକୁ ରାଜି ହୁଅନ୍ତି, ଏହା ୫୦ ଲକ୍ଷ କର୍ମଚାରୀ ଏବଂ ୭୦ ଲକ୍ଷ ପେନସନଭୋଗୀଙ୍କୁ ଯଥେଷ୍ଟ ଲାଭ ଦେଇପାରିବ। ଯଦି ୨୦୨୬ ରୁ ଲାଗୁ ହୁଏ, ତେବେ କର୍ମଚାରୀମାନେ ୧୮ ରୁ ୨୪ ମାସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବକେୟା ପାଇପାରିବେ। ଏହା ଉଲ୍ଲେଖନୀୟ ଯେ ୭ମ ବେତନ କମିଶନର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୩୧ରେ ଶେଷ ହୋଇଥିଲା।

# ପଟିଆରେ 'ଅର୍ଗାନେଲ୍ ଫାର୍ମ'ର ନୂଆ ରିଟେଲ୍ ଷ୍ଟୋର୍



ଭୁବନେଶ୍ୱର, ୧୬।୭: ନିଜର ଅଭିବୃଦ୍ଧି ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରି ଓଡ଼ିଶାର ଅର୍ଗାନିକ୍ ବ୍ରାଣ୍ଡ ଅର୍ଗାନେଲ୍ ଫାର୍ମସ୍ ଆଜି ଭୁବନେଶ୍ୱରର ଦ୍ରୁତ ବିକାଶଶୀଳ ଏବଂ ବ୍ୟସ୍ତତମ ଆବାସିକ-ବାଣିଜ୍ୟିକ ଅଞ୍ଚଳ ପଟିଆର କଳାରାହାଙ୍ଗ, ଜେଡ୍ – ୧ ଆପାର୍ଟମେଣ୍ଟ ନିକଟରେ ଏହାର ଆଉ ଏକ ରିଟେଲ୍ ଷ୍ଟୋର୍‌ର ଉଦ୍‌ଘାଟନ କରିଛି। ମୁଖ୍ୟ ଅତିଥି ଭାବେ ଏମ୍‌ଜିଏମ୍ ଗ୍ରୁପ୍‌ର ପ୍ରତିଷ୍ଠାତା ରାଜୀବ ଲୋଚନ ମହାନ୍ତି ଏହି ଷ୍ଟୋର୍‌କୁ ଉଦ୍‌ଘାଟନ କରିଥିବା ବେଳେ ଓଲିଉଡ୍ ଅଭିନେତା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶାର ଦୁଇ ସଫଳ ଉଦ୍ୟୋଗୀ ପୁନମ ମହାପାତ୍ର ଏବଂ ତନୁଜ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଅର୍ଗାନେଲ୍ ଫାର୍ମ୍ସ' ଏକ ସମନ୍ୱିତ ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ଅନୁସରଣ କରୁଛି । ବୌଦ୍ଧ ଜିଲ୍ଲାରେ କମ୍ପାନୀର ୪୦୦ ଏକରରୁ ଅଧିକ ଚାଷ ଜମି ରହିଛି । ସେଠାରେ ୭୦ରୁ ଅଧିକ ସାହିୱାଲ ଗାଇ, ୨୦୦ରୁ ଅଧିକ ମହୁମାଛି ବକ୍ସ ଏବଂ ୧,୨୦୦ରୁ ଅଧିକ କୁକୁଡା ପାଳନ କରାଯାଉଛି । ଏହାସହ ଭୁବନେଶ୍ୱରର ପାଟିଆରେ କମ୍ପାନୀର ନିଜସ୍ୱ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ରହିଛି, ଯାହା ଚାଷଜମିରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସାମଗ୍ରୀର ଗୁଣବତ୍ତା ସୁନିଶ୍ଚିତ କରୁଛି। ଏହି ଷ୍ଟୋର୍‌ରେ ଡାଲି, ମହୁ, ଏ୨ ଘିଅ, ମସଲା, ଖାଇବା ତେଲ, ଡ୍ରାଏ ଫ୍ରୁଟ୍ସ, ତାଜା ଫଳ ଓ ପନିପରିବା ସମେତ ବିଭିନ୍ନ ପ୍ରକାରର ଜୈବିକ ଓ ପ୍ରାକୃତିକ ଉପାୟରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଉପଲବ୍ଧ।






## ଚାମ୍ପିଅନଙ୍କୁ ମିଳିବ ୪୮୧.୪୩ କୋଟି ଟଙ୍କା

ନ୍ୟୁୟର୍କ,୧୮।୭ (ଏଜେନ୍ସି): ଫିଫା ପକ୍ଷରୁ ବିଶ୍ୱକପ୍‌ରେ ୮୭୧ ମିଲିୟନ ଆମେରିକୀୟ ଡଲାର ବା ୮୩୮୬.୪୬ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ୨୦୦ ମିଲିୟନ ବା ୧୯୨୫ କୋଟି ଟଙ୍କା ବିଭିନ୍ନ ଦଳକୁ ପ୍ରୋତ୍ସାହନ ରାଶି ଦିଆଯିବ। ଚାମ୍ପିଅନ ଦଳକୁ ସର୍ବାଧିକ ୪୮୧.୪୩ କୋଟି ଟଙ୍କା ମିଳିବ। ଏହା ବ୍ୟତୀତ ଫିଫା ବିଶ୍ୱକପ୍ ଟ୍ରଫି ମଧ୍ୟ ପ୍ରଦାନ କରାଯିବ। ରନର୍ସଅପ୍ ହୋଇଥିବା ଦଳକୁ ୩୧୭.୭୪ କୋଟି ଟଙ୍କା ମିଳିବ। ତୃତୀୟ ସ୍ଥାନିତ ଦଳକୁ ୨୭୯.୨୨, ଚତୁର୍ଥ ସ୍ଥାନିତ ଦଳକୁ ୨୫୯.୯୭ କୋଟି ଟଙ୍କା ମିଳିବ। ୫ମରୁ ୮ମ ସ୍ଥାନିତ ଦଳଙ୍କୁ ୧୮୨.୯୪ କୋଟି ଟଙ୍କା ଲେଖାଏଁ ଏବଂ ୩୨ତମରୁ ୪୮ତମ ଦଳକୁ ୮୬.୬୫ କୋଟି ଲେଖାଏଁ ଟଙ୍କା ମିଳିବ। ଏହା ଛଡ଼ା ପ୍ରତ୍ୟେକ ଅଂଶଗ୍ରହଣ କରିଥିବା ଦେଶଗୁଡିକୁ ୧୪.୪୪ କୋଟି ଟଙ୍କା ପ୍ରଦାନ କରାଯିବ।

## ଟ୍ରମ୍ପ ଓ ସାନ୍‌ଚେଜ୍ ଫାଇନାଲର ଅତିଥି

ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବାକୁ ଥିବା ବିଶ୍ୱକପ ଫାଇନାଲରେ ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ ଅତିଥିଭାବେ ଯୋଗଦେବେ। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଉଭୟ ସ୍ପେନ୍ ପ୍ରଧାନମନ୍ତ୍ରୀ ଓ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ମିଲେଇ ଅନୁରୋଧ ରକ୍ଷା କରି ନ ଥିଲେ। ରାଷ୍ଟ୍ରପତି ଟ୍ରମ୍ପ ଓ ଫିଫା ସଭାପତି ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିବେ।

## ଫାଇନାଲ ହାଫ୍‌ଟାଇମ୍‌ରେ ଅଧଘଣ୍ଟାର ସମାରୋହ

ନ୍ୟୁଜର୍ସିର ମେଟଲାଇଫ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ର ଫାଇନାଲରେ ଉଦ୍‌ଯାପନୀ ସମାରୋହ ୩୦ ମିନିଟ ଯାଏ ହେବ ବୋଲି ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହି ସମାରୋହ କୋଲ୍ଡପ୍ଲେ'ର କ୍ରିସ୍ ମାର୍ଟିନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ ସାକିରା, ମାଡୋନା, ଜଷ୍ଟିନ ବିଏବେର, ବୁର୍ଣ୍ଣା ବୟ ଓ ଗୁସ୍ତାଭୋ ଡୁଡାମେଲ ସଂଗୀତ ପରିବେଷଣ କରିବେ। ପିଏସ୍ ୨୨ କୋରସ୍ ଗ୍ରୁପ୍ ମଧ୍ୟ ଏଥିରେ ଭାଗ ନେବ। ପୂର୍ବରୁ ଫିଫା ଦ୍ୱାରା ଆୟୋଜିତ ୨୦୨୪ କୋପା ଆମେରିକା ଓ ୱାର୍ଲ୍ଡ କ୍ଲବ୍ ଫୁଟବଲ ଫାଇନାଲରେ ଏହି ସମାରୋହ ୨୦ ମିନିଟ୍ ଧରି ଚାଲିଥିଲା।

## ଭିନ୍‌ସିଚ୍ ଫାଇନାଲ ରେଫ୍‌ରୀ



ସ୍ଲୋଭେନିଆର ୪୬ବର୍ଷୀୟ ସ୍ଲାଭ୍‌କୋ ଭିନ୍‌ସିଚ୍ ଆର୍ଜେଣ୍ଟିନା-ସ୍ପେନ୍ ଫିଫା ବିଶ୍ୱକପ୍ ମ୍ୟାଚ୍ ପରିଚାଳନା କରିବା ଲାଗି ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଲାଇନ୍‌ରେ ସହାୟତା କରିବେ ନିଜ ଦେଶରୁ ଦୁଇ ଆସିଷ୍ଟାଣ୍ଟ ରେଫରୀ ଟୋମାସ କ୍ଲାଙ୍କନିଚ୍ ଓ ଆନ୍ଦ୍ରାଚ୍ କୋଭାସିଚ୍ ସହଯୋଗ କରିବେ। ଜୋର୍ଡାନ୍‌ର ଆଧାମ ମାଖଧିମେ ଚତୁର୍ଥ ଏବଂ ମହମ୍ମଦ୍ ଅଲଖିଲାଫ ରିଜର୍ଭ ଆସିଷ୍ଟାଣ୍ଟ ରେଫରୀ ନିଯୁକ୍ତି ପାଇଛନ୍ତି। ଭିନ୍‌ସିଚ୍ ୫୧୨ଟି ମ୍ୟାଚ୍ ପରିଚାଳନା କରିଥିଲାବେଳେ ଫାଇନାଲ ତାଙ୍କ ଚତୁର୍ଥ ମ୍ୟାଚ୍ ହେବ। ଫିଫା ବିଶ୍ୱକପ୍ ଫାଇନାଲ ପରିଚାଳନା କରିବାରେ ସେ ହେବ ବିଶ୍ୱର ୨୩ତମ ରେଫରୀ।

# ଫିଫା ବିଶ୍ୱକପ୍ ଗ୍ରାଣ୍ଡ ଫାଇନାଲ୍ ଆଜି

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଆର୍ଜେଣ୍ଟିନା ● ୧୬ ବର୍ଷ ପରେ ଚାମ୍ପିଅନ ଆଶାରେ ସ୍ପେନ୍

ନ୍ୟୁୟର୍କ,୧୮।୭ (ଏଜେନ୍ସି):

ବିଶ୍ୱର ଶ୍ରେଷ୍ଠ ୪୮ଟି ଦେଶ ଗତ ୩୮ ଦିନ ହେଲା ଉତ୍ତର ଆମେରିକାର ୧୬ଟି ସହରରେ ଗୋଟିଏ ଲକ୍ଷ୍ୟ ଫିଫା ବିଶ୍ୱକପ୍ ଟ୍ରଫି ଜିତିବା ନେଇ ଫୁଟବଲ ମହାସମରରେ ଅବତୀର୍ଣ୍ଣ ହୋଇଥିଲେ। ଏହି ମହାସମରର ମୋଟ୍ ୧୦୩ଟି ମ୍ୟାଚ୍ ୩ଟି ଦେଶର ୧୬ଟି ଖେଳପଡ଼ିଆରେ ଖେଳାଯାଇସାରିଛି। ଏବେ ଆଉ ମାତ୍ର ଗୋଟିଏ ଦିନ ବାକି ରହିଛି। ତାହା ହେଉଛି ବିଶ୍ୱକପ୍‌ର ଗ୍ରାଣ୍ଡ ଫାଇନାଲ। ଡିଫେଣ୍ଡିଂ ଚାମ୍ପିଅନ ବା ୨୦୨୨ କତାରରେ ଅନୁଷ୍ଠିତ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନା ଓ ୨୦୨୪ରେ ୟୁରୋକପ୍ ଚାମ୍ପିଅନ ସ୍ପେନ୍ ମଧ୍ୟରେ ଗ୍ରାଣ୍ଡ ଫାଇନାଲ ମୁକାବିଲା ଖେଳାଯିବ। ନ୍ୟୁୟର୍କର ନ୍ୟୁଜର୍ସୀ ସ୍ଥିତି ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ରାତି ୧୨ଟା ୩୦ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ହାଇଭୋଲଟେଜ ମ୍ୟାଚକୁ ନେଇ ଫୁଟବଲପ୍ରେମୀଙ୍କ ମନରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।



ସ୍ପେନର ମିକେଲ ମେରିନୋ

### କେମିତି ରହିଛି ସ୍ପେନ୍‌ର ପ୍ରଦର୍ଶନ

ସ୍ପେନ୍ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ପଦାର୍ପଣକାରୀ କେପ୍ ଭର୍ଡ ସହ ଗୋଲଶୂନ୍ୟ ମୁକାବିଲାରୁ ସ୍ପେନ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଆଲଜେରିଆ ଓ ଭାଗ୍ୟବଳରେ ଉରୁଗୁଏକୁ ହରାଇବା ପରେ ରାଉଣ୍ଡ ଅଫ୍ ୩୨ରେ ଅଷ୍ଟ୍ରିଆକୁ ସହଜରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲ ଖେଳିଥିଲା। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ଓ କ୍ୱାର୍ଟରରେ ବେଲଜିୟମ ଭଳି ଦୁଇଟି ଶକ୍ତିଶାଳୀ ଟିମ୍ ବିପକ୍ଷରେ ଲଢ଼େଇ କରି ସେମିରେ ପ୍ରବେଶ କରିଥିଲା ସ୍ପେନ୍। ଚଳିତ ବିଶ୍ୱକପ୍‌ର ସର୍ବାଧିକ ଫେବରାଇଟ୍ ଟିମ୍ ଫ୍ରାନ୍ସକୁ ସେମିଫାଇନାଲରେ ପରାସ୍ତ କରିବାରେ ସ୍ପେନ୍ ଦେଖାଇଥିଲା ଅସଲ ଖେଳ। ଏହି ମ୍ୟାଚ୍‌କୁ ପୂରା ନିୟନ୍ତ୍ରଣରେ ରଖିବା ସହ ୨-୦ ଗୋଲରେ ଏମବାପେ-ଡେମ୍ବେଲେ-ଓଲିସେ-ବ୍ରାକୋଲାଙ୍କ ଫରୱାର୍ଡ ବାହିନୀକୁ ଅଚଳ କରିଦେଇଥିଲା।

**ଦକ୍ଷତା:** ସ୍ପେନ୍ ଦଳର ଶକ୍ତି ହେଉଛି ଦମ୍‌ଦାର ମିଡ୍‌ଫିଲ୍ଡ ଓ ଡିଫେନ୍ସ। ଦଳ ଏଯାଏ ୭ଟି ମ୍ୟାଚ୍ ଖେଳିଥିଲାବେଳେ ମାତ୍ର ଗୋଟିଏ ଗୋଲ ବେଲଜିୟମଠାରୁ ବରଣ କରିଛି। କିନ୍ତୁ ଦଳ ନିକଟରେ ଗୋଲ ଦେବାର କ୍ଷମତା କମ୍। ଚାର୍ଲସ ଡି କେଟେଲେୟାର ଏହି ଗୋଲଟି ସ୍କୋର କରିଥିଲେ। ଗୋଲରକ୍ଷକ ୟୁନାଇ ସାଇମନ୍‌ଙ୍କୁ ଏଯାଏ ଆଉ କେହି ପରାସ୍ତ କରିପାରି ନାହାନ୍ତି। ଦଳ ଲିଗ୍ ପର୍ଯ୍ୟାୟରେ ଭଲ ଖେଳି ନ ଥିଲେ ମଧ୍ୟ ୩ଟି ଯାକ ନକ୍‌ଆଉଟ ଗେମ୍‌ରେ ପରଫେକ୍ଟ ଫୁଟବଲ ଖେଳ ପ୍ରଦର୍ଶନ କରିଛି। ପ୍ରି-କ୍ୱାର୍ଟର ସୁପର ସବ (ବଦଳ) ଖେଳାଳି ମିକେଲ ମେରିନୋ ସ୍ପେନର ଦେବଦୂତ ସାଜି ଦଳକୁ ବିଜୟୀ କରାଇଛନ୍ତି। ୨୦୧୦ରେ ଚାମ୍ପିଅନ ହୋଇଥିବା ସ୍ପେନ ୧୬ ବର୍ଷ ପରେ ପୁଣିଥରେ ଇତିହାସ ରଚିବା ଲକ୍ଷ୍ୟରେ ରହିଛି।

### ଆର୍ଜେଣ୍ଟିନା

ସ୍ପେନ୍‌ର ବିପରୀତ ଖେଳ ପ୍ରଦର୍ଶନ କରିଛି ଏହି ଚାମ୍ପିଅନ ଦଳ ଆର୍ଜେଣ୍ଟିନା। ସୁପରଷ୍ଟାର ଲିଓନେଲ ମେସିଙ୍କ ମ୍ୟାଜିକ୍ ବଳରେ ଦଳ ଲିଗ୍ ପର୍ଯ୍ୟାୟରେ ୮-୧ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ଏହା ପରେ ଦଳ ବିଦା ହେବା ସ୍ଥିତିରୁ ଫେରି ମ୍ୟାଚ ଜିତିଥିଲା। ନକ୍‌ଆଉଟ ପର୍ଯ୍ୟାୟରେ ଦଳ ଗୋଲ ସ୍କୋର କରିବା କଷ୍ଟକର ହୋଇଥିଲା। ଏହା ଦ୍ୱିତୀୟାର୍ଦ୍ଧର ଷ୍ଟପେଜ୍ ଟାଇମ୍ କିମ୍ବା ଅତିରିକ୍ତ ସମୟରେ ଗୋଲ ଦେଇ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡ ବିପକ୍ଷ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳର ଆତ୍ମଘାତୀ ଗୋଲରେ ଜିତିଥିଲା ଏହି ଟିମ୍। ରାଉଣ୍ଡ ଅଫ୍-୧୬ରେ ଆର୍ଜେଣ୍ଟିନା ୭୫ ମିନିଟ୍‌କାଳ ଇଜିପ୍ଟ ନିକଟରୁ ୨-୦ ଗୋଲରେ ପଛୁଆ ରହିବା ପରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଦଳ ୧୩ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲାବେଳେ ୯୨ତମ ମିନିଟ୍‌ରେ ଏଞ୍ଜୋ ଫର୍ଣ୍ଣାଣ୍ଡିଜ୍ ବିଜୟସୂଚକ ଗୋଲ ସ୍କୋର କରିଥିଲେ। ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ଖେଳର ୧୧୨ତମ ମିନିଟ୍‌ରେ ଜୁଲିଆନ୍ ଆଲଭାରେଜ୍ ଓ ୧୧୯ତମ ମିନିଟରେ ଲୌଟାରୋ ମାର୍ଟିନେଜ ଗୋଲ ସ୍କୋର କରିଥିଲେ। ସେମିଫାଇନାଲରେ ୮୫ତମ ମିନିଟ୍‌ରେ ଫର୍ଣ୍ଣାଣ୍ଡେଜ୍ ଓ ୯୨ତମ ମିନିଟ୍‌ରେ ମାର୍ଟିନେଜ୍ ହେଡର ଜରିଆରେ ଗୋଲ ଦେଇ ଦଳକୁ ଫାଇନାଲରେ ପ୍ରବେଶ କରାଇଥିଲେ। ଆର୍ଜେଣ୍ଟିନା ରବିବାର ଯଦି ବିଜୟୀ ହୁଏ ତେବେ ୪ର୍ଥଥର ଲାଗି ଚାମ୍ପିଅନ ହେବ।

### ମେସି ବନାମ ଜମାଲ

ଫାଇନାଲ ମୁକାବିଲାରେ ଯଦି ଉଭୟ ଦଳର ତାରକା ଖେଳାଳିଙ୍କୁ ସୁଯୋଗ ମିଳେ, ତେବେ ଆଖିପିଛୁଳାକେ ଗୋଲ ଦେବାର ଦକ୍ଷତା ରଖିଛନ୍ତି ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ଓ ସ୍ପେନ୍ ଯୁବ ଖେଳାଳି ଲାମିନେ ଜମାଲ। ୩୯ ବର୍ଷୀୟ ମେସି ଷଷ୍ଠ ବିଶ୍ୱକପ୍ ଖେଳୁଛନ୍ତି। ଚଳିତ ସଂସ୍କରଣରେ ସେ ୮ଟି ଗୋଲ ଦେବା ଓ ୪ଟି ଗୋଲ କରାଇବାରେ ସହାୟତା କରି ଗୋଲ୍ଡେନ ବୁଟ୍ ରେସ୍‌ରେ ରହିଛନ୍ତି। ଏଠାରେ ସେ ଶେଷଥର ବିଶ୍ୱକପ୍ ଖେଳୁଥିଲେ ମଧ୍ୟ ଅନ୍ୟ ଯୁବ ଖେଳାଳିଙ୍କ ପରି ସ୍ମାର୍ଟ ଅଛନ୍ତି। ଅନ୍ୟପକ୍ଷରେ ସ୍ପେନର ଜମାଲ ଏହି ସଂସ୍କରଣରେ ଅଧିକ ଗୋଲ କରିନାହାନ୍ତି ସତ, କିନ୍ତୁ ତାଙ୍କ ବିଦ୍ୟୁତସମ ଉପସ୍ଥିତି ପ୍ରତିପକ୍ଷ ଡିଫେଣ୍ଡରଙ୍କ ଲାଗି ସର୍ବଦା ବିପଦ ସୃଷ୍ଟି କରିଛି। ଏବେ ସେ ଫିଟ୍ ହେବା ସହ ଫର୍ମକୁ ଫେରିଥିବାରୁ ଫାଇନାଲରେ ତାଙ୍କ ଅସଲ ଖେଳ ଦେଖାଇବେ ବୋଲି ଆଶା। ଉଭୟ ଖେଳାଳି ବାର୍ସିଲୋନା ଏକାଡେମୀରେ ପ୍ରଶିକ୍ଷଣ ନେବା ପରେ ଏହି କ୍ଲବ୍ ପକ୍ଷରୁ ଖେଳିଥିଲେ। ଏକାଡେମୀ ପକ୍ଷରୁ ମେସିଙ୍କୁ ଅତୀତ ଓ ବର୍ତ୍ତମାନ ଏବଂ ଜମାଲଙ୍କୁ ବର୍ତ୍ତମାନ ଓ ଭବିଷ୍ୟତର ଷ୍ଟାର ଭାବେ ବର୍ଣ୍ଣନା କରିଛି।

ପ୍ରକୃତରେ ଦେଖିବାକୁ ଗଲେ ଫାଇନାଲ ମୁକାବିଲାରେ ସ୍ପେନ୍‌ର ମିଡ୍ ଫିଲ୍ଡ ଓ ଡିଫେନ୍ସ ସହ ଆର୍ଜେଣ୍ଟିନାର ଦ୍ୱିତୀୟ ଭାଗ ଖେଳ ମୁକାବିଲା ହେବ। ସ୍ପେନ୍ କାହାରିକୁ ଗୋଲ ଦେବାକୁ ସୁଯୋଗ ଦେଉ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧ ବା ବିଶେଷ କରି ହାଇଡ୍ରେସନ ପରେ ଖେଳୁଥିବା ଆର୍ଜେଣ୍ଟିନାକୁ ଅଟକାଇବା କଷ୍ଟକର।

| ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନାର ପ୍ରଦର୍ଶନ | | |
|---|---|---|
| ୧୯୩୦ | ଆର୍ଜେଣ୍ଟିନା ୨ | ଉରୁଗୁଏ ୪ |
| ୧୯୭୮ | ଆର୍ଜେଣ୍ଟିନା ୩ | ନେଦରଲ୍ୟାଣ୍ଡସ୍ ୧ଛ |
| ୧୯୮୬ | ଆର୍ଜେଣ୍ଟିନା ୩ | ପଶ୍ଚିମ ଜର୍ମାନୀ ୨ |
| ୧୯୯୦ | ଆର୍ଜେଣ୍ଟିନା ୦ | ପଶ୍ଚିମ ଜର୍ମାନୀ ୧ |
| ୨୦୧୪ | ଆର୍ଜେଣ୍ଟିନା ୦ | ଜର୍ମାନୀ ୧ଛ |
| ୨୦୨୨ | ଆର୍ଜେଣ୍ଟିନା ୩ | ଫ୍ରାନ୍ସ ୩ |
| (ପେନାଲ୍ଟି ସୁଟ୍‌ଆଉଟ:ଆର୍ଜେଣ୍ଟିନା ୪- ଫ୍ରାନ୍ସ ୨) | | |
| ବିଦ୍ର: ଛ-- ଅତିରିକ୍ତ ସମୟ ଖେଳରେ | | |

**ବିଶ୍ୱକପ୍ ଫାଇନାଲ**
**ସ୍ପେନ୍ ବନାମ ଆର୍ଜେଣ୍ଟିନା**
ମିଆମି | ରବିବାର ରାତି ୧୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ (ୟୁନାଇଟ୍ ୮ ସ୍ପୋର୍ଟ୍ସ-୧ ଓ ୨, ଦୂରଦର୍ଶନ ସ୍ପୋର୍ଟ୍ସ ଚ୍ୟାନେଲ)
ଲାଇଭ୍ ଷ୍ଟ୍ରିମିଂ: ଜୀ-୫ ଆପ୍

## ଫାଇନାଲରେ ଗୁରୁ-ଶିଷ୍ୟ ଲଢ଼େଇ

ନ୍ୟୁୟର୍କ, ୧୮।୭ (ଏଜେନ୍ସି): ବିଶ୍ୱର ଦୁଇ ଶ୍ରେଷ୍ଠ ଫୁଟବଲ ଦଳ ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ରବିବାର କେବଳ ଫାଇନାଲ ମୁକାବିଲା ହେବ ନାହିଁ ବରଂ ବିଶ୍ୱର ଦୁଇ ଶ୍ରେଷ୍ଠ କୋଚ୍ ତଥା ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଏହି ଦୁଇ ମୁଖ୍ୟକୋଚ ହେଉଛନ୍ତି ସ୍ପେନର ଲୁଇସ୍ ଡି ଲା ଫୁଏଣ୍ଟ ଏବଂ ଶିଷ୍ୟ ତଥା ଆର୍ଜେଣ୍ଟିନାର ଲିଓନେଲ ସ୍କୋଲାନି। ଉଭୟଙ୍କ ପ୍ରଶିକ୍ଷଣରେ ସେମାନଙ୍କ ଟିମ୍ ଅନେକ ସଫଳତା ହାସଲ କରିଛି। ଡି ଲା ଫୁଏଣ୍ଟଙ୍କ ପ୍ରଶିକ୍ଷଣରେ ସ୍ପେନ୍ ୧୯ବର୍ଷରୁ କମ୍, ୨୦୨୪ରେ ସିନିଅର ବିଭାଗରେ ୟୁରୋପୀୟ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସ୍କୋଲାନିଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ୨୦୨୧ରେ କୋପା ଆମେରିକା, ୨୦୨୨ରେ ଫିନାଲିସିମା ଓ ୨୦୨୨ରେ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏଠାରେ ଚାମ୍ପିଅନ ହେଲେ ସ୍କୋଲାନି ଇଟାଲୀର ଭିଟ୍ଟୋରିଓ ପୋଜିଙ୍କ ପରେ ୨ଟି ବିଶ୍ୱକପ୍ ଜିତିବରେ ଦ୍ୱିତୀୟ ମୁଖ୍ୟ କୋଚ୍ ହେବେ। ସେହିପରି ସ୍ପେନ୍ ଜିତିଲେ ସେ ଭିନ୍‌ସେଣ୍ଟ ଡେଲ ବସ୍କୋଙ୍କ ପରେ ଦେଶର ଦ୍ୱିତୀୟ ମୁଖ୍ୟ କୋଚ୍ ହେବେ। ୯ ବର୍ଷ ପୂର୍ବେ ଡି ଲା ଫୁଏଣ୍ଟଙ୍କ ନିକଟରୁ ସ୍କୋଲାନି କୋଚିଂ କୋର୍ସରେ ପ୍ରଶିକ୍ଷଣ ନେଉଥିଲେ। ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି।



## ଜାପାନ ଓପନ୍ ଫାଇନାଲରେ ସିନ୍ଧୁ

ଟୋକିଓ, ୧୮।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଏଠାରେ ଚାଲିଥିବା ଜାପାନ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁଙ୍କ ମୁକାବିଲା ବିଶ୍ୱର ୪ ନମ୍ବର ଖେଳାଳି ଚାଇନାର ଚେନ୍ ୟୁଫେଇ'ଙ୍କ ସହ ହୋଇଥିଲା। ବିଶ୍ୱର ୯ ନମ୍ବର ଖେଳାଳି ସିନ୍ଧୁ ଏହି ମ୍ୟାଚରେ ୨୧-୧୯, ୧୫-୧୦ ଗେମରେ ଅଗ୍ରଣୀ ରହିଥିବାବେଳେ ଚେନ୍‌ଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ତେଣୁ ମ୍ୟାଚ୍ ଅଧାରୁ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଫଳରେ ସିନ୍ଧୁଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିସହ ସିନ୍ଧୁ ଦୁଇବର୍ଷ ପରେ କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷଥର ଲାଗି ସେ ୨୦୨୪ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିଥିଲେ। ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଘରୋଇ ଜାପାନର ଅକାନେ ୟାମାଗୁଚିଙ୍କ ସହ ହେବ। ଉଭୟଙ୍କ ମଧ୍ୟରେ ମୋଟ୍ ୨୯ଟି ମ୍ୟାଚ୍ ଖେଳାଯାଇଥିବାବେଳେ ସିନ୍ଧୁ ୧୫ ଓ ୟାମାଗୁଚି ୧୪ଟି ବିଜୟୀ ହୋଇଛନ୍ତି।

## ଖେଳ ଜାରି ରଖିବେ ରୋହିତ୍; ସାଇକିଆ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ବିସିସିଆଇ ରୋହିତ ଶର୍ମାଙ୍କ ଅବସର ନେଇ ଚାଲିଥିବା ଗୁଜବର ଅନ୍ତ ଘଟାଇଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି ଯେ ଇଂଲଣ୍ଡ ବିପକ୍ଷ ଲର୍ଡ୍ସ ଦିନିକିଆ ପରେ ରୋହିତ ଟିମ୍ ଇଣ୍ଡିଆ ପାଇଁ ଖେଳ ଜାରି ରଖିବେ। ପୂର୍ବରୁ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଥିଲା ଯେ ଇଂଲଣ୍ଡ ବିପକ୍ଷ ତୃତୀୟ ଦିନିକିଆ ପରେ ରୋହିତ ଦିନିକିଆ ଫର୍ମାଟରୁ ଅବସର ନେବେ। କିନ୍ତୁ ବିସିସିଆଇ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ବୋଲି ଖାରଜ କରିଛି। ଯେଉଁଥିରେ ଦାବି କରାଯାଇଥିଲା ଯେ ଚୟନକର୍ତ୍ତା ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀର ୨୦୨୭ ବିଶ୍ୱକପ୍ ଯୋଜନାରୁ ରୋହିତ ଶର୍ମାଙ୍କୁ ବାଦ ଦେଇଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬ | ପତାକା ଧରିବେ ମୀରାବାଈ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଜୁଲାଇ ୨୩ରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବାକୁ ଯାଉଛି। ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳନକାରୀ ମୀରାବାଈ ଚାନୁ ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ସମାରୋହରେ ଜାତୀୟ ପତାକା ଧରିବେ। ଭାରତୀୟ ଅଲିମ୍ପିକ୍ ମହାସଂଘ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି। ଏହି ସମାରୋହରେ ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିବେ ବୋଲି ମଧ୍ୟ ମହାସଂଘ କହିଛି। ଗତ ଏକ ଦଶନ୍ଧି ଧରି ମୀରାବାଈ ଦେଶର ଏକ ନମ୍ବର ଭାରୋତ୍ତୋଳିକା ରହିଆସିଛନ୍ତି। ସେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତିଥିଲେ।

## ମାଡ୍ରାସ ଏଫ୍‌ସି ତାମିଲନାଡୁର ପ୍ରଥମ ୫ତାରକା ଏକାଡେମୀ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ଚେନ୍ନଇ ସ୍ଥିତ ମାଡ୍ରାସ ଏଫସି ଅତ୍ୟାଧୁନିକ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ରକୁ ଏଆଇଏଫଏଫ ପଞ୍ଚତାରକା ମାନ୍ୟତା ପ୍ରଦାନ କରିଛି। ଏହା ତାମିଲନାଡୁର ପ୍ରଥମ ସ୍ୱୀକୃତିପ୍ରାପ୍ତ ୫ ତାରକା ଏକାଡେମୀ। ଚଳିତବର୍ଷ ୧୬୪ଟି ଏକାଡେମୀ ଏଆଇଏଫ୍‌ଏଫ୍‌ର ସ୍ୱୀକୃତି ଲାଗି ଆବେଦନ କରିଥିଲେ। ଏହା ମଧ୍ୟରୁ ୧୪୨କୁ ସ୍ୱୀକୃତି ମିଳିଛି।

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତଃ ମନୋଜ କୁମାର ସାହାଣି (ମାଇନ)
ଜାରକା, ଯାଜପୁର
ଆବିର୍ଭାବ : ତା -୨୬. ୧୧.୧୯୪୬ ରିଖ / ତିରୋଧାନ : ତା -୦୯. ୦୭. ୨୦୨୬ ରିଖ
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-: ଶୋକସନ୍ତପ୍ତ :-
ଶୋକସନ୍ତପ୍ତ : ଧର୍ମପତ୍ନୀ - ସାବିତ୍ରୀ,
ବଡଭାଇ କାର୍ତ୍ତିକ ଚନ୍ଦ୍ର ସାହାଣି, ପୁଅ - କାଳିଆ, ବଳିଆ, ଫୁକୁଆ, ଟିଟୁଆ, ମିଟନ, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ, ବଂଧୁ ପରିବାର ଓ ଆତ୍ମୀୟ ସ୍ୱଜନ।

## ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ

# ଲର୍ଡ୍ସରେ ନିର୍ଣ୍ଣାୟକ ଲଢ଼େଇ ଆଜି

ଲଣ୍ଡନ, ୧୮।୭ (ଏଜେନ୍ସି):

ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ। ଏହି ନିର୍ଣ୍ଣାୟକ ଲଢ଼େଇକୁ ଜିତି ଉଭୟ ଦଳ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ସିରିଜର ପ୍ରଥମ ମ୍ୟାଚକୁ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ଘରୋଇ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ଦିନିକିଆକୁ ୪ ୱିକେଟରେ ଜିତିନେଇଥିଲା। ଫଳରେ ସିରିଜ ଏବେ ୧-୧ରେ ବରାବର୍ ରହିଛି।

ଭାରତୀୟ ଦଳ ଏହି ମ୍ୟାଚ ବିଜୟୀ ହୋଇ ଟି-୨୦ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। କିନ୍ତୁ ରେକର୍ଡ ଉପରେ ନଜର ପକାଇଲେ ଗିଲ୍ ବାହିନୀ ପାଇଁ ଏଠାରେ ବିଜୟ ହାସଲ କରିବା ସହଜ ହେବନାହିଁ। ଏହି ଆଇକନିକ ଗ୍ରାଉଣ୍ଡରେ ଭାରତ ମୋଟ୍ ଉପରେ ୯ଟି ଦିନିକିଆ ମ୍ୟାଚ୍ ଖେଳିଥିବାବେଳେ ମାତ୍ର ୩ଟି ଜିତିଛି ଓ ୫ଟି ହାରିଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ୧୯୮୩ ବିଶ୍ୱକପ୍ ଫାଇନାଲ ଜିତିବା ଭାରତର ଏହି ଗ୍ରାଉଣ୍ଡରେ ପ୍ରଥମ ଦିନିକିଆ ବିଜୟ ଥିଲା। ଶେଷଥର ଲାଗି ୨୦୦୪ରେ ଭାରତ ଏଠାରେ ଏକ ଦିନିକିଆ ମ୍ୟାଚ୍ ଜିତିଥିଲା। ଏହାପରେ ପାଞ୍ଚଟି ଦିନିକିଆ ଖେଳିଥିବାବେଳେ ୪ଟି ହାରିଛି ଓ ଗୋଟିଏ ଟାଇ ରଖିଛି। ତେଣୁ ୨୨ ବର୍ଷ ହେଲା ଭାରତ ଏଠାରେ ଦିନିକିଆ ବିଜୟ ସ୍ୱାଦ ଚାଖିନି। ଅପରପକ୍ଷରେ ଭାରତ ଏହି ୩ୟ ମ୍ୟାଚ ଲାଗି ଦଳରେ ଗୋଟିଏ ପରିବର୍ତ୍ତନ କରିଛି। ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତ ସମସ୍ୟା ଲାଗି ଶେଷ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଲରାଉଣ୍ଡର ହର୍ଷ ଦୁବେଙ୍କୁ ଦଳରେ ସାମିଲ କରାଯାଇଛି। ଅପରପକ୍ଷରେ ପୂର୍ବରୁ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ଇଂଲଣ୍ଡ ୪-୦ରେ କ୍ଲିନସୁଇପ୍ କରିଥିଲା। ତେଣୁ ହ୍ୟାରୀ ବ୍ରୁକଙ୍କ ଦଳ ନିକଟରେ ସିରିଜ ସୁଇପ୍‌ର ସୁଯୋଗ ରହିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS